

ଶାମିଙ୍କୁ ନେଇ ଟିମ୍ ଇଣ୍ଡିଆର ଚିନ୍ତା ବଢ଼ିଲା

ପୃଷ୍ଠା ୭


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 197 | ଭାଗ ୩୨ | ସଂଖ୍ୟା ୧୯୭ Bhubaneswar | Sunday 06 October 2024 | Page 8 Rs. 4.00 ଭୁବନେଶ୍ୱର | ରବିବାର ୬ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଡବଲ୍ ଇଞ୍ଜିନ୍‌ରେ ଡବଲ୍ ଫାଇଦା



## ଚାଷୀଙ୍କୁ ମୋଦୀଙ୍କ ଦଶହରା ଭେଟି

## ପିଏମ୍ କିଷାନରେ ସାମିଲ ହେବେ ରାଜ୍ୟର ସବୁଚାଷୀ

## ଓଡ଼ିଶାର ୩୧.୫୧ ଲକ୍ଷ ଚାଷୀଙ୍କୁ ମିଳିଲା ସହାୟତା

**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ରର ୱାସିମଠାରେ ପିଏମ କିଷାନ ସମ୍ମାନନିଧିର ୧୮ତମ କିସ୍ତି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଶର ୯କୋଟି ୪୦ ଲକ୍ଷ କୃଷକଙ୍କୁ ୨୦ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ହସ୍ତାନ୍ତର କରାଯାଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ଚାଲିଥିବା ରାଜ୍ୟର କୃଷକ ମାନେ ଡବଲ ଫାଇଦା ପାଉଛନ୍ତି। ଆମ ସରକାରରେ ସବୁ ନିର୍ଣ୍ଣୟ ଓ ନୀତି ବିକଶିତ ଭାରତ ଗଠନକୁ ଆଖି ଆଗରେ ରଖି ଗ୍ରହଣ କରାଯାଉଛି। ଆମର ଏହି ନୀତି ଓ ନିର୍ଣ୍ଣୟ ସମାଜର ବଞ୍ଚିତ ଶ୍ରେଣୀକୁ ଆଗକୁ ବଢ଼ିବା ପାଇଁ ସାହାଯ୍ୟ କରୁଛି।

ଏହି ଅବସରରେ ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ପିଏମ କିଷାନର ୧୮ତମ କିସ୍ତି ପ୍ରଦାନ ଉତ୍ସବକୁ ସାରା ଦେଶ ପିଏମ କିଷାନ ଉତ୍ସବ ଦିବସ ରୂପେ ପାଳନ କରୁଛି। ଏହି ଯୋଜନା ମାଧ୍ୟମରେ ବର୍ଷକୁ ତିନୋଟି କିସ୍ତିରେ ୬ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। କୃଷକଙ୍କ ବିକାଶ ଓ ଦାରିଦ୍ର୍ୟ ହ୍ରାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ କେନ୍ଦ୍ର ସରକାର ଏହି ଯୋଜନାର ଆରମ୍ଭ କରିଥିଲେ। ଆଜି ୧୮ତମ କିସ୍ତି ପ୍ରଦାନ ଜରିଆରେ ଓଡିଶାର ୩୧ ଲକ୍ଷ ୫୧ ହଜାର ୭୦୦ ଚାଷୀ ଉପକୃତ ହେଲେ। ପୂର୍ବରୁ ବରଗଡରୁ ଦିଆଯାଇଥିବା ୧୭ତମ କିସ୍ତିରେ ରାଜ୍ୟର ୨୯ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହୋଇଥିଲେ। ପିଏମ କିଷାନ ଯୋଜନା ସହିତ ରାଜ୍ୟ ସରକାର ରାଜ୍ୟରେ ସିଏମ କିଷାନ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିଛନ୍ତି। ଯେଉଁଥିରେ କ୍ଷୁଦ୍ର ଏବଂ ନାମ ମାତ୍ର ଚାଷୀଙ୍କୁ ଦୁଇଟି କିସ୍ତିର ୪ହଜାର ଟଙ୍କା ପ୍ରଦାନ କରାଯାଉଛି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ସଂପୂର୍ଣ୍ଣ ସ୍ୱଚ୍ଛତାର ସହ ହସ୍ତାନ୍ତର କରାଯାଉଛି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ପିଏମ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଆମର ଲକ୍ଷ୍ୟ। ଏଥି ପାଇଁ ନୂଆଖାଇ ଠାରୁ ଆମେ ଏକ ଦୁଇ ମାସିଆ ସାଚୁରେସନ ଡ୍ରାଇଭ ପ୍ରୋଗ୍ରାମ ଆରମ୍ଭ କରିଛୁ। ପ୍ରତି ବ୍ଲକ ସ୍ତରରେ ଜନ ସେବା କେନ୍ଦ୍ର ସହାୟତାରେ ଚାଷୀ ଭାଇ ମାନେ ସେମାନଙ୍କ ନାମ ପଞ୍ଜିକରଣ ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ନିଶୁଳ୍କ ଭାବେ କରିପାରିବେ, ସିଏମ କିଷାନ ପାଇଁ ମଧ୍ୟ ଏଥିରେ ସୁବିଧା ଉପଲବ୍ଧ ରହିଛି। ରବି ଫସଲରେ ପିଏମ କିଷାନ ସହାୟତାକୁ ଫଳପ୍ରଦ ଭାବେ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ସବୁ କୃଷକ ବନ୍ଧୁ ମାନଙ୍କୁ ଅନୁରୋଧ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା ➺ ପୃଷ୍ଠା-୬

# ପ୍ରାଥମିକ ଶିକ୍ଷାରେ ମାଇଲ୍‌ଷ୍ଟୋନ୍



**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ନବ ନିଯୁକ୍ତ ୧୬ ହଜାର ୯ଜଣ କନିଷ୍ଠ ଶିକ୍ଷକଙ୍କ ପାଇଁ ନିଯୁକ୍ତି ସମାରୋହ ଓ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ନବ ନିଯୁକ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗୁରୁଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଥାଏ। ଆଜିର ଶିକ୍ଷା ବ୍ୟବସ୍ଥାରେ ପ୍ରାଚୀନ ଗୁରୁକୁଳ ପରମ୍ପରା ଆଉ ନାହିଁ, ଆମର ଶିକ୍ଷା ବ୍ୟବସ୍ଥା ଆଧୁନିକତାକୁ ଆପଣାଇଛି। କିନ୍ତୁ, ଏହା ଅନସ୍ୱୀକାର୍ଯ୍ୟ ଯେ ଆଜି ମଧ୍ୟ ମାନବ ଜୀବନକୁ ଗଢି ତୋଳିବାରେ ଶିକ୍ଷକ ହିଁ ସବୁଠାରୁ ବଡ ଭୂମିକା ତୁଲାଇଥାନ୍ତି। ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନେ ନିଜ ଜୀବନର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛନ୍ତି। କଞ୍ଚାମାଟିକୁ ନିଜ ହାତର ସ୍ପର୍ଶ ଦେଇ କୁମ୍ଭାର ଯେମିତି ସୁନ୍ଦର କୃତି ନିର୍ମାଣ କରିଥାଏ, ଠିକ ସେହିପରି, ଏକ ନିଷ୍ପାପ ଶିଶୁକୁ ଦାୟିତ୍ୱସମ୍ପନ୍ନ ତଥା ଜ୍ଞାନୀ ଗୁଣୀ ଭାବେ ଗଢି ତୋଳିବାର ଗୁରୁଦାୟିତ୍ୱ ଆପଣମାନଙ୍କ କାନ୍ଧରେ ରହିଛି। ଆପଣମାନେ ସମସ୍ତେ ନିଜ ଯୋଗ୍ୟତା ବଳରେ ଶିକ୍ଷକତା ପଦ ହାସଲ କରିଛନ୍ତି। ଆଜି ଠାରୁ ଆପଣମାନେ କେବଳ ଜଣେ ଜଣେ ସରକାରୀ ଚାକିରିଆ ନୁହନ୍ତି, ଆପଣମାନେ ପ୍ରତ୍ୟେକ ହେଉଛନ୍ତି ଜଣେ ଜଣେ ମଣିଷ ଗଢା ଶିଳ୍ପୀ। ଶିକ୍ଷକତା ହେଉଛି ଏ ଦୁନିଆରେ ସବୁଠୁ ମହତ କାର୍ଯ୍ୟ, ସବୁଠାରୁ ସମ୍ମାନସ୍ପଦ ବୃତ୍ତି। ଆଜି ସେହି ମହତ କାର୍ଯ୍ୟ କରିବାକୁ ଆପଣମାନେ ସବୁ ଯୋଗ୍ୟ ହୋଇଥିବାରୁ ମୁଁ ଆପଣ ମାନଙ୍କୁ ଅଭିନନ୍ଦନ ଜଣାଉଛି।

ଏ ସମାଜରେ ଆପଣମାନେ ଅଗ୍ରପୂଜ୍ୟ। ଜଣେ ବ୍ୟକ୍ତି ପାଇଁ ଜୀବନରେ ନିଜ ବାପମା'ଙ୍କ ବ୍ୟତିତ ଯଦି ଅନ୍ୟ କେହି ପ୍ରାତଃ ସ୍ମରଣୀୟ ହୋଇଥାଏ ସେ ହେଉଛନ୍ତି ତାଙ୍କର ଗୁରୁ ଓ ଶିକ୍ଷକ। ବାପା ମା ଜନ୍ମ ଦେଇଥାନ୍ତି, ହେଲେ ତାକୁ ଶିକ୍ଷା ଓ ସଂସ୍କାରର ଦୀକ୍ଷାରେ ମଣ୍ଡିତ କରିଥାନ୍ତି ଗୁରୁମାନେ। ତାହା କରିବାକୁ ଗୁରୁମାନେ ଯେଉଁ ତ୍ୟାଗ କରିଥାନ୍ତି ତାର ପଟାନ୍ତର ନାହିଁ। ଏ ଗୁରୁଦାୟିତ୍ୱ ମୁଣ୍ଡାଇବାକୁ ଯାଉଥିବା ➺ ପୃଷ୍ଠା-୬

### ଏକକାଳୀନ ନିଯୁକ୍ତି ପାଇଲେ ୧୬ ହଜାର ଶିକ୍ଷକ

### ନୂତନ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ୫ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ

### ଶିକ୍ଷାଦାନକୁ 'ଆନନ୍ଦମୟ' କର, ପିଲାଙ୍କୁ ଶିକ୍ଷିତ ଓ ନିର୍ଭିକ କରି ଗଢି ତୋଳ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

## ଶିକ୍ଷକ ନିଯୁକ୍ତି କଳି

# ଫେଲ୍ ପିଲା ସାରଙ୍କୁ ଦୋଷ ଦିଅନ୍ତି

### ମଲା ହରିଣ ଉପାଖ୍ୟାନ କହି ଫସିଗଲା ବିଜେଡି

### ବିଜେଡିକୁ ଡରାଉଛି ଧର୍ମେନ୍ଦ୍ରଙ୍କ ଛାଇ

ସ୍କୁଲରେ ପାଠ ନପଢି ଫେଲ ହେଉଥିବା ହେଉଥିବା ପିଲା ଯେମିତି ସବୁ ଦୋଷ ଶିକ୍ଷକଙ୍କ ମୁଣ୍ଡରେ ଲଦି ଖସିଥାଏ ଠିକ୍ ସେମିତି ଆଜି ଶିକ୍ଷକ ନିଯୁକ୍ତି ନକରିପାରିବାର ଅପାରଗତାକୁ ବିଜେପି ମୁଣ୍ଡରେ ଥୋଇବାକୁ ଉଦ୍ୟମ କରିଛି ବିଜେଡି । ୨୫ବର୍ଷର ଶାସନ କାଳରେ କେବଳ ବିଦ୍ୟାଳୟରେ ରଙ୍ଗମାରି ନିଜର ପ୍ରଚାର ଚଳାଇଥିବାବେଳେ ଭୋଟକୁ ଦୃଷ୍ଟିରେ ରଖି ଶିକ୍ଷକ ନିଯୁକ୍ତି ଯୋଜନା କରିଥିଲେ। ହେଲେ ସେଥିରେ ସଫଳ ହୋଇପାରିନଥିଲେ। ସେହି ବିଫଳତାକୁ ଏବେ ବିଜେପି ମୁଣ୍ଡରେ ରଖି ଖସିବାକୁ ଉଦ୍ୟମ କରିଛି। ଆଜି ରାଜ୍ୟରେ ୧୬ ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଥିବାବେଳେ ବିଜେଡି କିନ୍ତୁ ଏହାକୁ କଡା ସମାଲୋଚନା କରିଛି। ସିଧା ସିଧା କହିଛି ବିଜେପି ମଲା ହରିଣକୁ ଶିକାର କରି ବାହାବା ନେଉଛି । ତେବେ କିଛି ଅଭିଭାବକ ପ୍ରଶ୍ନ କରିଛନ୍ତି ଯେ ହରିଣ ଶିକାର ପାଇଁ ବିଜେଡିକୁ କିଏ ମନା ➺ ପୃଷ୍ଠା-୬

# ହରିଆଣାରେ କଂଗ୍ରେସ, ଜାମ୍ମୁ କାଶ୍ମୀରରେ ଝୁଲା ସ୍ଥିତି

## ପିଡିପି ହୋଇପାରେ କିଙ୍ଗ୍ ମେକର

**ନୂଆଦିଲ୍ଲୀ, ୫।୧୦(ଏଜେନ୍ସି):** ହରିଆଣା ଓ ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ଶେଷ ହୋଇଛି। ହରିଆଣାରେ ଶନିବାର ମତଦାନ ଶେଷ ହେବା ପରେ ବୁଥ୍ ଫେରନ୍ତା ଜନମତ(ଏକ୍‌ଜିଟ୍ ପୋଲ୍) ପ୍ରକାଶ ପାଇଛି। ଆକଳନ ଅନୁଯାୟୀ ହରିଆଣାରେ ଦୀର୍ଘ ୧୦ ବର୍ଷ ପରେ କଂଗ୍ରେସ କ୍ଷମତାକୁ ଫେରିବ। ୯୦ ବିଧାନସଭା ଆସନରେ କଂଗ୍ରେସ ସରକାର ଗଢ଼ିବା ପାଇଁ ଉଦ୍ଦିଷ୍ଟ ମ୍ୟାଜିକ୍ ନମ୍ବର ଠାରୁ ଅଧିକ ଆସନ ପାଇବ। ରାଜ୍ୟର ଅନ୍ୟପକ୍ଷରେ କ୍ଷମତାରେ ଥିବା ବିଜେପି ବିରୋଧୀ ଆସନରେ ବସିବାର ସମ୍ଭାବନା ସୃଷ୍ଟି ହୋଇଛି। ସବୁ ସଂସ୍ଥାଙ୍କ ଏକ୍‌ଜିଟ୍ ପୋଲ୍ ସର୍ଭେରେ ବିଜେପି ସରକାର ଗଢ଼ିବା ଭଳି ଜନାଦେଶ ପାଇ ନ ପାରେ। କିନ୍ତୁ ଜାମ୍ମୁ କାଶ୍ମୀରରେ ବିଜେପି କିମ୍ବା କଂଗ୍ରେସ କାହାରିକୁ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ମିଳିବ ନାହିଁ। ୨୦୧୪ ନିର୍ବାଚନ ଓ ୨୦୧୯ ଅକ୍ଟୋବର ୩୧ରେ ୩୭୦ ଧାରା ଉଚ୍ଛେଦ କରାଯିବା ପରେ ଜାମ୍ମୁ କାଶ୍ମୀରରେ ପ୍ରଥମ କରି ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଛି। ବିଜେପି ଅଧିକ ଆସନରେ ଜିତିଲେ ବି ସରକାର ଗଢ଼ିବା ପାଇଁ ମ୍ୟାଜିକ ନମ୍ବର ଛୁଇଁ ନ ପାରେ ବୋଲି ଦର୍ଶାଯାଇଛି। ରାଜ୍ୟରେ ଆସନ ସଂଖ୍ୟା ୯୦ ଓ ମ୍ୟାଜିକ ନମ୍ବର ହେଉଛି ୪୬। ,ଠାରେ ପିଡିପି କିଙ୍ଗ୍ ମେକର ବନିପାରେ ବୋଲି ଆକଳନ କରାଯାଇଛି। ୨୦୧୪ ଓ ୨୦୧୯ରେ ହରିଆଣାରେ ➺ ପୃଷ୍ଠା-୬

## ବିଜେପିର ଟେନ୍‌ସନ ହରିଆନା ଆକଳନ

- ପଞ୍ଜାବ ଚାଷୀଙ୍କ ପାଇଁ ବାଟ ଖୋଲିଯିବ
- ଟ୍ରାକ୍ଟର ରାଲି ଆଉ ବାଟରେ ଅଟକିବନି

**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ହରିଆନା ନିର୍ବାଚନର ପୂର୍ବାନୁମାନ ଏବେ ବିଜେପିର ଟେନ୍‌ସନ ବଢାଇଛି । ପ୍ରାୟ ସମସ୍ତ ଏକ୍‌ଜିଟ୍ ପୁଲ୍ ସର୍ଭେରେ ୯୦ ଆସନ ବିଶିଷ୍ଟ ହରିଆନାରେ କଂଗ୍ରେସ ବହୁମତ ପାଇବ ବୋଲି ପ୍ରଚାର ହେଉଛି। ଯଦି ଏଭଳି ହେଲା ତେବେ ପଞ୍ଜାବରୁ ସିଧା ଦିଲ୍ଲୀକୁ ରାସ୍ତା କ୍ଲିୟର ହୋଇଯିବ ଏବଂ ପଞ୍ଜାବର ଚାଷୀମାନେ ଯେତେବେଳେ ଚାହିଁବେ ➺ ପୃଷ୍ଠା-୬

## ଆଇଆଇସିଙ୍କ ହରିଣ ଭୋଜି



**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ଫାଇଦା ପାଇବା ପାଇଁ ମଣିଷ କିଛି ବି କରିପାରେ। ନୀତି ନୈତିକତା ହରାଇ ବି ପାରେ। ଚୌକି ସୁରକ୍ଷିତ ରଖିବା ସହ ଡିସିପିଙ୍କ ପ୍ରିୟ ହୋଇ ରହିବା ପାଇଁ ଜଣେ ଆଇଆଇଆସିଙ୍କ ଏଭଳି ଏକ ମାଂସ ଭୋଜି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବଡ଼କଥା ହେଉଛି ଏ ଭୋଜି ଏବେର ନୁହେଁ । କିନ୍ତୁ ଯେହେତୁ ବଡ଼ ବାବୁ ମାନଙ୍କ ବଦଳି ହୋଇଛି। ତେଣୁ ତାଙ୍କ ଥିବା ସମୟରେ ତାଙ୍କ ଛତ୍ରଛାୟାରେ ରହି ଜଣେ ଆଇଆଇସିଙ୍କ ଏଭଳି ଭୋଜି ଏବେ ପୋଲିସ ମହଲରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ଏପରିକି ଘଟଣାର ଭିତିରିଆ ତଦନ୍ତ ମଧ୍ୟ ଆରମ୍ଭ କରିଛି ଡିଜି ଅଫିସ ।

ଏବେ ଆସନ୍ତୁ ପୁରା ଖବର ଜାଣିବା। ଚନ୍ଦକା ଥାନା ଅଞ୍ଚଳରେ ରହିଛି ଏକ ଘଞ୍ଚ ଜଙ୍ଗଲ ଭରା ଫାର୍ମ ହାଉସ। ଦାରୁଠେଙ୍ଗ ଅଞ୍ଚଳର ଜଣଙ୍କ ମାଲିକାନାରେ ଥିବା ଏହି ଫାର୍ମ ହାଉସରେ କିଛିଦିନ ତଳେ ଚାଲିଥିଲା କେନ୍ଦୁଝର ରୁ ଆସିଥିବା ଖାସି ଭୋଜି। ଭୋଜିର ଆୟୋଜନ କରିଥିଲେ ପୂର୍ବତନ ଡିସିପିଙ୍କ ଖାସ ବୋଲି କହି ବୁଲୁଥିବା ଅଫିସର। କଟକରେ ଥିବା ବେଳଠୁ କୁଆଡେ ଏହି ଫାର୍ମ ହାଉସ ସମ୍ପର୍କରେ ଜାଣିଥିଲେ କରିତକର୍ମା ଆଇଆଇସି ଜଣଙ୍କ । ଚନ୍ଦକା ଥାନାର ଜନୈକ ତତ୍କାଳୀନ ଆଇଆଇସି ଜଣଙ୍କ ତାଙ୍କର ବନ୍ଧୁ ହୋଇଥିବାରୁ ବର୍ଷକ ରେ ଥରେ ଏଠାରେ ହୁଏ ଖୁବ ମସ୍ତି । ଏଥର ମଧ୍ୟ ହୋଇଥିଲା ଭୋଜି । ଖୋଜା ପଡିଥିଲେ ଅତିରିକ୍ତ ଡିସିପିଠାରୁ ଏସିପି ଓ ଆଇଆଇସି ପର୍ଯ୍ୟନ୍ତ ପ୍ରାୟ ୩୦ ଅଫିସର । ଡିସିପିଙ୍କୁ କିନ୍ତୁ ଏଠାକୁ ଡକାଯାଇନଥିଲା। ଛଟା ଚିଙ୍ଗୁଡ଼ି, ଗୋଟା ପୋହଳା, ଦେଶୀ କୁକୁଡ଼ା, କେନ୍ଦୁଝର ଗଞ୍ଜା ସାଙ୍ଗକୁ ବିଦେଶୀ ମଦ। ମାହୋଲ ପୁରା ସରଗରମ କରି ରଖିଥିଲେ ଆଇଆଇସି ଜଣଙ୍କ । ଖାଇବା ବଢା ହେବା ବେଳକୁ ପ୍ରସ୍ତୁତ ହୋଇ ରହିଥିଲା ଗୁପ୍ତ ଭାବରେ ପ୍ରସ୍ତୁତ ହରିଣ ମାଂସ। ବନ ବିଭାଗର ଜଣେ ଦଲାଲ ସହାୟତାରେ ପହଞ୍ଚିଥିଲା ରନ୍ଧା ହରିଣ ମାଂସ। ନିଶାରେ ଏସବୁ ଖାଇ ଗୀତରେ ଝୁମିବାରେ ଲାଗିଥିଲେ ଅଫିସର। ସମସ୍ତେ ଖାଇ ପିଇ ➺ ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ଛାଡ଼ିଲେ ହର୍ଷବର୍ଦ୍ଧନ ପାଟିଲ। ସେ ଏନ୍‌ସିପି(ଏସ୍ପି)ରେ ଯୋଗଦେବେ ବୋଲି ଘୋଷଣା କଲେ। ନିକଟରେ ଆଉଜଣେ ନେତା ସମରଜିତସିନ୍ ଘଟଗେ ବିଜେପି ଛାଡ଼ିଥିଲେ।
- ସାମରିକ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତ ଆଗୁଆ ଥିଲେ ବି ଉତ୍ପାଦନ କ୍ଷେତ୍ରରେ ଚୀନ୍ ଠାରୁ ପଛୁଆ ବୋଲି କହିଲେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହ।
- ହରିଆଣା ବିଧାନସଭା ନିର୍ବାଚନ ଶେଷ ହୋଇଥିବା ବେଳେ ବିଜେପି ସରକାର ଗଢ଼ିବ ଓ ଦଳର ବରିଷ୍ଠ ନେତା ଭାବେ ସେ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରଥମ ଦାବିଦାର ବୋଲି ଦୃଢ଼ୋକ୍ତି କଲେ ଅନୀଲ ଭିଜ।
- ଭିୱାଣ୍ଡି ତାଲୁକସ୍ଥିତ ଏକ ପଣ୍ୟାଗାରରେ ଅଗ୍ନିକାଣ୍ଡ: ବିପୁଳ ପରିମାଣର ଗାର୍ମେଣ୍ଟ, ପ୍ଲାଷ୍ଟିକ ସାମଗ୍ରୀ, ତୈଳ ଆଦି ସାମଗ୍ରୀ ଭସ୍ମ।
- ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ମହିଷାମାରିରେ କୋଚିଂ ସେଣ୍ଟର ଯାଇଥିବା ଏକ ନାବାଳିକାକୁ ଅପହରଣ ପରେ ହତ୍ୟା। ଉତ୍ତ୍ୟକ୍ତ ଜନତା ନିକଟରେ ଥିବା ପୋଲିସ କ୍ୟାମ୍ପ ଜାଳିଦେଲେ।
- ଇରାନର ଆଣବିକ କେନ୍ଦ୍ର ଉପରେ ଇସ୍ରାଏଲ ଆକ୍ରମଣ କରିବା ଉଚିତ ବୋଲି ରିପବ୍ଲିକାନ ରାଷ୍ଟ୍ରପତି ପ୍ରତ୍ୟାଶୀ ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟ।
- ଥାଣେ ଇଣ୍ଟିଗ୍ରାଲ ରିଙ୍ଗ ମେଟ୍ରୋ ରେଲ୍ ପ୍ରକଳ୍ପ ଓ ନବି ମୁମ୍ବାଇ ଏୟାରପୋର୍ଟ ଇନ୍‌ଫ୍ଲୁଏନ୍ସ ନୋଟିଫାଏଡ୍ ଏରିଆ (ନୈନା) ପ୍ରକଳ୍ପର ଶୁଭ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।
- ହାଇବକ୍ସ ଆପ୍ ଜରିଆରେ ୫୦୦ କୋଟି ଟଙ୍କା ଠକେଇ ମାମଲାରେ ବଲିଉଡ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କୁ ଜେରା ପାଇଁ ଦିଲ୍ଲୀ ପୁଲିସର ନୋଟିସ।

# ଟିଟିଏସ୍: ବିଏମ୍‌ସି ଅଧିକାରୀଙ୍କ ଦୁଧିଆଳୀ ଗାଈ

- ପରିଚାଳନା ପାଇଁ ଠିକା ଦେଲେ
- ନିଜ ପାଣ୍ଠିରୁ ବି କୋଟି କୋଟି ଖର୍ଚ୍ଚ
- ଧୂଳି, ଗନ୍ଧ ରୋକିବାକୁ ପୁଣି କିଣିବେ ମେସିନ୍

**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ଗାଡ଼କଣରେ ବିଏମ୍‌ସି ପ୍ରସ୍ତୁତ କରିଛି ଟେମ୍ପୋରାରି ଟ୍ରାଞ୍ଜିଟ୍ ଷ୍ଟେସନ(ଟିଟିଏସ୍)। ସହରରୁ ଆବର୍ଜନା ସଂଗ୍ରହ ହେବା। ଛୋଟ ଛୋଟ ଗାଡ଼ି ଆଣି ଏଠାରେ ଆବର୍ଜନା ଗଦା କରିବା ପରେ ବଡ଼ଗାଡ଼ିରେ ଏଠାରୁ ଆବର୍ଜନା ଦାରୁଠେଙ୍ଗର ଭୁଆସୁଣି ଡମ୍ପିଂ ୟାର୍ଡକୁ ନେଉଥିଲେ। ହେଲେ ବିଭିନ୍ନ ସମୟରେ ଉପୁଜୁଥିବା ସମସ୍ୟା ଯୋଗୁ ଏଠାରେ ପାହାଡ଼ ଭଳି ଆବର୍ଜନା ଜମା ହୋଇଗଲା। ଦୁର୍ଗନ୍ଧରେ ସାରା ଭୁବନେଶ୍ୱର ଫାଟି ପଡ଼ିଲା। ମାମଲା ନାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ରେ ପହଞ୍ଚିବା ପରେ ଏଠାରୁ ଆବର୍ଜନା ସଫା କରିବା ପାଇଁ ବିଏମ୍‌ସି ଅଣ୍ଟା ଭିଡ଼ିଲା। ଏନ୍‌ଜିଟି ଆଦେଶ ଆଳରେ କୋଟି କୋଟି ଟଙ୍କା ବରବାଦ ହେଲା। ଗଦା ହୋଇଥିବା ଆବର୍ଜନା ପରିଚାଳନା ପାଇଁ ବିଏମ୍‌ସି ଏକାଧିକ ସଂସ୍ଥାଙ୍କୁ ଠିକା ଦେଲା। ହେଲେ ନିଜ ପାଣ୍ଠିରୁ ବି କୋଟି କୋଟି ଟଙ୍କା ଖର୍ଚ୍ଚ କଲା। ନିଜ ପାଣ୍ଠିରୁ ମେସିନ୍ ଲାଗି ଆବର୍ଜନା ପାହାଡ଼ ଖୋଳାଇଲା। ରାସ୍ତା ଠାରୁ ପ୍ଲାଟ୍ ଫର୍ମ ପର୍ଯ୍ୟନ୍ତ ବିଏମ୍‌ସି ପ୍ରସ୍ତୁତ କଲା। ଯେଉଁ କାମ ଏଠାରେ କମ୍ ପଇସାରେ ହେବା କଥା ସେ କାମକୁ ସିମେଣ୍ଟ କମ୍ପାନି ଜରିଆରେ କରାଇଲେ। ଏ ସବୁରେ ଯାହା ଖର୍ଚ୍ଚ ହେଲା, ଯାହା ପିସି ବାବଦକୁ ଅଧିକାରୀଙ୍କ ପକେଟ୍‌କୁ ଗଲା। ଏବେ ଏଥିରୁ ଉଡୁଥିବା ଧୂଳି ଓ ଗନ୍ଧ ରୋକିବା ପାଇଁ ବିଏମ୍‌ସି ପୁଣି ଥରେ ଏବେ ମେସିନ୍ କିଣିବାକୁ ଯାଉଛି। ଏଥିରେ ମଧ୍ୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ। ଏନ୍‌ଜିଟିରେ ବିଏମ୍‌ସି କରିଥିବା ସତ୍ୟପାଠ ମୁତାବକ, ଆସନ୍ତା ବର୍ଷ ଏଠାରେ ଆଉ ଆବର୍ଜନା ନଥିବ। ଏଠାରେ ଏକ ସୁନ୍ଦର ➺ ପୃଷ୍ଠା-୬

# ଡିଏମ୍‌ଏଫ୍ ସ୍କାମ୍‌ର ହେବ ତଦନ୍ତ: ଚିନ୍ତାରେ ଆଶିଷ, ନିଖିଳ





**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ବିଜେପି ସରକାର ଗଠନ ହେବା ପରଠାରୁ ଜିଲ୍ଲା ଖଣିଜ ଫାଉଣ୍ଡେସନ୍ (ଡିଏମ୍‌ଏଫ୍)ର କାର୍ଯ୍ୟକଳାପ ଉପରେ ବହୁ ପ୍ରତୀକ୍ଷିତ କାର୍ଯ୍ୟାନୁଷ୍ଠାନ ଏବଂ ବଡ଼ ଧରଣର ଅନିୟମିତତା ଅଭିଯୋଗ ଆସିବାରେ ଲାଗିଛି। ଡିଏମ୍‌ଏଫ୍‌ଗୁଡ଼ିକର କାର୍ଯ୍ୟକାରିତା ଏବଂ ଖଣି ଜିଲ୍ଲାଗୁଡ଼ିକରେ ସେମାନଙ୍କ ପାଣ୍ଠିରେ ହୋଇଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ମୂଲ୍ୟାଙ୍କନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଡିଏମ୍‌ଏଫ୍ ପରିଚାଳନାରେ ବ୍ୟାପକ ଦୁର୍ନୀତି, ଅପବ୍ୟବହାର ଓ ପାଣ୍ଠିର ଅପବ୍ୟବହାର ବିଜେପିର ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ ଥିଲା। ଏଭଳି ଅନିୟମିତତା ବିରୋଧରେ ଦୀର୍ଘଦିନ ଧରି ଆନ୍ଦୋଳନ କରୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷମତାକୁ ଆସିବା ପରେ ଡିଏମ୍‌ଏଫ୍‌ଗୁଡ଼ିକ ସ୍କାନରକୁ ଆସିବାକୁ ଯାଉଛି। ଡିଏମ୍‌ଏଫ୍ ପ୍ରକଳ୍ପର ତଦନ୍ତ ନିଷ୍ପତ୍ତି ପରେ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାପାଳ ଥିବା ନିଖିଳ ପବନ କଲ୍ୟାଣ ଏବଂ ଆଶିଷ ଠାକରେଙ୍କ ଚିନ୍ତା ବଢ଼ିଯାଇଛି। କାରଣ ନିଖିଳ ପବନ କଲ୍ୟାଣ ସୁନ୍ଦରଗଡ଼ ଜିଲ୍ଲାରେ ଜିଲ୍ଲାପାଳ ଥିବାବେଳେ ଡିଏମ୍‌ଏଫ୍ ଫାଣ୍ଠିରୁ ୨୦୨୧ରେ ସର୍ବାଧିକ ୩ହଜାର କୋଟିରୁ ଅଧିକ ଖର୍ଚ୍ଚ ହୋଇଛି। ଆଶିଷ ଠାକରେ କେନ୍ଦୁଝର ଜିଲ୍ଲାପାଳ ଭାବରେ ଦୀର୍ଘ ୬ବର୍ଷ କାମ କରିଛନ୍ତି। ତାଙ୍କ ସମୟରେ ଡିଏମ୍‌ଏଫ୍ ପାଣ୍ଠିରେ ବ୍ୟାପକ ଅପବ୍ୟବହାର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାୟକ ଥିବା ସମୟରେ ବାରମ୍ବାର ଅଭିଯୋଗ କରୁଥିଲେ। ତେଣୁ ଏହି ଦୁଇ ଆଇଏସ୍ ଅଫିସରଙ୍କ ଚିନ୍ତା ଏବେ ବଢ଼ିଯାଇଥିବା ପ୍ରଶାସନିକ ମହଲରେ ଆଲୋଚନା ହେଉଛି। ରାଜ୍ୟର ଡିଏମ୍‌ଏଫ୍ ପାଣ୍ଠି ମୁଖ୍ୟତଃ ମୁଖ୍ୟମନ୍ତ୍ରୀଙ୍କ ସଚିବ ତଥା ୫ଟି ଅଧ୍ୟକ୍ଷ ଭୈରବ କାର୍ତ୍ତିକେୟନ ପାଣ୍ଡିଆନଙ୍କ ପ୍ରଚାର ପ୍ରସାରରେ ଜିଲ୍ଲାପାଳମାନେ ଖର୍ଚ୍ଚ କରିଥିବା କୁହାଯାଉଛି।

ବର୍ତ୍ତମାନ ସୁଦ୍ଧା ଓଡ଼ିଶାରୁ ଡିଏମ୍‌ଏଫ୍ ଅଧୀନରେ ଲୁହାପଥର, କୋଇଲା, ମାଙ୍ଗାନିଜ୍ ଓ କ୍ରୋମ୍‌ରୁ ୨୧,୮୧୦ କୋଟି ଟଙ୍କା ସମେତ ମୋଟ୍ ୨୮,୨୨୦ କୋଟି ଟଙ୍କା ଆଦାୟ କରାଯାଇଛି, ଯାହା କି ଦେଶରେ ସର୍ବାଧିକ। ଅନୁଗୁଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା ଓ ମୟୂରଭଞ୍ଜ ଜିଲ୍ଲା ଡିଏମ୍‌ଏଫ୍ ସର୍ବାଧିକ ଅବଦାନ ରଖିଛନ୍ତି।

ଅନୁଗୁଳ, ଯାଜପୁର ଓ ଝାରସୁଗୁଡ଼ା ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକୁ ପ୍ରଥମ ପର୍ଯ୍ୟାୟରେ ମୂଲ୍ୟାୟନ ପାଇଁ ନେବାକୁ ଯୋଜନା ଓ ସମନ୍ୱୟ ବିଭାଗ ନିଷ୍ପତ୍ତି ନେଇଛି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ୩ଟି ଜିଲ୍ଲାରେ ଡିଏମ୍‌ଏଫ୍ ଅଧୀନରେ ୧୩,୨୪୪ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି।

ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ଲାଭବାନ ହୋଇଥିବା ଗ୍ରାମଗୁଡ଼ିକରେ ଯୋଜନାର କାର୍ଯ୍ୟକାରିତା ପ୍ରସଙ୍ଗ ଏବଂ ଉଚ୍ଚ ପ୍ରାଥମିକତା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ ପ୍ରଭାବ ଉପରେ ମୂଲ୍ୟାୟନରେ ଧ୍ୟାନ ଦିଆଯିବ। ଏଥିରେ ଡିଏମ୍‌ଏଫ୍‌ର କାର୍ଯ୍ୟକାରିତା ବ୍ୟବସ୍ଥା ଏବଂ ଉଦ୍ଦିଷ୍ଟ ହିତାଧିକାରୀଙ୍କ ଉପରେ ହସ୍ତକ୍ଷେପକୁ ମଧ୍ୟ ଯାଞ୍ଚ କରାଯିବା ସହ ଏହି ପ୍ରକ୍ରିୟାକୁ ପ୍ରଭାବିତ କରୁଥିବା ପ୍ରତିବନ୍ଧକଗୁଡ଼ିକୁ ଖୋଜି ବାହାର କରାଯିବ।

ସ୍ୱାସ୍ଥ୍ୟସେବା, ଶିକ୍ଷା, ପରିବେଶ ଓ ପ୍ରଦୂଷଣ ନିୟନ୍ତ୍ରଣ, ପରିମଳ, ଗୃହ ନିର୍ମାଣ, ମହିଳା, ଶିଶୁ ଓ ବୟସ୍କଙ୍କ କଲ୍ୟାଣ ଭଳି ଅଗ୍ରାଧିକାର କ୍ଷେତ୍ରରେ ୬୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଡିଏମ୍‌ଏଫ୍ ➺ ପୃଷ୍ଠା-୬

## ଡିଜି ହେବ ତ ଏମିତି



**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ସେ ଯେଉଁ ପଦରେ ରୁହନ୍ତି, ସଦାସର୍ବଦା ନିଜ ସହକର୍ମୀଙ୍କ ସୁରକ୍ଷା ଦିଗରେ ଅଧିକ ସଜାଗ ଓ ସଚେତନ ଥାଆନ୍ତି । କାହା ପ୍ରତି ବିପଦ ଆସିଲେ ନିଜେ ଛାତି ଦେଖାଇ ଛିଡା ହୁଅନ୍ତି। ଟୁଇନ ସିଟି ପୋଲିସ କମିଶନର ଥିବା ବେଳେ ଯାହା, ଆଜି ରାଜ୍ୟ ଡିଜିପି ଭାବେ ମଧ୍ୟ ସମାନ ଆଭିମୁଖ୍ୟ। ଡିଜିପି ଭାବେ ୱାଇ. ବି.ଖୁରାନିଆ ଆଜି ବୁର୍ଲା ଥାନା କନଷ୍ଟେବଲ ସରୋଜ ଭୋଇଙ୍କୁ ଭେଟିଛନ୍ତି। ଜଣେ ମହିଳା ଙ୍କୁ ଉଦ୍ଧାର କରିବାକୁ ➺ ପୃଷ୍ଠା-୬

# ମରଣଯନ୍ତା ପାଲଟିଛି ବାଲିଭଉଁରୀ-ଶିଖରଘାଟ ରାସ୍ତା



**ନାଉଗାଁ, ୫।୧୦ (ସଂଚାର ବ୍ୟୁରୋ):** ପୂର୍ତ୍ତ ବିଭାଗର ବାଲିଭଉଁରୀ-ଶିଖରଘାଟ ରାସ୍ତା ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ ଦେଇ ଶିଖରଘାଟକୁ ସଂଯୋଗ ହୋଇଛି। ରାସ୍ତାଟି ବ୍ଲକର ମୁଖ୍ୟ ସଂଯୋଗକାରୀ ରାସ୍ତା ହୋଇଥିବା ବେଳେ ପୁରୀ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଜିଲ୍ଲା ସମେତ ପାରାଦୀପ ଅସ୍ତରଙ୍ଗ ଆଦି ସ୍ଥାନକୁ ମୁଖ୍ୟତଃ ଏହି ରାସ୍ତା ଦେଇ ଯାନବାହନ ଯିବା ଆସିବା କରିଥାନ୍ତି। ଉକ୍ତ ରାସ୍ତାଟିର ଗୁରୁତ୍ୱ ରହିଥିବା ବେଳେ ବ୍ଲକଛକ, ମୁଗେଇ, ନାଉଗାଁ ବଜାର ଆଦି ସ୍ଥାନରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

ଖଇରା ଠାରୁ କୋକିଡିହ ପର୍ଯ୍ୟନ୍ତ ରାସ୍ତାଟି ଖାଲଖମାରେ ପୂର୍ଣ୍ଣ ହୋଇଥିବାରୁ ବିଭାଗ ପକ୍ଷରୁ ଏକ ମାସ ପୂର୍ବରୁ ପିଚୁ ରାସ୍ତାକୁ ଖୋଳି ଢଳେଇ ପକାଯାଇ ତାଳି ପକା କାର୍ଯ୍ୟ କରାଯାଇଥିଲା। କିନ୍ତୁ କିଛି ଦିନ ପରେ ରାସ୍ତାରୁ ପୁନର୍ବାର ପିଚୁ ସହ ଢଳେଇ ଉଠିଯିବାରୁ ଗୋଡି ଉଠିବା ଦେଖାଦେଇଛି। ରାସ୍ତା ସାରା ଖାଲ ହୋଇଥିବାରୁ ଲଘୁଚାପଜନିତ ବର୍ଷା ହେଲେ ଖାଲରେ ପାଣି ଜମି ରହୁଛି। ଯାହାଫଳରେ ବାଇକ, ସାଇକେଲ ଆରୋହୀ ଖାଲ ଜାଣି ନ ପାରିବାରୁ ଅନେକ ସ୍ଥାନରେ ଦୁର୍ଘଟଣା ଘଟୁଥିବାର ଦେଖିବାକୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ରାସ୍ତାରୁ ଗୋଡି ଉଠିବା ଦ୍ୱାରା ଯାନବାହାନ ଯିବା ସମୟରେ ଗୋଡି ଛିଟିକି ନିକଟସ୍ଥ ଦୋକାନ କିମ୍ବା ଜନସାଧାରଣଙ୍କ ଦେହରେ ମାଡ ହେଉଛି। ଯାହାଫଳରେ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ତେଣୁ ଉକ୍ତ ରାସ୍ତାକୁ ଯଥା ଶୀଘ୍ର ମରାମତି କରିବା ପାଇଁ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏବିଷୟରେ ବିଭାଗୀୟ ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କୁ ପଚାରିବାରେ ରାସ୍ତା ଖୁବ ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି।

### କ୍ୟାନସର ପୀଡିତ କୈଳାସଙ୍କ କରୁଣ କାହାଣୀ

# କାନ୍ଦି କାନ୍ଦି ସରକାରଙ୍କୁ ମାଗୁଛନ୍ତି ସାହାଯ୍ୟ

**କେନ୍ଦ୍ରାପଡ଼ା, ୫।୧୦ (ସଂଚାର ବ୍ୟୁରୋ):** କୈଳାସ କ୍ୟାନସର ରୋଗରେ ଆକ୍ରାନ୍ତ ହେବାପରେ ଲିଭି ଯାଇଛି ତାଙ୍କ ଜୀବନର ଲକ୍ଷ୍ୟ। ଏପଟେ ଗାଁ ଗାଁ ସାଇକେଲରେ ବୁଲିବୁଲି ଇମିଟେସନ୍ ସାମଗ୍ରୀ ବିକ୍ରୟକରି ପରିବାର ଚଳାଉଥିବା ଘରର ରୋଜଗାରିଆ ପୁଅ କୈଳାସ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇଥିବାରୁ କାନ୍ଦି କାନ୍ଦି ସରକାରଙ୍କୁ ସହାୟତା ମାଗିଛନ୍ତି ପରିବାର ଲୋକ।



କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ପରକୁଳା ଗ୍ରାମରେ ନିଜ ପରିବାର ସହିତ ରୁହନ୍ତି କ୍ୟାନସର ରୋଗରେ ପିଡିତ ଯୁବକ କୈଳାସ ଚନ୍ଦ୍ର ସାହୁ । ପରିବାର କହିଲେ ପତ୍ନୀ ସସ୍ମିତା, ତିନି ସନ୍ତାନ ଓ ବୁଢ଼ି ମା'ଙ୍କୁ ମିଶାଇ ସମୁଦାୟ ୫ଜଣ । କୈଳାସ ସାଇକେଲରେ ଗାଁ ଗାଁ ବୁଲି ଇମିଟ୍ରେସନ ସାମଗ୍ରୀ ବିକ୍ରୟ କରି ନିଜର ପରିବାର ଚଳାଇଥାନ୍ତି। ହସଖୁସୀରେ ଚଳୁଥିବା ବେଳେ ଦଇବ ସାଧିଲା ଦାଉ । ୨ବର୍ଷ ତଳେ ହଠାତ୍ କୈଳାସ ଅସୁସ୍ଥ ହୋଇପଡିଲେ। ଡାକ୍ତରଖାନା ଯାଇ ଡାକ୍ତରଙ୍କୁ ଦେଖାଇ ପରୀକ୍ଷା ନିରୀକ୍ଷା କରିବାପରେ ଜଣାପଡିଲା ସେ କ୍ୟାନସର ରୋଗରେ ପୀଡିତ ଅଛନ୍ତି। ଏକଥା ଶୁଣି ପତ୍ନି ସସ୍ମିତା ଓ ବୁଢ଼ି ମା'ଙ୍କ ପାଦତଳୁ ଯେପରି ମାଟି ଖସିଯାଇଥିଲା। ଚିକିତ୍ସା ପାଇଁ ଘରେ ଯାହାକିଛି ସମ୍ବଳ ଥିଲା ବିକିଭାଙ୍ଗି ଖର୍ଚ୍ଚ କରିସାରିବା ପରେ ଏବେ ହାତରେ କାଣି କଉଡିଟିଏ ନାହିଁ । ଅଧାରେ ଅଟକିଛି କୈଳାସଙ୍କର ଚିକିତ୍ସା। ଘରର ରୋଜଗାରିଆ ପୁଅ କୈଳାସ କ୍ୟାନସର ରୋଗରେ ପୀଡିତ ହେବାପରେ ଏବେ ଶର୍ଯ୍ୟାଶାୟୀ। ରୋଜଗାର ନଥିବାରୁ ହାତରେ କାଣି କଉଡିଟିଏ ନାହିଁ । ଆଗଭଳି ଆଉ ଗାଁରେ ବୁଲି ବୁଲି ଇମିଟେସନ୍ ସାମଗ୍ରୀ ବିକ୍ରି କରିବା ପାଇଁ ହାତରେ ଶକ୍ତି ଓ ମନରେ ସାହାସ ମଧ୍ୟ ନାହିଁ । ଘରେ ଥିବା ବ୍ୟାଗ୍‌ରେ ଭର୍ତ୍ତି ହୋଇ ପଡିରହିଛି କାନଫୁଲ, ଚେନ, ଝୁଣ୍ଟିଆ, ଲକେଟ୍, ପାଉଁଜି, ନାକଫୁଲ ଓ କାଚ ପରି ବିଭିନ୍ନ ଇମିଟେସନ ସାମଗ୍ରୀ । ମଝିରେ ମଝିରେ କୈଳାସ ସେଗୁଡିକ ବ୍ୟାଗରୁ ବାହାରକରି ମନଭରି ଦେଖିବା ସହିତ ପୁର୍ବକଥା ମନେପକାଇ ଏବେ ଖାଲି ଲୁହ ଗଡାଉଛନ୍ତି।

ବୁଢ଼ି ମା' ପାଉଥିବା ମାସକୁ ହଜାର ଟଙ୍କା ଭତ୍ତା ପୁଅ କୈଳାସର ଚିକିତ୍ସା ପାଇଁ ଦଉଛନ୍ତି । କୈଳାସଙ୍କର ଦୁଖ ଗ୍ରାମବାସୀମାନେ ସହିନପାରି ନିଜ ସକ୍ଷମ ଅନୁସାରେ ସାହାର୍ଯ୍ୟ ସହଯୋଗ ମଧ୍ୟ କରୁଛନ୍ତି। ଏମିତିକି ପତ୍ନୀ ସସ୍ମିତା ଗାଁରେ ଘର ଘର ବୁଲି ସ୍ୱାମୀଙ୍କର ଚିକିତ୍ସା ପାଇଁ ସହାୟତା ମଧ୍ୟ ମାଗୁଛନ୍ତି। ତଥାପି ଚିକିତ୍ସା ପାଇଁ ଆବଶ୍ୟକତା ଅନୁଶାରେ ଅର୍ଥ ଯୋଗାଡ କରିପାରୁ ନାହାନ୍ତି କୈଳାସଙ୍କ ପରିବାର ।

ଖାଦ୍ୟ ସୁରକ୍ଷା ଯୋଜନାରେ କେବଳ କୈଳାସ ଓ ତାଙ୍କ ମା'ଙ୍କ ନାମ ଅନ୍ତର୍ଭୁକ୍ତ ଥିବାବେଳେ ପତ୍ନି ଓ ତିନି ସନ୍ତାନଙ୍କର ନାମ ସଂଯୋଗ ହୋଇ ପାରିନାହିଁ। ମାସକୁ ମିଳୁଥିବା ୧୦ କେଜି ଚାଉଳ ତିନି ଚାରିଦିନରେ ସରିଯିବାପରେ ମାଗିଜାଚି ଚଳୁଛନ୍ତି ପୁରା ପରିବାର। ଅସହାୟ ଅବସ୍ଥାରେ ଥିବା କ୍ୟାନସର ପିଡିତ ଯୁବକ କୈଳାସଙ୍କୁ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଗୁହାରୀ କରିଛନ୍ତି ବୁଢ଼ି ମା' ଓ ପତ୍ନୀ।

## ମନ୍ଦିରରୁ ଚୋରି: ଦୁଇ ଗିରଫ

**ବାଲିଅନ୍ତା/ବାଲିପାଟଣା, ୫।୧୦ (ସଂଚାର ବ୍ୟୁରୋ):** ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ବଢ଼ିବାରେ ଲାଗିଛି। ଏକ ଘରୋଇ ଫାଇନାନ୍ସ କର୍ମଚାରୀଙ୍କୁ ଦୁର୍ବୃତ୍ତ ଆକ୍ରମଣ କରି ଡକାୟତି କରିବା ପାଇଁ ଆକ୍ରମଣ କରିଥିବା ଘଟଣାକୁ ଦୁଇ ଦିନ ନ ବିତୁଣୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଦିୱାନପାଟଣା ଏବଂ ପଇଡପାଟଣା ଗ୍ରାମ ମନ୍ଦିରରୁ ଚୋରି କରିବା ଘଟଣା ଏବେ ବାଲିପାଟଣା ଥାନା ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏହି ଘଟଣାରେ ଗ୍ରାମବାସୀ ପୋଲିସ୍ ସହାୟତାରେ ଜଣଙ୍କୁ କାବୁ କରିଥିବା ବେଳେ ଆଉ ଜଣେ ଚୋରକୁ କାବୁ କଲା ପୋଲିସ। ଚୋରର କହିବା ଅନୁସାରେ ଅନ୍ୟ ଜଣେ ସହଯୋଗୀକୁ କଟକ ଜିଲ୍ଲା ନିଆଳି ଥାନା ଅଞ୍ଚଳରୁ କାବୁ କଲା ପୋଲିସ । ଚୋରି ଘଟଣାରେ ଏପର୍ଯ୍ୟନ୍ତ ୨ ଜଣ ଚୋରଙ୍କୁ କାବୁ କରିଛି ପୋଲିସ ଦିୱାନପାଟଣା ଗ୍ରାମର ଦୁଲ୍ଲା ଦେବୀ ମନ୍ଦିର ଏବଂ ପଇଡପାଟଣା ଗ୍ରାମର



ବେଲେଶ୍ୱର ମନ୍ଦିରରୁ ଲକ୍ଷାଧିକ ଟଙ୍କାର ମୂର୍ତ୍ତି, ସୁନା-ରୁପା ଅଳଙ୍କାର ଚୋରି କରିଥିଲେ । ଚୋରି କରିବା ସମୟରେ ଗ୍ରାମର ଜଣେ ଯୁବକ ଦେଖିଥିଲେ । ଯୁବକ ଜଣଙ୍କ ତୁରନ୍ତ ଗ୍ରାମବାସୀ ଡାକ ପକାଇ ଥିଲେ ଗ୍ରାମବାସୀ ଏକତ୍ରିତ ହୋଇ ପୋଲିସ୍ ସହାୟତାରେ ଜଣେ ଚୋରକୁ କାବୁ କରିଥିଲେ । ବାଲିପାଟଣା ପୋଲିସ୍ ଚୋରର ସୂଚନା ଆଧାରରେ ନିଆଳି ଅଞ୍ଚଳରେ ଚଢ଼ାଉ କରି ଆଉ ଜଣେ ଚୋରକୁ ପୋଲିସ ଗିରଫ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ଆଧାର ସଂଶୋଧନ ପାଇଁ ରାତି ୩ରୁ ଲମ୍ବା ଧାଡି



**ରାଜନଗର, ୫।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ଆସନ୍ତା ୯ ତାରିଖରେ ପ୍ରଦାନ କରାଯିବ। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗର ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ସମ୍ପର୍କରେ ସୂଚନା ଦେବା ପରେ ମହିଳାଙ୍କ ମଧ୍ୟରେ ନାହିଁ ନଥିବା ଉତ୍କଣ୍ଠା ପ୍ରକାଶ ପାଇଛି। ସରକାରଙ୍କ ଦ୍ୱାରା ଦିଆଯାଇଥିବା ପ୍ରଥମ କିସ୍ତି ଅର୍ଥରୁ ବଞ୍ଚିତ ଥିବା ମହିଳାମାନେ ସେମାନଙ୍କ ଆଧାରରେ ରହିଥିବା ତ୍ରୁଟି ବିଚ୍ୟୁତିକୁ ସଂଶୋଧିତ କରିବା ପାଇଁ ରାଜନଗର ବ୍ଲକ ଆଧାର କେନ୍ଦ୍ରରେ ଲମ୍ବା ଲାଇନ ଲଗାଉଥିବା ଦେଖିବାକୁ ମିଳୁଛି।

ରାତି ୩ ରୁ ରାଜନଗର ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳାମାନେ ଟୋକନ ସଂଗ୍ରହ ପାଇଁ ଲମ୍ବା ଲାଇନ ଲଗାଇଥିଲେ। ଆଧାରକେନ୍ଦ୍ରରୁ ରାଜନଗର ବଜାର ପର୍ଯ୍ୟନ୍ତ ମହିଳାଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ରାଜନଗର ବ୍ଲକର ଗୋବିନ୍ଦପୁର ଗ୍ରାମର ସରସ୍ୱତୀ ସାହୁ, ଘଡିଆମାଳ ପଞ୍ଚାୟତର ଦାରୁଓରା ଗ୍ରାମର ଗଦାଧର ରାଉତ, ସାତଭାୟା ଥାଇଥାନସ୍ଥଳୀରୁ କୁବେର ବେହେରା, ବେଲପାଳର ବିଘ୍ନେଶ୍ୱର ବାରିକ ପ୍ରମୁଖ ଆମେ ରାତି ୩ଟା ରୁ ଆସି ଏଠାରେ ଲାଇନରେ ରହିଛୁ। ଆଧାର ସଂଶୋଧନ ପାଇଁ ଆସିଛୁ ବୋଲି କହିଛନ୍ତି।

## ଡାକ ବିଭାଗ ଖାଉଟି ଅଦାଲତରେ ଦଣ୍ଡିତ

**କେନ୍ଦ୍ରାପଡ଼ା, ୫।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଖାଉଟି ବିବାଦ ସମାଧାନ କମିଶନ ଦାୟୀତ୍ୱରେ ଅବହେଳା ଓ ସେବା ଯୋଗାଇବାରେ ବିଫଳତା ପାଇଁ ଡାକ ବିଭାଗକୁ ଜୋରିମାନାରେ ଦଣ୍ଡିତ କରିଛନ୍ତି । କମିଶନ ଠାକୁରପାଟଣା ଉପ- ଡାକଘରର ଉପ-ଡାକପାଳ, କେନ୍ଦ୍ରାପଡା ଡିଭିଜନର ଡାକ ଅଧୀକ୍ଷକ ଓ ପାଟକୁରା ଉପଡାକଘରର ଉପ-ଡାକପାଳଙ୍କୁ ୨ହଜାରଟଙ୍କା କ୍ଷତିପୁରଣ ସହ ଅଦାଲତରେ ମାମଲା ଖର୍ଚ୍ଚ ପାଇଁ ଏକ ହଜାର ଟଙ୍କା ଅଭିଯୋଗକାରୀ ପବିତ୍ର କୁମାର ପାଣିଙ୍କୁ ଦେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ଗ୍ରାମର ସ୍ୱର୍ଗତ କାହ୍ନୁଚରଣ ପାଣିଙ୍କ ପୁଅ ପବିତ୍ର କୁମାର ପାଣି ପାଟକୁରା ଉପ ଡାକଘରେ ଗତ ୨୬.୧୦.୨୦୨୩ତାରିଖରେ ଦୁଇଟି ଇଏମଓ ୧୮୦୬ଟଙ୍କା ଓ ୨୫ଟଙ୍କା କେନ୍ଦ୍ରାପଡା ମୃତ୍ତିକା ସଂରକ୍ଷଣ ବିଭାଗକୁ ସୂଚନା ଅଧିକାର ଆଇନରେ ତଥ୍ୟ ପାଇବା ପାଇଁ ପଠାଇଥିଲେ। କିନ୍ତୁ ସେହି ଇଏମଓ ଦୁଇଟି ଗତ ୨୧.୧୨.୨୦୨୩ ତାରିଖରେ ବହୁ ବିଳମ୍ବରେ ଅର୍ଥାତ ପ୍ରାୟ ଦୁଇମାସ ପରେ ପେମେଣ୍ଟ କରାଯାଇଥିଲା । ଫଳରେ ଅଭିଯୋଗକାରୀ ମାନସିକ ଯନ୍ତ୍ରଣା ପାଇବା ସହ ନିର୍ଯ୍ୟାତିତ ହୋଇଥିଲେ । ଜିଲ୍ଲା ଖାଉଟି ବିବାଦ ସମାଧାନ କମିଶନ ଏହି ମାମଲାର ବିଚାର କରି ସମସ୍ତ ତଥ୍ୟ ଓ ପ୍ରମାଣକୁ ଭିତ୍ତି କରି ଡାକବିଭାଗର ଉପରୋକ୍ତ ଅଧିକାରୀମାନଙ୍କୁ ଅଭିଯୋଗକାରୀ ପଠାଇଥିବା ଇଏମଓ ଅର୍ଥ ୧୮୩୧ଟଙ୍କା ଫେରସ୍ତ କରିବା ସହିତ ୨ହଜାର ଟଙ୍କା କ୍ଷତିପୁରଣ ଓ ମାମଲାର ଖର୍ଚ୍ଚ ବାବଦକୁ ଏକ ହଜାର ଟଙ୍କା ନିର୍ଦ୍ଦେଶ ପାଇବାର ୪୫ଦିନ ମଧ୍ୟରେ ଅଭିଯୋଗକାରୀ ପବିତ୍ର କୁମାର ପାଣିଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## କମିଶନରେଟ୍ ପୋଲିସର ରୁପଯାତ୍ରା ପ୍ରସ୍ତୁତି ବୈଠକ

**ଟାଙ୍ଗୀ-ଚୌଦ୍ୱାର, ୫।୧୦ (ସଂଚାର ବ୍ୟୁରୋ):** ଚଳିତ ବର୍ଷର ଚୌଦ୍ୱାର ପ୍ରସିଦ୍ଧ ଲକ୍ଷ୍ମୀପୁଜା ଓ ରୁପଯାତ୍ରା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁପମମିଡିଥିକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କମିଶନରେଟ ପୋଲିସ ପକ୍ଷରୁ ସ୍ଥାନୀୟ ଗାନ୍ଧି




ଛକ ସ୍ଥିତ ପୌର ଟାଉନହଲରେ ଚୌଦ୍ୱାର ଥାନା ଆଇଆଇସି ବିଶ୍ୱ ରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଜୋନ୧ ଏସିପି ଅରୁଣ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚଳିତ ବର୍ଷ ରୁପଯାତ୍ରା ଓ ଭଷାଣି ଉତ୍ସବରେ ଶୃଙ୍ଖଳା ରକ୍ଷା ସହିତ ବିସର୍ଜନ ସମୟରେ ସମୟାନୁବର୍ତ୍ତିତା ଅବଲମ୍ବନ କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ଏହି ବୈଠକରେ ସମସ୍ତ ପୁଜା ମଣ୍ଡପର କର୍ମକର୍ତ୍ତା, ସାହି ମୁରବୀ, ବରିଷ୍ଠ ନାଗରିକ, ସମସ୍ତ ୱାର୍ଡ କାଉନସିଲର ଯୋଗ ଦେଇଥିଲେ।

ଚଳିତ ବର୍ଷ ସରକାରଙ୍କ ସମସ୍ତ ନୀତି ନିୟମ ମାନିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରି ପୁଜା ପାଳନ କରିବା, ଶବ୍ଦ ପ୍ରଦୁଷଣ ନକରି ନିୟମ ଅନୁଯାୟୀ ସାଉଣ୍ଡ ବ୍ୟବହାର କରିବା, ପ୍ରତେକ ମଣ୍ଡପରେ ଅଗ୍ନି ନିରାପତ୍ତା ସାମଗ୍ରୀ ଓ ପାନୀୟ ଜଳ ବ୍ୟବସ୍ଥା, ନିଶାପାନ ନକରିବା, ଭଷାଣୀରେ ପାରମ୍ପରୀକ ବାଦ୍ୟର ବ୍ୟବହାର କରିବା ଭଳି ନିୟମ ମାନିବା ପାଇଁ ଉପସ୍ଥିତ ଅତିଥି ମାନେ ପରାମର୍ଶ ଦେଇଥିଲେ। ଏଥି ସହିତ ରାସ୍ତାଘାଟ ମରାମତି, ଷ୍ଟ୍ରୀଟ ଲାଇଟ ସମସ୍ୟାକୁ ଗୁରୁତ୍ୱ ଦେବା ପାଇଁ ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଓ ଟିପିସିଓଡିଏଲର ଅଧିକାରୀଙ୍କୁ ନିବେଦନ କରାଯାଇଥିଲା। ବୈଠକରେ କମିଟି ସଭାପତି ସୁବୋଧ ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏସ୍‌ଆଇ ସସ୍ମିତା ଖିଲାର, ପ୍ରେମ ଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡ଼ା ଙ୍କ ସମେତ ୪୩ଖଣ୍ଡ ମେଢ ମୁରବୀ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ।

## ୧ଲକ୍ଷ ୧୮ହଜାର ୭୬ଜଣଙ୍କୁ ମିଳିଲା ପିଏମ୍ କିଷାନ ଟଙ୍କା

**କେନ୍ଦ୍ରାପଡ଼ା, ୫।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ସଭା ଗୃହରେ ୧୮ତମ ପିଏମ କିସାନ ନିଧି ସମ୍ମାନ ହସ୍ତାନ୍ତର ନେଇ ଏକ ଅଭାସି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଭାସି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ ନାୟକ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, କୃଷି ବିଭାଗର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ ପ୍ରମୁଖ ଯୋଗଦେଇଥିଲେ। ୧୮ତମ ପିଏମ କିସାନ ନିଧି ସମ୍ମାନ ସହାୟତା ଟଙ୍କାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଦାନ କରିଥିଲେ। ଯାହାକୁ ଅଭାସି ମାଧ୍ୟମ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ଦେଖିବାର ସୁଯୋଗ ପାଇଥିଲେ। ଏହି ସହାୟତା ଚାଷୀଙ୍କୁ ଆର୍ଥିକ ସୃଦୃଢ଼ କରିବ। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ପିଏମ କିସାନ ଯୋଜନାରେ ମୋଟ ୧ଲକ୍ଷ ୧୮ହଜାର ୭୬ଜଣ ଚାଷୀ ଉପକୃତ ହୋଇଛନ୍ତି ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି।

## ବାଘମରା ଖାଦାନରେ ଗଚ୍ଛିତ ଚୋରା ପଥର ନିଲାମ



**ନୀଳଗିରି, ୫।୧୦ (ସଂଚାର ବ୍ୟୁରୋ):** ନୀଳଗିରି ତହସିଲ ଅଧିନସ୍ଥ ବାଘମରା ପଥର ଖାଦାନ ଦୀର୍ଘ ଦିନ ଧରି ବେଆଇନ ଭାବେ ଚୋରାରେ ଚାଲିଥିବା ବେଳେ ରାଜସ୍ୱ ବିଭାଗ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ଘଟୁଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶିତ ପରେ ଉଭୟ ନୀଳଗିରି ତହସିଲଦାର ଦିପ୍ତିମୟୀ ବେହେରା ଓ ବାଲେଶ୍ୱର ମାଇନିଂ ଅଧିକାରିଣୀ ସନ୍ତୋଷିନୀ ସେଠୀ ଗତ ଗୁରୁବାର ଦିନ ବାଘମରା ଖାଦାନ ରେ ପହଞ୍ଚି ଚୋରା ପଥର ଖାଦାନ ଉପରେ ଚଢାଉ କରି ଗଚ୍ଛିତ ପଥରକୁ ସିଜ୍ କରିଥିଲେ । ଶନିବାର ଦିନ ଚୋରା ଗଚ୍ଛିତ ପଥରକୁ ପ୍ରକାଶ୍ୟରେ ନିଲାମ କରିଥିଲେ। ୬ଜଣ ନିଲାମଧରି ଙ୍କ ଉପସ୍ଥିତିରେ ଡାକରା କରାଯାଇଥିଲା। ସର୍ବୋଚ୍ଚ ନିଲାମଧାରି ଭାବେ ଆର୍. କେ.ଡି. କମ୍ପାନୀ ନଅ ଲକ୍ଷ ଦଶହଜାର ଟଙ୍କା ରେ ଗଚ୍ଛିତ ପଥରକୁ ନେଇଥିଲେ। ନିଲାମ ସମୟରେ ନୀଳଗିରି ତହସିଲଦାର ଦିପ୍ତିମୟି ବେହେରା, ଅଧିକାରିଣୀ ସନ୍ତୋଷିନୀ ସେଠୀ, ନିଳଗିରି ପୋଲିସ ଉପସ୍ଥିତ ଥିଲେ।

### ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା !

# ମଜୁରି ପାଇଁ ଶ୍ରମିକ ଥାନାର ଦ୍ୱାରସ୍ଥ

**ଜଗତସିଂହପୁର, ୫।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଏବେ ଏବେ ଦାଣ୍ଡରେ ପଡି ହାଟରେ ଗଡ଼ିଲାଣି। ଏହି ମଧୁ ଚନ୍ଦ୍ରିକାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଶ୍ରମିକମାନେ । ଖଇରାବସ୍ତ ଗ୍ରାମର କୈଳାଶ ଚନ୍ଦ୍ର ଭୋଇ ଠିକାଦାର ପବିତ୍ର ମୋହନ ନାୟକ ଓ ଜଗତସିଂହପୁର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କ ନାମରେ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଥାନାରେ ହୋଇଥିବା ଏତଲା ମୁତାବକ ଯନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁଙ୍କ ଉପସ୍ଥିତରେ ଠିକାଦାର ପବିତ୍ର କୁମାର ନାୟକ ଠିକା କାମ ପାଇଁ ଶ୍ରମିକମାନଙ୍କ ମଜୁରୀ ମୁଲଚାଲ କରି କାମରେ ଲଗାଇଥିଲେ। କୈଳାଶ ଚନ୍ଦ୍ର ଭୋଇ ଜଣେ ଶ୍ରମିକ ଠିକାଦାର ଭାବେ ବିଭିନ୍ନ ଠିକା କାମକୁ ଶ୍ରମିକ ଯୋଗାଇଥାନ୍ତି। ଠିକାଦାର ପବିତ୍ର ମୋହନ ନାୟକ ଆଦର୍ଶ ବିଦ୍ୟାଳୟର ଗାଧୁଆ ଘର, ପାଇଖାନା, ରୋଷେଇ ଘର, ପରିସ୍ରାଗାର, ପାଣିଟାଙ୍କି ଓ ବେସିନ ପାଇପି ଲାଇନି କାମ ବାବଦକୁ ଶ୍ରମିକ ମାନଙ୍କୁ ୪ ହଜାର ଟଙ୍କା ଲେଖାଏଁ ଦେବାକୁ ପୂର୍ତ୍ତ ଓ ଗୃହ ନିର୍ମାଣ ଯନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁଙ୍କ ଉପସ୍ଥିତରେ ମୁଲଚାଲ ହୋଇଥିଲା। ଜାମୁଗାଁ ପଲିଟେକନିକ କଲେଜ, ଦହିପାଳ ଆଦର୍ଶ ବିଦ୍ୟାଳୟ ଓ ବିରିଡି ବ୍ଲକ ଶଙ୍କରପୁର ଆଦର୍ଶ ବିଦ୍ୟାଳୟରେ ଠିକାଦାର କାମ କରାଇ ପ୍ରତ୍ୟେକ କାମକୁ ୪ ହଜାର ବଦଳରେ ୨ ହଜାର ୨ ଶହ ଟଙ୍କା ଲେଖାଏଁ ଦେଇ ବାକି ୯୦ ହଜାର ଟଙ୍କା ମଜୁରୀ ଦେଉନାହିଁ। ପରେ ସେହି ଶ୍ରମିକମାନଙ୍କୁ ଠିକାଦାର ପବିତ୍ର ମୋହନ ନାୟକ ରାଉରକେଲାର କୁଆଁର ମୁଣ୍ଡା ଆଦର୍ଶ ବିଦ୍ୟାଳୟ, ଜାହିରିଟୋଲି ଆଦର୍ଶ ବିଦ୍ୟାଳୟ, ର ଗାଧୁଆ ଘର, ପାଇଖାନା, ରୋଷେଇ ଘର, ପରିସ୍ରାଗାର, ବେସିନି ପାଣିଟାଙ୍କି ଇତ୍ୟାଦି ପାଇପି ଲାଇନ ବାବଦକୁ ଶ୍ରମିକମାନଙ୍କ ମଜୁରି ୪ ଲକ୍ଷ ଟଙ୍କା ମଧ୍ୟ ଦେଉନାହିଁ। ଯାହା ଫଳରେ କାମ କରିଥିବା ଶ୍ରମିକମାନେ ଅଭିଯୋଗକାରୀ କୈଳାଶ ଭୋଇଙ୍କ ଘରକୁ ବାରମ୍ବାର ଆସୁଛନ୍ତି। ସେଇ ଆର୍ଥିକ ଚିନ୍ତାରେ କୈଳାଶ ହୃଦଘାତରେ ପୀଡିତ ହୋଇ ଚିକିତ୍ସିତ ହୋଇଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି। ଠିକାଦାର ପବିତ୍ରଙ୍କୁ ଟଙ୍କା ମାଗିବାରୁ ଅଶୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଉଥିବା କୈଳାଶ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଭୋଇ ସମାଜ ପକ୍ଷରୁ ଏହି ଅଭିଯୋଗକୁ ପୋଲିସ ସଠିକ ଭାବେ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଓ ଦାଦାଗିରି କରୁଥିବା ଠିକାଦାର ପବିତ୍ର ମୋହନ ନାୟକଙ୍କ ବିରୁଦ୍ଧରେ ଦୃଢ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରାଯାଇଛି।

ତେବେ ଏହି ଘଟଣାରେ ଯନ୍ତ୍ରୀ କାହିଁକି ଚୁପ ରହୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯନ୍ତ୍ରୀ ଙ୍କ ଅଧିନରେ କାମ ହେଉଥିବା ପ୍ରତ୍ୟେକ କାର୍ଯ୍ୟ ନିମ୍ନ ମାନର ହେଉଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଠିକାଦାର ମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ନିମ୍ନମାନର ଉନ୍ନୟନ କାର୍ଯ୍ୟର ବିଲ୍ ପାସ କରାଯାଉଥିବା ବେଳେ ଶ୍ରମିକ ମାନଙ୍କୁ ମଧ୍ୟ ସଠିକ ପ୍ରାରିଶ୍ରମିକ ପାଉଣା ମିଳିପାରୁ ନାହିଁ। ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ କରାଯାଇଥିବା କାର୍ଯ୍ୟଗୁଡିକର ମାନ ଯାଞ୍ଚ ସହ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସଂପର୍କରେ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଉଭୟଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଏହା ସମ୍ଭବ ହୋଇପାରିନଥିଲା।

## ଗଡ୍‌ମେକରର ୩ କଣ୍ଠଶିଳ୍ପୀଙ୍କୁ ଆକାଶବାଣୀର ମାନ୍ୟତା

**ପଟ୍ଟାମୁଣ୍ଡାଇ, ୫।୧୦ (ସଂଚାର ବ୍ୟୁରୋ):** ଓଡିଶାର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡ଼ମେକରର ୩ ଜଣ କଣ୍ଠଶିଳ୍ପୀ ଅଣ୍ଡରା ଗ୍ରାମର ସୁପ୍ରିୟା ଦାଶ, ଗୁଣୁପୁରର ସୌମ୍ୟ ରଞ୍ଜନ ଗାହାଣ ଓ ପୋଖରୀଆପଡାର ମନସ୍ୱିନୀ ମହାପାତ୍ର ଆକାଶବାଣୀ ବି ଗ୍ରେଡ଼ ମାନ୍ୟତା ପାଇଛନ୍ତି। ଗଡ଼ମେକର ପ୍ରତିଷ୍ଠାତା ସଭାପତି ଗୀତିକବି ସୁଶାନ୍ତ ପାଣିଙ୍କ ଠାରୁ ସଂଗୀତ ଶିକ୍ଷା କରି ଏହି ସଫଳତା ହାସଲ କରିଥିବାରୁ ସମସ୍ତ ୩ଜଣ କଣ୍ଠ ଶିଳ୍ପୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

## ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

**ବାଲିଚନ୍ଦ୍ରପୁର, ୫।୧୦ (ସଂଚାର ବ୍ୟୁରୋ):** ବଡଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ବଜାରର ଯୁବ ବ୍ୟବସାୟୀ କାଶିଫୁଦିନ ଖାଁ(ଚାନନ୍)ଙ୍କ ଅକାଳ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ଚାରିନଙ୍ଗଳ ପଞ୍ଚାୟତସ୍ଥିତ ଗହରନଗର ଗ୍ରାମରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ଚାନନ୍ ଚାରିନଙ୍ଗଳ ବଜାରରେ ଦୀର୍ଘଦିନ ଧରି ବ୍ୟବସାୟ କରୁଥିଲେ। ୧୫ ଦିନ ହେବ ଅସୁସ୍ଥ ହୋଇ ହୋଇ କଟକ ବଡ଼ମେଡ଼ିକଲାରେ ଚିକିତ୍ସିତ ହେଉଥିଲେ। ତେବେ ଚିକିତ୍ସାଧିନ



ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମର ଶରୀର କଟକରୁ ଆସି ଚାରିନଙ୍ଗଳ ବଜାରରେ ପହଞ୍ଚିବା ପରେ ଏକ ଶୋକାକୂଳ ପରିବେଶରେ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ତାଙ୍କ ନିଜ ଗ୍ରାମ ଗହରନଗରକୁ ନିଆଯାଇଥିଲା। ଇସଲାମ ଧର୍ମ ରିତିନୀତି ଅନୁଯାୟୀ ଜନଜା ପାଠ କରାଯିବା ପରେ କବର ଦିଆଯାଇଥିଲା। ତାଙ୍କ ମର ଶରୀରରେ କଂଗ୍ରେସ ନେତା ଅଜୟ ସାମଲ, ଚାରିନଙ୍ଗଳ ସରପଞ୍ଚ ନୁରୁଜାନ୍ ବେଗମ୍, ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି, ସେକ୍ ଜ୍ୟାଉଲ୍ଲା, ପ୍ରାକ୍ତନ ସରପଞ୍ଚ ସେକ୍ ରିୟାସତ ଅଲ୍ଲି, ରସିକଦ୍ଦିନ୍ ଖାଁ, ଶିକ୍ଷାବିତ୍ ସେକ୍ ବଦରୁଦଦୋଜା, ସୁଲତାନ ସଇଫୁଲ୍ଲା ଖାଁ ପ୍ରମୁଖ ପହଞ୍ଚି ପୁଷ୍ପମାଲ୍ୟ ପ୍ରଦାନ କରି ଶୋକ ଦର୍ଶନ କରିଥିଲେ। ବଜାର କମିଟି ପକ୍ଷରୁ ସଭାପତି ବସନ୍ତ କୁମାର ସାମଲ, ସାଧାରଣ ସମ୍ପାଦକ ଚାନ୍ଦ ଖାଁ, ସେକ୍ ଅମିକୁଦ୍ଦିନ୍, ଅମର କୁମାର ସାମଲ, ସେକ୍ ଇକବାଲ ହୁସେନ୍, ସୁବାଷ ଚନ୍ଦ୍ର ବଳ, ଧର୍ମାନନ୍ଦ ବଳ, ଜହିର ଖାଁ, ଜଗନ୍ନାଥ ଦାସ, ସେକ୍ ଗୋରା, ସେକ୍ ଜ୍ୟାଉଲ୍ ହୋଦା, ଅବୁସୁଫିୟାନ ଖାଁ ଓ ସେକ୍ କଲାମ ପ୍ରମୁଖ ଶୋଭଯାତ୍ରାରେ ସାମିଲ ଥିଲେ। ତାଙ୍କ ଉଦେଶ୍ୟରେ ପରଦିନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅକ୍ଷୟ କୁମାର ବଳ, ସାମ୍ବାଦିକ ଉତ୍କଳ କେଶରୀ ସାମଲ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ସୀ ପିତାମାତାଙ୍କ ଆଶୀର୍ବାଦ, ଗୁରୁଙ୍କ ଆଶୀଷ ଓ ଈଶ୍ୱରଙ୍କ କୃପାରୂପୀ ଅମୂଲ୍ୟ ଧନକୁ ସଞ୍ଚୟ କରିଛି, ତାକୁ ସଂସାରର କୌଣସି ଧନର ଆବଶ୍ୟକତା ନାହିଁ।

SANCHAR
ସଂଚାର

୪ ରବିବାର ୬ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Sunday 6 October 2024 Bhubaneswar

# ପ୍ରକୃତି ସହ ଖେଳ

ପରିବେଶ ସୁରକ୍ଷାକୁ ଯେତିକି ଗୁରୁତ୍ୱ ଦିଆଯାଉଛି, ବାସ୍ତବ କ୍ଷେତ୍ରରେ ସେତିକି କାର୍ଯ୍ୟ କରାଯାଉନି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ପରିବେଶ ବିଭାଗ ଏବଂ ପରିବେଶ ନିୟନ୍ତ୍ରଣ ବୋର୍ଡ ରହିଛି। ପରିବେଶ ସୁରକ୍ଷା ବାବଦରେ ବଜେଟରେ ବିପୁଳ ଅର୍ଥ ବରାଦ କରାଯାଉଛି। କୋଟି କୋଟି ଟଙ୍କା ବିଭିନ୍ନ କାର୍ଯ୍ୟକ୍ରମରେ ଖର୍ଚ୍ଚ ହେଉଛି। ଜଙ୍ଗଲ ସୁରକ୍ଷା ନିମନ୍ତେ ବହୁ କର୍ମଚାରୀ ଅଛନ୍ତି। କିନ୍ତୁ ତଥାପି ଜଙ୍ଗଲ କ୍ଷୟ ହୋଇଚାଲିଛି। ସାମାଜିକ ବନୀକରଣ ଏବଂ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ବ୍ୟାପକ ବୃକ୍ଷରୋପଣ କରାଯାଉଛି। କିନ୍ତୁ ଏହାର ଫଳ ଶୂନ। ବୃକ୍ଷରୋପଣ ନାମରେ ହରିଲୁଟ ଚାଲିଛି। ଆଉ ଯେତିକି ବୃକ୍ଷ ରୋପଣ କରାଯାଉଛି ତାହାଠାରୁ ଢେର ଅଧିକ ଗଛ କଟାଯାଉଛି। ଗୋଦରା କୋଡ଼େ ଯେତେ ମାଡ଼େ ସେତେ ଭଳି ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଚାଲିଛି। ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକିବା ଲାଗି ଜଙ୍ଗଲ ଧ୍ୱଂସକୁ ରୋକିବା ଏବଂ ବୃକ୍ଷରୋପଣ ନିହାତି ଜରୁରୀ ବୋଲି ସମସ୍ତେ ଏକମତ। ବିଶ୍ୱବ୍ୟାପୀ ଏଥିଲାଗି ଜନ ସଚେତନତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ବିଭିନ୍ନ ସମୟରେ ଅନ୍ତର୍ଜାତୀୟ ସ୍ତରରେ ଏହା ଉପରେ ଆଲୋଚନା, ଚର୍ଚ୍ଚା ହେଉଛି, ପ୍ରସ୍ତାବ ଗୃହୀତ ହେଉଛି, ସଙ୍କଳ୍ପ ବି ପାରିତ ହେଉଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର କାର୍ଯ୍ୟକାରୀତା ଯଥେଷ୍ଟ କମ ଦେଖିବାକୁ ମିଳୁଛି। ପରିବେଶ ସୁରକ୍ଷା, ବୃକ୍ଷ ରୋପଣ କେବଳ ସ୍ଲୋଗାନରେ ସୀମିତ ହୋଇ ରହିଛି। ସମସ୍ତେ ଅନ୍ୟକୁ ଉପଦେଶ ଦେଉଛନ୍ତି, ନିଜେ ପରିବେଶ ସୁରକ୍ଷା ସହିତ ସାଲିସ କରୁଛନ୍ତି। ବିକଶିତ ରାଷ୍ଟ୍ରମାନେ ଶିଳ୍ପସମୃଦ୍ଧ ହୋଇସାରିବା ପରେ ଅନ୍ୟ ଦେଶକୁ ଶିଳ୍ପ ପ୍ରତିଷ୍ଠାରୁ ବିରତ ରହିବାକୁ ଉପଦେଶ ଦେଉଛନ୍ତି। ଭାରତ ଭଳି ଏକ ବିଶାଳ ଜନବହୁଳ ଦେଶରେ ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଜଙ୍ଗଲ ଧ୍ୱଂସ ଏକ କ୍ରମାଗତ ପ୍ରକ୍ରିୟାରେ ପରିଣତ ହୋଇଛି। ଏହାକୁ ରୋକିବା ଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଆଇନ ପ୍ରଣୟନ କରିଛନ୍ତି। ବିନା ଅନୁମତିରେ ଗଛ କାଟିବାକୁ ଏକ ଧର୍ତ୍ତବ୍ୟ ଅପରାଧ ବୋଲି ଏଠାରେ ବିବେଚନା କରାଯାଉଛି। ଆଇନରେ ଏଥିଲାଗି କଠୋର ଦଣ୍ଡବିଧାନ ବ୍ୟବସ୍ଥା ମଧ୍ୟ ରହିଛି। ଏହା ସତ୍ତ୍ୱେ ଅନେକ ସମୟରେ ସରକାରୀ ସ୍ତରରେ ମଧ୍ୟ ଏହି ଆଇନର ବ୍ୟାପକ ଉଲ୍ଲଘଂନ କରାଯାଉଛି। ଅନେକ ଶିଳ୍ପ ପ୍ରକଳ୍ପ, ଖଣି କାର୍ଯ୍ୟ ନିମନ୍ତେ ଅବାଧରେ ଗଛ କଟାଯାଉଛି। ରାସ୍ତା ସମ୍ପ୍ରସାରଣ ଏବଂ ବଡ଼ ବଡ଼ କୋଠା ନିର୍ମାଣ ଲାଗି ମଧ୍ୟ ଗଛ କଟାଯାଉଛି। ଏହାକୁ ହାଲୁକାଭାବେ ଗ୍ରହଣ କରାଯିବା ଅନୁଚିତ। ଏଭଳି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ଯେମିତିକି ଭବିଷ୍ୟତରେ ଆଉ କେହି ଏପରି କାର୍ଯ୍ୟକରିବାକୁ ସାହସ କରିବେ ନାହିଁ। ଯଦି କୌଣସି ବେସରକାରୀ ସଂସ୍ଥା ବା ବ୍ୟକ୍ତି ବିଶେଷ ନିଜ ଘର ବା କୋଠା ନିର୍ମାଣ ନିମନ୍ତେ ଗଛ କାଟିବ, ତେବେ ସରକାରୀ ବାବୁମାନେ ତାଙ୍କୁ ମୋଟା ଅଙ୍କର ଜରିମାନା କରିବେ ଏବଂ ବେଶ କଠୋର ଦଣ୍ଡ ବିଧାନ ହେବ। କିନ୍ତୁ ଏଠାରେ ଯିଏ ରକ୍ଷକ ହେବା କଥା, ସେ ହିଁ ଭକ୍ଷକ ହୋଇଛି। ତାଙ୍କ ବିରୋଧରେ ଅଧିକ କଠୋର ଭୂମିକା ଗ୍ରହଣ କରାଯିବା ଉଚିତ। ଅେନକ ସ୍ଥାନରେ ଅବାଧରେ ଗଛ କଟାଯାଉଛି, କିନ୍ତୁ ଏହାର ବିକଳ୍ପ ବ୍ୟବସ୍ଥା କରାଯାଉନି। ଅନେକ ଶିଳ୍ପ ପ୍ରକଳ୍ପ ଲାଗି ଗଛ କଟା ହେଉଛି। କିନ୍ତୁ ସେତିକି ନୂଆ ଗଛ ଲଗାଯାଉନି। ପୋସ୍କୋ ପ୍ରକଳ୍ପ ଲାଗି ପାରାଦ୍ୱୀପ ନିକଟରେ ଶହ ଶହ ଗଛ କଟାଗଲା। କିନ୍ତୁ ସେହି ଅନୁପାତରେ ଗଛ ଲଗାଗଲାନି। ପୋସ୍କୋ ପ୍ରକଳ୍ପ ବି କାର୍ଯ୍ୟକାରୀ ହେଲାନି। ଏହାକୁ କହନ୍ତି ନିଜ ଗୋଡ଼ରେ କୁରାଢ଼ି ମାରିବା। ଏଥିପାଇଁ ଭବିଷ୍ୟତପୀଢ଼ୀକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ। ଆମେ ଏଥିପାଇଁ ଉତ୍ତରଦାୟୀ ରହିବା ଉଚିତ। ଏହି ଭୁଲ ନିମନ୍ତେ ଇତିହାସ ଆମକୁ କେବେ କ୍ଷମା ଦେବନାହିଁ। ରାଜଧାନୀ ଭୁବନେଶ୍ୱରରେ ଯେପରି ଅବିଚାରିତ ଭାବେ ଗଛ କଟା ହେଉଛି ତାହା ରାଜଧାନୀବାସୀଙ୍କ ଲାଗି ମହଙ୍ଗା ପଡ଼ିବ। ଆଜି ରାଜଧାନୀ ଭୁବନେଶ୍ୱର ଯଦି ହଟ ଚାମ୍ବରରେ ପରିଣତ ହୋଇଛି ତାହା କେବଳ ଏହି କାରଣରୁ। ଆଜି ରାଜଧାନୀରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି ତାହା କେବଳ ଏହି କାରଣରୁ। ଏହାକୁ ବନ୍ଦ କରିବା ଦାୟିତ୍ୱ ସରକାରଙ୍କର। ଏହା ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହେଲେ ଯାଇ ସରକାର ହୁଏତ ଚେତିପାରନ୍ତି। ଗୋଟିଏ ଗଛ କାଟିବା ପୂର୍ବରୁ ଦେଖିବାକୁ ପଡ଼ିବ ଯେ, ଏହା ଦ୍ୱାରା କେତେ ଲାଭ ହେଉଛି, କେତେ କ୍ଷତି ହେଉଛି। ଯଦି ଗଛର ଡାଳଟିଏ କାଟିଲେ କାମ ହୋଇଯିବ, ତେବେ ପୁରା ଗଛକୁ କାଟିବା ଜରୁରୀ ନୁହେଁ। ଯଦି ଗଛ ନକାଟି ବିଭିନ୍ନ ପ୍ରକଳ୍ପ ହୋଇପାରିବ, ତେବେ ସେଭଳି ଯୋଜନା କାର୍ଯ୍ୟକାରୀ ହେବା ଉଚିତ। ସରକାର ପରିବେଶ ସୁରକ୍ଷା ଏବଂ ଜିରୋ କାର୍ବାନ ଏମିଶନ ଲାଗି କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କ୍ଲିନ ଏନର୍ଜୀ ପାଇଁ ଅକ୍ଷୟ ଶକ୍ତି ଉତ୍ପାଦନ, ଗ୍ରୀନ ହାଇଡ୍ରୋଜେନ ଏବଂ ଗ୍ରୀନ ଆମୋନିଆ ବ୍ୟବହାର କରି ଏନର୍ଜୀ ପ୍ରଡକ୍ସନ ଉପରେ ଗୁରୁତ୍ୱାରୋପ କରାଯାଉଛି। ୨୦୭୦ ସୁଦ୍ଧା ଜିରୋ କାର୍ବନ ଏମିଶନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କେବଳ ସରକାରୀ ସ୍ତରରେ ନୁହେଁ, ବେସରକାରୀ ସ୍ତରରେ ବିଶେଷ କରି କର୍ପୋରେଟ ସେକ୍ଟରରେ ଏଥିଲାଗି ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ କ୍ଲିନ ଏନର୍ଜୀ ବ୍ୟବହାରକୁ ପ୍ରାଥମିକତା ଦିଆଯାଉଥିବା ବେଳେ ଆଖି ବୁଜି ଗଛ କାଟିବା କେତ୍ତୂର ସମୀଚିନ ତାହା ବିଚାରଯୋଗ୍ୟ। ପ୍ରାକୃତିକ ଉପାୟରେ ପରିବେଶ ସୁରକ୍ଷା ସବୁ ବେଳେ ସ୍ୱାଗତଯୋଗ୍ୟ। ମେସିନ ସହାୟତାରେ ଏହି କାମ କରାଯିବା କଦାପି ପର୍ଯ୍ୟାପ୍ତ ହୋଇପାରିବ ନାହିଁ। ଏଥିପାଇଁ ଜନବସତି ସମ୍ପ୍ରସାରଣକୁ ରୋକିବାକୁ ପଡ଼ିବ। ଜଙ୍ଗଲ କାଟି ଘର ତିଆରି କରିବା, ଗଛ କାଟି ରାସ୍ତା ନିର୍ମାଣ କରିବା ଧର୍ମକୁ ଆଖିଠାର ସଦୃଶ। ସହରାଞ୍ଚଳରେ ବହୁ ତଳ ବିଶିଷ୍ଟ କୋଠା ନିର୍ମାଣ ହେଉ। କିନ୍ତୁ ସହରାଞ୍ଚଳରେ ସାମାଜିକ ବନୀକରଣ ନିହାତି ଆବଶ୍ୟକ। ସହର ମଝିରେ ଛୋଟ ଜଙ୍ଗଲ ସୃଷ୍ଟି କରାଯିବା ଉଚିତ। ରୁଷ ରାଜଧାନୀ ମସ୍କୋରେ ଏଭଳି ଦୃଶ୍ୟ ଦେଖିବାକୁ ମିଳେ। ରାଜପଥ ପାର୍ଶ୍ୱରେ ବ୍ୟାପକ ବୃକ୍ଷ ରୋପାଣ କରାଯିବା ଉଚିତ। ଚାଷ ଜମି ବାଦ ଯେଉଁଠି ପଡ଼ିଆ ରହିଛି ସବୁଠି ବୃକ୍ଷ ରୋପଣ କରାଯିବା ଉଚିତ। ସାରା ସହର ଏକ ସବୁଜ ବଳୟ ମଧ୍ୟରେ ରହିବା ଉଚିତ। ଏଥିରେ ସ୍କୁଲ କଲେଜ ପିଲା ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଯୁବକ ସଙ୍ଗଠନକୁ ସାମିଲ କରାଯିବା ଉଚିତ। ଯେ ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ଏକ ଜନ ଆନ୍ଦୋଳନରେ ପରିଣତ ନହୋଇଛି ସେ ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ଆନ୍ଦୋଳନ ସଫଳ ହେବ ନାହିଁ।

## ସମ୍ପାଦକଙ୍କୁ ପତ୍ର

### ଶବ୍ଦ ପ୍ରଦୂଷଣକାରୀ ବାଣ ବନ୍ଦ ହେଉ

*ମହାଶୟ,*

ଆଗକୁ ଦୀପାବଳୀ ଆସୁଛି। ଏହା ପରେ ଆରମ୍ଭ ହେଉଛି ବିବାହ ଋତୁ। ପାର୍ବଣ ଏବଂ ବିବାହ ଋତୁରେ ଆମ ସଂସ୍କୃତିରେ ବାଣ ଫୁଟିବା ଏକ ପରମ୍ପରା। କିନ୍ତୁ ଦିନକୁ ଦିନ ଏହା ସୀମା ଟପିଲାଣି। ଅନେକ ସମୟରେ ବାଣ ପ୍ରସ୍ତୁତି ଏବଂ ବାଣ ଫୁଟିବା ବେଳେ ଦୁର୍ଘଟଣାରୁ ଅନେକ ଧନଜୀବନ ହାନୀ ହୋଇଥାଏ ଏବଂ ବହୁ ଲୋକ ମୃତାହତ ହୋଇଥାଆନ୍ତି। ବିନା ଲାଇସେନ୍ସରେ ବ୍ରୋଇନ ଭାବେ ବାଣି ପ୍ରସ୍ତୁତି ଯୋଗୁ ଅନେକ ଦୁର୍ଘଟଣା ହୋଇଥାଏ। ଆଉ ତା ସହିତ ଅତି ଉଚ୍ଚ ଶବ୍ଦଯୁକ୍ତ ବାଣ ଫୁଟିବା ଯୋଗୁ ଉଭୟ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ହେଉଛି। ତେଣୁ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଣ ବ୍ୟବହାରକୁ ବନ୍ଦ କରାଯିବା ଉଚିତ। ଏଥିଲାଗି ଆଇନ ରହିଛି, ନିୟମ ରହିଛି, କିନ୍ତୁ ଏହାକୁ କେହି ଗୁରୁତ୍ୱ ଦେଉ ନାହାଁନ୍ତି। ପୋଲିସ ବା ସ୍ଥାନୀୟ ପ୍ରଶାସନ ଏହାକୁ ରୋକିବାରେ ସଫଳ ହୋଇପାରୁନି। ଏଥିଲାଗି ପ୍ରଶାସନ ଆହୁରି ତତ୍ପର ହେବା ଉଚିତ। ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଣି ବିକ୍ରୀ ଉପରେ କେବଳ କଟକଣା ନୁହେଁ, ଏହାର ପ୍ରସ୍ତୁତି ଉପରେ କଟକଣା ଲାଗିବା ଉଚିତ। ନିୟମ ଉଲ୍ଲଘଂନକାରୀଙ୍କ ପ୍ରତି କଠିନ ଦଣ୍ଡ ବିଧାନ ବ୍ୟବସ୍ଥା ହେବା ଉଚିତ। ଦୀପାବଳିର ବହୁ ପୂର୍ବରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇବା ଉଚିତ। ତେବେ କେବଳ ଦୀପାବଳୀ ପାଇଁ ନୁହେଁ, ସବୁ ସମୟ ପାଇଁ ଏହି ନିୟମ ବା କଟକଣା ବଳବତ୍ତର ରହିବା ଉଚିତ। ଆଉ ହସ୍ପିଟାଲ, ଶିକ୍ଷାନୁଷ୍ଠାନ ଏବଂ ଜନଗହଳି ପୂର୍ଣ୍ଣ ବଜାର ଅଞ୍ଚଳରେ ବାଣ ଫୁଟାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ଉଚିତ। ଏଥିରେ ଅଭ୍ୟସ୍ତ ହେବାକୁ ଏବଂ ଲୋକଙ୍କୁ ଏ ସମ୍ପର୍କରେ ଭଲଭାବେ ଅବଗତ ହେବାକୁ ଅନେକ ଦିନ ଲାଗିବ। ଏଥିପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି।

ବିଜୟ କୁମାର ମହାନ୍ତି, ତିର୍ତ୍ତୋଲ

# ଜାତୀୟ ରାଜନୀତିର ଗତି କୁଆଡେ ?



ସୁବାସ ଷଡଙ୍ଗୀ

'ଅବ କି ବାର ଚାର ଶୋ ପାର' କଥାଟି ଏପଟ ସେପଟ ହୋଇଯିବା ପରେ ନିଜ ସହଯୋଗୀ ଦଳଙ୍କ ସହ ମିଶି ମୋଦି ସରକାର ଗଠନ କରିଛନ୍ତି। କିନ୍ତୁ ତାଙ୍କ ଲୋକପ୍ରିୟତା କମିଛି। ରାହୁଲ ଗାନ୍ଧୀ ନିକଟରେ ଆମେରିକା ଗସ୍ତ କାଳରେ ମୋଦି ସରକାରଙ୍କ ବିରୋଧରେ ବେଶ କିଛି ସମାଲୋଚନା କରିଛନ୍ତି। ସରକାର ଯଦି ଦୁର୍ବଳ ହୁଏ ତେବେ କୌଣସି ବଡ କଥା କାର୍ଯ୍ୟକାରୀ ହୋଇପାରେ ନାହିଁ। ମୋଦିଙ୍କ ପାଇଁ ସବୁଠୁ ବଡ କଥା ହେଲା ତାଙ୍କ କଥାର ଗ୍ୟାରେଂଟି। ଇଂରେଜିରେ ଗୋଟାଏ କଥା ଅଛି 'ଲାର୍ଜର ଦ୍ୟାନ ଲାଇଫ'। ମୋଦି ହେଉଛନ୍ତି, ସେମିତି ଜଣେ ନେତା। ତାଙ୍କ କଥା ତାଙ୍କ କାମ ବୋଲି ଦଳ ଭିତରେ ଅନେକ ମନେ କରନ୍ତି। ଏଥରକ ଦଳ ଚାରିଶହରୁ ଅଧିକ ସିଟ ଆସିଲେ, କିଛି ନୂଆ ହେବ ବୋଲି ଅନେକ ଭାବିଥିଲେ। ମାତ୍ର ସବୁ କିଛି ଫସର ଫାଟିଗଲା। ଏମିତି ସମୟରେ କେଜ୍ରିଓ୍ୱାଲ ଆରଏସଏସର ମୁଖ୍ୟ ମୋହନ ଭାଗବତଙ୍କ ଚିଠି ଲେଖି ଦାବି କରିଛନ୍ତି, ଯେହେତୁ ଆସନ୍ତା ବର୍ଷ ମୋଦିଙ୍କୁ ୭୫ ବର୍ଷ ପୁରିଯାଉଛି, ତେଣୁ ପ୍ରଧାନମନ୍ତ୍ରୀ ନୂଆ ନେତା ହେବେ ବୋଲି ବାଛନ୍ତୁ। ୨୦୧୪ ମସିହାରେ ବିଜେପି ଦଳ କ୍ଷମତାକୁ ଆସିବା ପରେ ଏଇ ନୀତି ଗ୍ରହଣ କରିଥିଲା। ଯାହାଫଳରେ ଆଡଭାଣୀଙ୍କ ଭଳି ବହୁ ନେତା ସକ୍ରିୟ ରାଜନୀତିରୁ ବାଦ ପଡ଼ି ଯାଇଥିଲେ। ମୋଦି ଦଳ ଭିତରେ ଅଧିକ କ୍ଷମତାଶାଳୀ ହୋଇ ଉଠିଥିଲେ। ଏଭଳି ନୀତି କୁଆଡେ ଆରଏସଏସର ସହମତିରେ ହୋଇଥିଲା। ତେଣୁ ବଡ ନେତାଙ୍କ ମୁହଁ ଚୁପ ହୋଇଯାଇଥିଲା।

ଏଥରକ ଯଦି ଦଳ ଚାରିଶହ ଟପିଥାନ୍ତା, ତେବେ ଗୋଟିଏ ଦେଶ, ଗୋଟିଏ ଭୋଟ ନୀତି କାର୍ଯ୍ୟକାରୀ ହୋଇଥାନ୍ତା। ଅବଶ୍ୟ ଏବେବି ସରକାର କହୁଛନ୍ତି, ସେମାନେ ଏହାକୁ କାର୍ଯ୍ୟକାରୀ କରିବେ। ଯଦି ଏଇ ନୀତି କାର୍ଯ୍ୟକାରି ହୁଏ ତେବେ ସମ୍ବିଧାନ ସଂଶୋଧନ କରିବାକୁ ହେବ। ନୂଆ ନିର୍ବାଚନ ୨୦୩୪ ରେ ହେବ। ସମ୍ବିଧାନ ସଂଶୋଧନ କରିବାକୁ ହେଲେ ଉଭୟେ ରାଜ୍ୟସଭା ଏବଂ ଲୋକସଭାରେ ସଂଖ୍ୟାଗରିଷ୍ଠତା ରହିବା ଦରକାର। ଲୋକସଭାରେ ସିନା ଦଳ ସହଯୋଗୀଙ୍କ ସହ ମିଶି ସଂଶୋଧନ ପ୍ରସ୍ତାବକୁ ପାରିତ କରାଇଦେବ, ହେଲେ ରାଜ୍ୟସଭାରେ କଣ ହେବ ? ସେଥିପାଇଁ ରାଜ୍ୟ ସଭାରେ ନିଜର ଆସନ ସଂଖ୍ୟା ଦଳ ବଢ଼ାଇବାକୁ ଚେଷ୍ଟା କରୁଛି। ଆମ ଓଡ଼ିଶାରୁ ବିଜେଡି ଦଳର ଦୁଇ ଜଣ ସଦସ୍ୟଙ୍କୁ ନେଇ, ନିଜ ଦଳରୁ ସେମାନଙ୍କୁ ଜିତାଇ ଆଣି ନିଜ ଦଳରେ



ସାମିଲ କରିଛି। ଦଳର ଅବସ୍ଥା କଣ ହେବ ତାହାତ ସମୟ କହିବ। କିନ୍ତୁ ଗୋଟିଏ ଦେଶ, ଗୋଟିଏ ଭୋଟ କଥାଟି ଯଦି ମୋଦିଙ୍କୁ ହଟାଇ ଦିଆଯାଏ ତେବେ ତେବେ ସମ୍ଭବ ହେବ ନାହିଁ।

ରାଜନୀତିରେ କେତେବେଳ କଣ ହେବ କିଛି କହି ହେବ ନାହିଁ। ଯେମିତି ଓଡ଼ିଶାରେ ନବୀନ ପଟନାୟକ ସବୁଠାରୁ ଲୋକପ୍ରିୟ ଥିଲେ, ମାତ୍ର ନିର୍ବାଚନରେ ପରାଜିତ ହେଲେ। ସେମିତି ଜାତୀୟ ରାଜନୀତିରେ ମୋଦିଙ୍କ ପତିଆରାର କଣ ହେବ, ତାହା ଏବେଠାରୁ କହିବା ସହଜ ନୁହେଁ।୨୦୨୪ ସାଧାରଣ ନିର୍ବାଚନରେ ଯଦିଓ ମୋଦିଙ୍କ ପତିଆରା କିଛି କମିଛି, କିନ୍ତୁ ତାଙ୍କ ଗ୍ୟାରେଂଟି ଉପରେ ଲୋକଙ୍କର ଏବେବି ବିଶ୍ୱାସ ରହିଛି। ଏକଥାର ପ୍ରମାଣ ଓଡ଼ିଶା ନିର୍ବାଚନରୁ ପ୍ରମାଣିତ ହୋଇଛି। ଓଡ଼ିଶାରେ ନବୀନବାବୁ ଓ ତାଙ୍କ ଦଳ ଲୋକପ୍ରିୟ ହୋଇଥିଲେ ମଧ୍ୟ କେବଳ ମୋଦିଙ୍କ ଗ୍ୟାରେଂଟି କଥାଟି ଲୋକଙ୍କ ମନକୁ ଛୁଇଁଲା। ସେମାନେ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଲେ।

ନିର୍ବାଚନରେ ଦଳର ଆସନ ସଂଖ୍ୟା କମିଲେ ମଧ୍ୟ ମୋଦିଙ୍କ ଭାବମୂର୍ତ୍ତିରେ ମଳିନ ପଡ଼ିନି। ଏହାହିଁ ତାଙ୍କ ପାଇଁ ସବୁଠାରୁ ବଡ କଥା। ଏବେବି ସେ ଦଳ ଭିତରେ ସବୁଠାରୁ ବଡ ନେତା ଯିଏ କି ଦରକାର ପଡ଼ିଲେ, ଦଳକୁ ପୁଣି ଥରେ ଜିତାଇ ଆଣିବାରେ ସକ୍ଷମ ହୋଇପାରିବେ। ସେଥିପାଇଁ ଅଧିକାଂଶ ଦଳୀୟ ନେତା ତାଙ୍କ ସମର୍ଥକ। ଯେମିତ ଆମ ଓଡ଼ିଶାରେ। ଦଳ ପରାଜିତ ହେଲେ ମଧ୍ୟ ନେତାମାନଙ୍କର ନବୀନବାବୁଙ୍କ ଉପରେ ଭରସା ରହିଛି। ସେ ପୁଣି ଥରେ ଦଳକୁ କ୍ଷମତାକୁ ଫେରାଇ ଆଣି ପାରିବେ।

ତେବେ ଏ ସବୁକିଛି ନିର୍ଭର କରେ କିଛି ବିଧାନସଭା ନିର୍ବାଚନ ଫଳାଫଳ ଉପରେ। ଜାମ୍ମୁକାଶ୍ମୀରରେ ନନିର୍ବାଚନ ସରିଛି। ସେଠାରେ ପ୍ରଥମଥର ପାଇଁ ନିର୍ବାଚନ ହେଉଛି। ହରିଆନରେ ମଧ୍ୟ ହୋଇଯାଇଛି। ଆସନ୍ତା ସପ୍ତାହରେ ପଳାଫଳ ଆସିଯିବ। ଏହା ପରେ ହେବ ମହାରାଷ୍ଟ୍ର, ଝାଡଖଣ୍ଡ ଓ ଦିଲ୍ଲିରେ। ଏଇସବୁ ନିର୍ବାଚନର ଫଳାଫଳ ଉପରେ ନିର୍ଭରକରୁଛି କେନ୍ଦ୍ର ସରକାରଙ୍କ ଭବିଷ୍ୟତ। କାରଣ ଯଦି ନିର୍ବାଚନରେ ବିଜେପିର ପରାଜୟ ହୁଏ ତେବେ ସହଯୋଗୀ ଦଳମାନେ ନୂଆ ରାସ୍ତା ବାଛିବାକୁ ଚାହିଁବେ। ଆଉ ଯଦି ବିଜେପି ଏଇସବୁ ରାଜ୍ୟରେ କ୍ଷମତାକୁ ଫେରେ, ତେବେ ୨୦୩୪ ମସିହା ପାଇଁ ନିଜକୁ ପ୍ରସ୍ତୁତ କରିବ।

ଆଉ ଗୋଟାଏ କଥା ଏଠାରେ କହିବାକୁ ହେବ। ୨୦୨୧ ମସିହାରେ ଜନଗଣନା ହେବା କଥା କରୋନା ଓ ତତପରବର୍ତ୍ତୀ କିଛି ଘଟଣା ପାଇଁ ଜନଗରନା ହୋଇପାରି ନାହିଁ। ନୂଆ ଜନସଂଖ୍ୟା ଆଧାରରେ ଲୋକସଭାରେ ଆସନସଂଖ୍ୟା ମଧ୍ୟ ବଢ଼ିବ ଆସନ ପ୍ରାୟ ସାତଶହ ପାଖାପାଖି ହୋଇଯିବ। ଏଣୁ ଦଳ ଓ ନେତାଙ୍କୁ ଯଦି ଠିକଭାବରେ ଚୟନକରା ନ ଯାଏ ତେବେ ଦଳ କ୍ଷମତାକୁ ଫେରିବା ସହଜ ହେବ ନାହିଁ। ରାଜନୈତିକ ଦୃଶ୍ୟପଟ ବଦଳିବାକୁ ଆରମ୍ଭ କରିବ, ଏଇସବୁ ବିଧାନସଭା ନିର୍ବାଚନ ପରେ।

ମୋବାଇଲ୍: ୯୪୩୯୬୫୨୩୨୨

# ବଜାରରେ ମିଳୁଥିବା ୨୫ ପ୍ରତିଶତ ଔଷଧ ନକଲି



ଗୋପାଳ ମହାପାତ୍ର

ଦେଶର ଔଷଧ କମ୍ପାନୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କେତେକ ଔଷଧର ଗୁଣବତ୍ତା ନିମ୍ନମାନର ଥିବା ଜଣାପଡ଼ିଛି। ଏହା ନିଶ୍ଚିତ ଚିନ୍ତାର ବିଷୟ। ସାଧାରଣ ଭାବେ ଲୋକେ ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ ଓ ଔଷଧକୁ ସଞ୍ଜିବନୀ ବୋଲି ଭାବିଥାନ୍ତି। ଔଷଧକୁ ସଞ୍ଜିବନୀ ବୋଲି ଭାବିବାର କାରଣ ହେଉଛି ଏହା ଜୀବନ ରକ୍ଷକ। ରୋଗୀ ବିଶ୍ୱାସର ସହ ଏହାକୁ ଖାଇଥାଏ ଓ ଭାବିଥାଏ ଯେ ଏହାକୁ ଖାଇବା ଦ୍ୱାରା ତାର ରୋଗ/ଦେହ ଭଲ ହୋଇଯିବ ଓ ସେ ସୁସ୍ଥ ହୋଇଉଠିବ। କିନ୍ତୁ ରୋଗୀଙ୍କ ଏହି ବିଶ୍ୱାସ ସହ କେତେକ ଔଷଧ କମ୍ପାନୀ ଖେଳ ଖେଳୁଛନ୍ତି ଓ ଏହା କେବଳ ଅର୍ଥ ଲୋଭରେ। ଏହାକୁ ସିଧା ଅର୍ଥରେ ରୋଗୀଙ୍କ ସହ ଧୋକା ଓ ବିଶ୍ୱାସଘାତକତା ବୋଲି କୁହାଯାଇପାରେ। ଏଭଳି କାର୍ଯ୍ୟ କ୍ଷମାର ଯୋଗ୍ୟ ନୁହେଁ। ଏବେ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସ୍‌ସିଓ) ପକ୍ଷରୁ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଔଷଧକୁ ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି ସେଥିରୁ ଜଣାପଡ଼ିଛି ଯେ ଦେଶରେ ବିକ୍ରୀ ହେଉଥିବା ୫୩ ପ୍ରକାଶର ଔଷଧ ନିମ୍ନମାନର। ଏହି ଔଷଧ ଗୁଣବତ୍ତା ପରୀକ୍ଷାରେ ଫେଲ ହୋଇଛନ୍ତି। ଏଣୁ ଏବେ ସାଧାରଣ ଲୋକଙ୍କ ମନରେ ସନ୍ଦେହ ଉପୁଜିବା ସ୍ୱାଭାବିକ୍ ଯେ ବଜାରରେ ମିଳୁଥିବା ଔଷଧ କ'ଣ ନକଲି ? ଲୋକଙ୍କ ସନ୍ଦେହ ମଧ୍ୟ ଠିକ୍। କାରଣ ଏକ ଅଧ୍ୟୟନ ଅନୁସାରେ ବଜାରରେ ମିଳୁଥିବା ପାଖାପାଖି ୨୫ ପ୍ରତିଶତ ଔଷଧ ନକଲି। ନକଲି କୁହାଯିବାର ଅର୍ଥ ହେଉଛି କେତକ ଜାଲ କମ୍ପାନୀ ମାନେ ନାମୀ କମ୍ପାନୀଙ୍କ ଲେବୁଲକୁ ନକଲି କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଔଷଧକୁ ବଜାରକୁ ଛାଡୁଛନ୍ତି।

ଏବେ ସିଡିଏସ୍‌ସିଓ ପକ୍ଷରୁ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତଦନୁସାରେ ସାଧାରଣ ଜ୍ୱର ପାଇଁ ବଜାରରେ ମିଳୁଥିବା ପାରାସେଟାମଲ ସମେତ ଅନେକ ପ୍ରକାରର ଔଷଧ ଏମିତି ଯେ ଯାହାର ସାମ୍ପୁଲ ପରୀକ୍ଷାଗାରରେ କରାଯାଇଥିବା ପରୀକ୍ଷଣରେ ଫେଲ ହୋଇଛନ୍ତି। ଏସବୁ ଔଷଧ ମଧ୍ୟରେ ରହିଛି ଫ୍ଲୁକୋନଜାଲ, ଭିଟାମିନ ଡି ସପ୍ଲିମେଣ୍ଟ, ରକ୍ତଚାପ ଏବଂ ଡାଇବେଟିସର ଔଷଧ। ପରୀକ୍ଷାଗାରକୁ ଯେଉଁ ସବୁ ଔଷଧ ନିଆଯାଇଥିଲା ସେସବୁ ଔଷଧର ଲେବୁଲ ମଧ୍ୟ ନାମୀ କମ୍ପାନୀର ଥିଲା। ଯେତେବେଳେ ସିଡିଏସ୍ ଓ ସମ୍ପୃକ୍ତ କମ୍ପାନୀ ମାନଙ୍କୁ ଏ ସମ୍ପର୍କରେ ସ୍ପଷ୍ଟିକରଣ ମାଗିଲା ସେତେବେଳେ କମ୍ପାନୀ ମାନେ ଉତ୍ତର ଦେଲେ ଯେ ଔଷଧର ଲେବୁଲ ଉପରେ ଯେଉଁ ବ୍ୟାଚ ଲେଖାଯାଇଛି ସେଭଳି ବ୍ୟାଚର ଔଷଧ ସେମାନେ ପ୍ରସ୍ତୁତ କରୁନାହାଁନ୍ତି। ଏହାର ସିଧା ଅର୍ଥ ହେଉଛି କେହି ଜାଲ କମ୍ପାନୀ ନକଲି ଔଷଧ ପ୍ରସ୍ତୁତ କରି ବଜାରକୁ ଛାଡୁଛି।

ଭାରତୀୟ ଆୟୋଗ ସଂଗଠନ ଏସୋଚେମ ୨୦୨୨ରେ ଜାରି କରିଥିବା ରିପୋର୍ଟରେ ପ୍ରକାଶ କରିଥିଲା ଯେ ବଜାରରେ ଉପଲବ୍ଧ ଔଷଧ ମଧ୍ୟରୁ ୨୫ ପ୍ରତିଶତ ନକଲି। ଫେକ ଆଣ୍ଡ କାଉଣ୍ଟରଫିଟ ଡ୍ରଗ୍ସ ଇନ୍ ଇଣ୍ଡିଆ-ବୁମିଙ୍ଗ ବିଜ ନାମକ ଏହି ରିପୋର୍ଟର ଦେଶରେ




ବାର୍ଷିକ ୧୪ରୁ ୧୭ ଅରବ ଡ଼ଲାରର ଔଷଧ ବିକ୍ରୀ ହୋଇଥାଏ। ଏହାର ୨୫ ପ୍ରତିଶତ ନକଲି ବା ନିମ୍ନମାନର ଔଷଧ। କେବଳ ଏତିକି ନୁହେଁ ରିପୋର୍ଟରେ କୁହାଯାଇଥିଲା ଯେ ଦେଶରେ ନକଲି ଔଷଧର କାରବାର ବଢ଼ିବାରେ ଲାଗିଛି। ରିପୋର୍ଟରେ ଏକଥା ମଧ୍ୟ ଉଲ୍ଲେଖ ଥିଲା ଯେ ସରକାରୀ ଡାକ୍ତରଖାନା ମାନଙ୍କରେ ମିଳୁଥିବା ଔଷଧ ମଧ୍ୟରୁ ୩୮ ପ୍ରତିଶତ ଔଷଧ ନିମ୍ନମାନର। ବଜାରକୁ ଆସୁଥିବା ଔଷଧ ଦେଖିବାକୁ ଅସଲିଭଳି ଲାଗିଥାଏ କିନ୍ତୁ ଲେବଲିଙ୍ଗରେ କେତେକ ତ୍ରୁଟି କାରଣରୁ ଅନେକ ସମୟରେ ଅସଲି ନକଲି ମଧ୍ୟରେ ଥିବା ପାର୍ଥକ୍ୟ ଜଣାପଡେ।

କେନ୍ଦ୍ର ସରକାର ୩୦୦ ବ୍ରାଣ୍ଡଡ଼ ନାମରେ ବିକ୍ରୀ ହେଉଥିବା ଔଷଧକୁ ବିଜ୍ଞପିତ (ନୋଟିଫାଇ) କରିଛନ୍ତି ଓ ୨୦୨୩ ଅଗଷ୍ଟ ମାସ ଠାରୁ ଏସବୁ ଔଷଧର ଡ଼ବା (ଖୋଲ) ଉପରେ ବାରକୋଡ୍ ବା କ୍ୟୁଆରକୋଡ୍ ରହିବା ବାଧ୍ୟତା ମୂଳକ ହୋଇଛି। ଏହି ବାରକୋଡ୍ ବା କ୍ୟୁଆରକୋଡ୍‌କୁ ସ୍କାନ କଲେ ସମ୍ପୂର୍ଣ୍ଣ ବିବରଣୀ ମିଳିପାରିବ। ନକଲି ଔଷଧର ବାରକୋଡ୍‌କୁ ସ୍କାନକଲେ କୌଣସି ତଥ୍ୟ ମିଳେ ନାହିଁ। ଏଣୁ କିଣିବା ସମୟରେ ଏସବୁ ଦେଖିବା ଆବଶ୍ୟକ। ଭାରତ ଫାର୍ମାସ୍ୟୁଟିକାଲ କ୍ଷେତ୍ରରେ ବିକାଶ କରିବାରେ ଲାଗିଛି। ଆଶାକରାଯାଏ ଯେ୨୦୩୦ ସୁଦ୍ଧା ଏହାର ବଜାର ୧୩୦ ଅରବ ଡ଼ଲାରରେ ପହଞ୍ଚିବ। ଗତ ସେପ୍ଟେମ୍ବର ୨୬ ତାରିଖରେ ଏସୋଚମ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏକଥା ଜଣାପଡ଼ିଛି। ଏସୋଚେମର ରିପୋର୍ଟରେ କୁହାଯାଇଛି ଯେ ଭାରତ ଏବେ ଔଷଧ ପ୍ରସ୍ତୁତ କ୍ଷେତ୍ରରେ ବିଶ୍ୱର ୩ୟ ସ୍ଥାନରେ ରହିଛି ଓ ବିଶ୍ୱର ଅନେକ ଦେଶ ଭାରତରୁ ଔଷଧ କିଣୁଛନ୍ତି। ଏସୋଚେମ୍‌ର ରିପୋର୍ଟରେ ଭାରତରେ ଜେନେରିକ ଔଷଧର ବଜାର ୧୩୦ ବିଲିୟନ ଡ଼ଲାରରେ ପହଞ୍ଚିବାର ସମ୍ଭାବନା ରହିଛି ବୋଲି ଉଲ୍ଲେଖ କରାଯାଇଛି।

ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ) ପକ୍ଷରୁ ଭାରତରେ ପ୍ରସ୍ତୁତ ଔଷଧର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠାଯାଇଛି। କେନ୍ଦ୍ର ସରକାର ମଧ୍ୟ ଏ ଦିଗରେ ପଦକ୍ଷେପ ନେଇଛନ୍ତି କିନ୍ତୁ ନକଲି ଔଷଧର ବିକ୍ରୀ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାର ଏ ଦିଗରେ କଠୋର ପଦକ୍ଷେପ ନେବା ଉଚିତ୍। ସାଧାରଣ ଲୋକେ ସୁସ୍ଥ ହେବା ପାଇଁ କଷ୍ଟ ଅର୍ଜିତ ଧନରେ ଔଷଧ କିଣୁଛନ୍ତି କିନ୍ତୁ ନେଉଛନ୍ତି ନକଲି ଔଷଧ। ନିଃସନ୍ଦେହ ଯେ ଏହା ଲୋକଙ୍କ ପ୍ରତି ବିଶ୍ୱାସଘାତକତା। ଏଣୁ ନୀତି ନିର୍ଦ୍ଧାରକ ମାନେ ଏ ଘଟଣାକୁ ଅଧିକ ଗୁରୁତ୍ୱ ଦେବା ସହ ଲୋକଙ୍କ ଜୀବନକୁ ନେଇ ଖେଳୁଥିବା ସଂସ୍ଥା / କମ୍ପାନୀ ମାନଙ୍କ ବିରୁଦ୍ଧରେ କଠୋରରୁ କଡୋରତମ ପଦକ୍ଷେପ ନେବା ଅପରିହାର୍ଯ୍ୟ। ଆସୋଚେମର ରିପୋର୍ଟ ନିଶ୍ଚୟ ସମ୍ବେଦନଶୀଳ। ସର୍ବୋପରି ନକଲି ଔଷଧକୁ କେମିତି ସାଧାରଣ ଲୋକେ ଜାଣିପାରିବେ ସେ ନେଇ ବ୍ୟବସ୍ଥା ମଧ୍ୟ କରାଯିବା ଆବଶ୍ୟକ। ସରକାର ଗତ ଅଗଷ୍ଟ ମାସରେ ୧୫୬ ପ୍ରକାରର ଔଷଧ ଉପରେ ପ୍ରତିବନ୍ଧ ଲଗାଇଛନ୍ତି ଏବଂ ଏହାର ଉତ୍ପାଦନ ଓ ବିତରଣକୁ ନିଷିଧ କରିଛନ୍ତି। ଏସବୁ ପରେ ଗୋଟିଏ କଥା ସ୍ପଷ୍ଟ ଯେ ମାନବୀୟ ମୂଲ୍ୟ ଏତେ ପରିମାଣରେ ହ୍ରାସ ପାଇଛି ଯେ କମ୍ପାନୀ ମାନେ ଲାଭ ପାଇଁ ଗରୀବ/ ସାଧାରଣ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଅନ୍ୟ ଅର୍ଥରେ ରୋଗୀଙ୍କୁ ଅଧିକ ଯନ୍ତ୍ରଣା ବାଣ୍ଟିବାରେ ଲାଗିଛନ୍ତି ଔଷଧ କମ୍ପାନୀ ମାନେ।

ରାମଚନ୍ଦ୍ର ପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ଆର୍ଯ୍ୟମାନଙ୍କ ଭାରତ ଆକ୍ରମଣ



ସର୍ବେଶ୍ୱର ବେହେରା

ଆର୍ଯ୍ୟମାନଙ୍କ ସମ୍ବନ୍ଧରେ ବ୍ରିଟିଶ ସାମ୍ରାଜ୍ୟବାଦୀ ବିଚାରକ ତଥା ଅସଭ୍ୟ, ମୂର୍ଖ ଖ୍ରୀଷ୍ଟିଆନମାନେ ଦୁଇଟି ମୁଖ୍ୟ ବିକୃତି ସୁନିୟୋଜିତ ଢ଼ଙ୍ଗରେ ଉପସ୍ଥାପନ କରିଥିଲେ। ଆର୍ଯ୍ୟ ଏକ ଜାତି ବା ଗୋଷ୍ଠୀ, ଯେଉଁମାନେ ଭାରତ ବାହାରୁ ଆସିଛନ୍ତି। ବାସ୍ତବରେ ଆର୍ଯ୍ୟ ଏକ ବିଶୁଦ୍ଧ ଶବ୍ଦ। ଇଂରାଜୀ ଇଣ୍ଡୋ-ୟୁରୋପୀୟାନ କିମ୍ବା ଇଣ୍ଡୋ-ଇରାନୀୟନରେ ଏପରି କୌଣସି ଶବ୍ଦ ନାହିଁ। ଆର୍ଯ୍ୟ କୌଣସି ଜାତିବାଚକ ଶବ୍ଦ ନୁହେଁ। ଏହା ଏକ ଗୁଣବାଚକ ଶବ୍ଦ। ଯାହାର ଅର୍ଥ ଶ୍ରେଷ୍ଠ, ଗୁଣୀ ଓ ସତ୍ୟ। ବୈଦିକ ସାହିତ୍ୟରେ ଏହି ଶବ୍ଦକୁ ଅନେକ ଥର ଦେଖିବାକୁ ମିଳେ। ଏହି ଶବ୍ଦ ଋକ୍ ବେଦରେ ୩୧ଥର ଓ ଅଥର୍ବ ବେଦରେ ୫ଥର ଶ୍ରେଷ୍ଠ ବ୍ୟକ୍ତି ରୂପେ ଉଲ୍ଲେଖ ଅଛି। ରାମାୟଣରେ ରାଜା ଦଶରଥ ନିଜର ପୁତ୍ରମାନଙ୍କୁ ଆର୍ଯ୍ୟପୁତ୍ର ରୂପେ ସମ୍ବୋଧନ କରିଥିଲେ। ରାଣୀ କୈକେୟୀ ଯେବେ ଶ୍ରୀରାମଙ୍କୁ ଚଉଦ ବର୍ଷ ବନବାସ ପାଇଁ କହିଥିଲେ ଦଶରଥ ତାଙ୍କୁ 'ଅନାର୍ଯ୍ୟ' କହିଥିଲେ। ସେହିପରି ମହାଭାରତରେ ଦ୍ରୌପଦୀ ଅର୍ଜୁନଙ୍କୁ ଆର୍ଯ୍ୟପୁତ୍ର କହୁଥିଲେ। କୁନ୍ତୀ ଓ ଗାନ୍ଧାରୀ ସମସ୍ତେ ଆର୍ଯ୍ୟମାତା ଥିଲେ। ଶ୍ରୀକୃଷ୍ଣ ଆର୍ଯ୍ୟ ଥିଲେ। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କେବଳ ଥରେ ଅନାର୍ଯ୍ୟ କହିଥିଲେ ଯେବେ ଅର୍ଜୁନ ବିଷାଦଗ୍ରସ୍ତ ହୋଇ ମହାଭାରତ ଯୁଦ୍ଧ ଭୂମିରେ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ବୌଦ୍ଧ ସାହିତ୍ୟରେ ଚାରିଥର 'ଆର୍ଯ୍ୟ ସତ୍ୟ' ଉଲ୍ଲେଖ ଅଛି। ମୌର୍ଯ୍ୟ କାଳରେ ଆଚାର୍ଯ୍ୟ ଚାଣକ୍ୟଙ୍କୁ ଆର୍ଯ୍ୟ କୁହାଯାଉଥିଲା। ମହାକବି କାଳିଦାସ ନିଜର ବିଶ୍ୱପ୍ରସିଦ୍ଧ ନାଟକ 'ଅଭିଜ୍ଞାନ ଶକୁନ୍ତଳମ୍'ରେ ମହାରାଜା ଦୁଷ୍ମନ୍ତଙ୍କୁ କେବଳ ଥରେ ଅନାର୍ଯ୍ୟ କହିଥିଲେ, ଯେବେ ସେ ଶକୁନ୍ତଳାଙ୍କୁ ନିଜର ମୁଦି ଦେବା ପ୍ରସଙ୍ଗ ଭୁଲିଯାଇଥିଲେ। ଏହିପରି ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଦେଶରେ ଆର୍ଯ୍ୟ ଶବ୍ଦକୁ ଶ୍ରେଷ୍ଠ ରୂପେ ବ୍ୟବହାର କରାଯାଇଥିଲା। ପରେ ସ୍ୱାମୀ ଦୟାନନ୍ଦ 'ଆର୍ଯ୍ୟ ସମାଜ' ପ୍ରତିଷ୍ଠା କରିଥିଲେ, ଯାହାର ଅର୍ଥ ଶ୍ରେଷ୍ଠ ବ୍ୟକ୍ତିମାନଙ୍କ ସମାଜ।

ଆର୍ଯ୍ୟ ସମ୍ବନ୍ଧରେ ସର୍ବପ୍ରଥମେ ଜର୍ମାନ ପାଦ୍ରୀ ମ୍ୟାକ୍ସମୁଲାର (୧୮୨୩-୧୯୦୦) ଦୁଷ୍ଟାମି କରିଥିଲେ। ୧୮୪୭, ଜୁନ ମାସରେ ସେ ଭାରତକୁ ଦୁଇ ଭାଗରେ ବିଭକ୍ତ କରିଥିଲେ। ଗୋଟିଏ ଆର୍ଯ୍ୟ ଓ ଅନ୍ୟକୁ ଜନଜାତି କହିଥିଲେ। ସେ ୧୮୪୭ରୁ ୧୮୯୧ ପର୍ଯ୍ୟନ୍ତ ଆର୍ଯ୍ୟ ଶବ୍ଦକୁ ନିଜ ଇଚ୍ଛାନୁସାରେ ବ୍ୟବହାର କରୁଥିଲେ। ୧୮୪୭ରେ ଚାର୍ଲ୍ସ ଲେସର (ଉଷବକ୍ସକ୍ଷରସ୍ୱ ଖବସ୍ୱଗ୍ୱରକ୍ସ) ନାମକ ବିଦ୍ୱାନ ନିଜର ପୁସ୍ତକ ହ୍ରିଷ୍ଟି ଅଫ ଆନ୍ସିଏଣ୍ଟ ଇଣ୍ଡିଆରେ ଏହି ଆର୍ଯ୍ୟକୁ ଏକ ଜାତି ରୂପେ ବର୍ଣ୍ଣନା କରିଥିଲା। ଏହି ପୁସ୍ତକ ପ୍ରାୟ ୪୦୦୦ ପୃଷ୍ଠାର ତିନିଟି ଭାଗରେ ପ୍ରକାଶିତ ହୋଇଥିଲା। ମ୍ୟାକ୍ସମୁଲାର ପ୍ରଥମେ ଯେଉଁ 'ଆର୍ଯ୍ୟ ଏକ ଜାତି ଓ ସେମାନେ ବାହାରୁ ଆସିଛନ୍ତି' ଉଲ୍ଲେଖ କରିଥିଲେ, ତାହାକୁ ବ୍ରିଟିଶ ସାମ୍ରାଜ୍ୟବାଦ ଓ ଖ୍ରୀଷ୍ଟିଆନ ପାଦ୍ରୀମାନେ ପ୍ରଚାର ପ୍ରସାର ଆରମ୍ଭ କରିଥିଲେ। ୧୮୭୨ରେ ମ୍ୟାକ୍ସମୁଲାର ପରିବର୍ତ୍ତନ ହୋଇ 'ଏହା ଏକ ଜାତି ନୁହେଁ' ବୋଲି କହିଥିଲେ, କିନ୍ତୁ ବ୍ରିଟିଶ ସରକାର ଏହାକୁ ଅଣଦେଖା କରିଥିଲା। ୧୮୯୧ରେ ପ୍ରସିଦ୍ଧ ଶରୀର ବିଭାଗ ମୁଖ୍ୟ କାର୍ଡ଼ିଏଫ (ଉବକ୍ସୟସରଲଲ) ଏହା ଏକ ପାଗଳାମି ବୋଲି କହିଥିଲେ। ଆଧୁନିକ ମାନବ ବିଜ୍ଞାନର ବିଶେଷଜ୍ଞମାନେ ଏହାକୁ ତଥ୍ୟହୀନ ଓ ଅବୈଜ୍ଞାନିକ କହିଛନ୍ତି। ଡି.ଏନ.ଏ ବିଶେଷଜ୍ଞମାନେ ଆର୍ଯ୍ୟଙ୍କୁ ଏହି ଦେଶର ମୂଳ ବ୍ୟକ୍ତି ରୂପେ ପ୍ରମାଣିତ କରିଛନ୍ତି।

ୟୁରୋପର ଅନେକ ବିଦ୍ୱାନମାନେ ରାଜନୈତିକ ତଥ୍ୟ ଧାର୍ମିକ ହିତକୁ ଧ୍ୟାନ ଦେଇ ଆର୍ଯ୍ୟବାଦରୁ ଆସିଥିବା ମିଥ୍ୟା କଳ୍ପନାକୁ ପ୍ରସାରିତ କରିଥିଲେ। ସେମାନଙ୍କ ମଧ୍ୟରେ ହିଲ୍ଲୋପ, ଷ୍ଟିରେନ୍ସନ, ଡ. ଜନ ୱିଲସନ, ରବର୍ଟ କାଲ୍ଡୱେଲ, ଜେ.ସି.ମାର୍ସମ୍ୟାନ, ଆଇଲଙ୍ଗ ଓ ଆଲେକ୍ଜାଣ୍ଡର ଡଫ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ମନଗଢ଼ା କାହାଣୀକୁ ବିଦ୍ୱାନ ରସ୍କେକ୍ସ, ରସ୍କ ଓ ଚାର୍ଲ୍ସ ଲେସର ଅଧିକ ପ୍ରସାରଣ କରିଥିଲେ।

ବ୍ରିଟିଶ ଇତିହାସିକାରମାନେ ଆର୍ଯ୍ୟମାନଙ୍କ ଭାରତ ଆଗମନର କାଳ ତଥା ଆଗମନ ପୂର୍ବ ସ୍ଥାନ ସମ୍ବନ୍ଧରେ ମଧ୍ୟ କାଳ୍ପନିକ ରଚନା କରିଛନ୍ତି। ୧୮୨୦ ଖ୍ରୀଷ୍ଟାବ୍ଦରେ ଜେ.ସି.ରୋହୋଡେ (ଔ.ଉ.ଜକ୍ଷଷକ୍ଷୟର) ସର୍ବପ୍ରଥମେ ଉଲ୍ଲେଖ କରିଥିଲେ ଯେ ମଧ୍ୟ ଏସିଆରୁ ଆର୍ଯ୍ୟମାନେ ଭାରତକୁ ଆସିଛନ୍ତି। ୧୮୪୭ରେ ଲେସର ଉଲ୍ଲେଖ କରିଥିଲେ ଯେ ସଂସ୍କୃତ ଜାଣିଥିବା ବ୍ୟକ୍ତିମାନେ ପଞ୍ଜାବର ଉତ୍ତର ପଶ୍ଚିମ ଦିଗ କାବୁଲରୁ ଆସିଛନ୍ତି। ବେନଫେ ମଧ୍ୟ ଆର୍ଯ୍ୟମାନଙ୍କ ମୂଳ ସ୍ଥାନ କଳାସାଗରର ଉତ୍ତର ଦିଗ ବୋଲି ଉଲ୍ଲେଖ କରିଛନ୍ତି। ଗ୍ରୀୟର୍ସନ ଏମାନଙ୍କ ମୂଳସ୍ଥାନ ଜର୍ମାନୀ ବୋଲି କହିଛନ୍ତି। ୧୮୫୯ରେ ମ୍ୟାକ୍ସମୁଲାର ଏହି ବିଭ୍ରାନ୍ତିକୁ ପ୍ରସାର କରିଥିଲେ। ସେ କହିଥିଲେ 'ହେ ହିନ୍ଦୁମାନେ ! ତୁମେ ସର୍ବପ୍ରଥମେ ଆକ୍ରମଣକାରୀ ଓ ଆମେ ଶେଷ ଆକ୍ରମଣକାରୀ। ଆମେ ଭଦ୍ରଲୋକ, କାରଣ ଆମ ନିକଟରେ ପ୍ରଭୁ ଯୀଶୁ ଅଛନ୍ତି। ତୁମେ ବିଜୟୀ ହୋଇଥିଲ କେବଳ ବେଦ ପାଇଁ, ସେ ବେଦ ବେକାର ନପୁଂସକମାନଙ୍କ ଦସ୍ତାବେଜ। ସମସ୍ତେ ଆସ, ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୁଅ। ଏବେ ମଧ୍ୟ ବିଳମ୍ବ ହୋଇନାହିଁ।' ବଡ଼ ଆଶ୍ଚର୍ଯ୍ୟର କଥା ଏହାକୁ ତଥ୍ୟ ରୂପେ ସ୍ୱୀକାର କରି ଲଣ୍ଡନର ରୟାଲ ଏସିଆଟିକ ସୋସାଇଟିର ୱିଂଶ୍ଲାଟ ଷ୍ଟ୍ରେଫୋଡଙ୍କ ଅଧ୍ୟକ୍ଷତାରେ ୧୮୬୬, ଏପ୍ରିଲ ୯ ତାରିଖ ଦିନ ଏକ ପ୍ରସ୍ତାବ ସ୍ୱୀକୃତ କରିଦେଇଥିଲେ ଯେ ଆର୍ଯ୍ୟମାନେ ଭାରତ ବାହାରୁ ଆସିଛନ୍ତି। ସେବେଠାରୁ ଭାରତରେ ଏହାକୁ ସମସ୍ତେ ସ୍ୱୀକାର କରିନେଲେ। ସରକାରୀ ଆଇନରେ ଏହା ପରିଣତ ହୋଇଗଲା। ଏହା ଭାରତର ଅତୀତକୁ ବିଚ୍ଛିନ୍ନ କରିବା ତଥା ପରସ୍ପର ମଧ୍ୟରେ ବିଭେଦ ସୃଷ୍ଟି କରିବା ପାଇଁ ଏକ ଷଡ଼ଯନ୍ତ୍ର ଥିଲା।

ବାସ୍ତବରେ ଏ ସମ୍ବନ୍ଧରେ ଐତିହାସିକ ତଥ୍ୟ କିମ୍ବା ପୁରାତାତ୍ତ୍ୱିକ ପ୍ରମାଣ ଏ ପର୍ଯ୍ୟନ୍ତ ଉପଲବ୍ଧ ନାହିଁ। ଯେଉଁଥିରୁ ପ୍ରମାଣ ମିଳିବ ଯେ ଆର୍ଯ୍ୟମାନେ ବାହାରୁ ଆସିଛନ୍ତି। ଭାରତର ଅନେକ ବିଦ୍ୱାନମାନେ ଏହି ବିକୃତି ତଥା କପଟତାପୂର୍ଣ୍ଣ ତଥ୍ୟକୁ ଆହ୍ୱାନ ରୂପେ ସ୍ୱୀକାର କରିଛନ୍ତି। ପ୍ରସିଦ୍ଧ ବିଦ୍ୱାନ ଅବିନାଶ ଚନ୍ଦ୍ର ଦାସ ନିଜର ବ୍ୟଙ୍ଗପୂର୍ଣ୍ଣ ଶୈଳୀରେ କହିଛନ୍ତି- "ଭାରତର ଆର୍ଯ୍ୟମାନେ କୌଣସି ଔପନିବେଶିକ କର୍ତ୍ତା ନଥିଲେ କିମ୍ବା ସେମାନେ ବାହାରୁ ଆସି ଏଠାରେ ବସବାସ କରିନାହାନ୍ତି। ସେମାନେ ଏଠାକାର ମୂଳ ବାସିନ୍ଦା ଥିଲେ। ସ୍ୱାମୀ ଦୟାନନ୍ଦ ଆର୍ଯ୍ୟମାନଙ୍କୁ ଭାରତର ସ୍ଥାୟୀ ବାସିନ୍ଦା ରୂପେ କହି ସେମାନଙ୍କର ମୂଳ ସ୍ଥାନ ତିବ୍‌ବତ ବୋଲି କହିଥିଲେ। ଲୋକମାନ୍ୟ ତିଳକ ସେମାନଙ୍କୁ ଉତ୍ତର ଧ୍ରୁବର ବ୍ୟକ୍ତି ବୋଲି କହିଥିଲେ। କେତେକ ବିଦ୍ୱାନମାନେ ସେମାନଙ୍କୁ ପଞ୍ଜାବର ମୁଲତାନ ଅର୍ଥାତ୍ ମୂଳସ୍ଥାନ ରୂପେ କହିଥିଲେ। ଡ. ସମ୍ପୂର୍ଣ୍ଣାନନ୍ଦ ସପ୍ତସିନ୍ଧୁ ପ୍ରଦେଶକୁ ଆର୍ଯ୍ୟମାନଙ୍କ ମୂଳ ସ୍ଥାନ ବୋଲି ଦର୍ଶାଇଛନ୍ତି। ସେ ବୈଦିକ ସଭ୍ୟତାକୁ ମହେଞ୍ଜୋଦାରୋ ଠାରୁ ୫୦୦୦ ବର୍ଷ ପୁରାତନ ରୂପେ ଉଲ୍ଲେଖ କରିଛନ୍ତି। ୧୯୦୦ ଖ୍ରୀଷ୍ଟାବ୍ଦରେ ସ୍ୱାମୀ ବିବେକାନନ୍ଦ ପ୍ୟାରିସ୍ ଧର୍ମ ସମ୍ମିଳନୀରେ ୟୁରୋପୀୟାନ ବିଦ୍ୱାନମାନଙ୍କର ଏହି ସିଦ୍ଧାନ୍ତକୁ 'ମୂର୍ଖତାପୂର୍ଣ୍ଣ ପ୍ରଳାପ ମାତ୍ର' କହିଥିଲେ। ସେ ଆର୍ଯ୍ୟମାନଙ୍କ ଆକ୍ରମଣକୁ ଇଂରେଜମାନଙ୍କ ପାଗଳାମି ବୋଲି କହି ଇଂରେଜ ମାନଙ୍କର ଏହା ତଥ୍ୟହୀନ ଅନୁମାନ ରୂପେ ଦର୍ଶାଇଥିଲେ। ସେ ଏହାକୁ ନିଶ୍ଚିତ ଦୁର୍ବୁଦ୍ଧି ଓ ଦୁଷ୍ଟତାପୂର୍ଣ୍ଣ କାର୍ଯ୍ୟ ବୋଲି କହିଥିଲେ। ସେ ଜୋର ଦେଇ କହିଥିଲେ "ହିନ୍ଦୁ ଶାସ୍ତ୍ର ଗୁଡ଼ିକରେ ଏପରି ଗୋଟିଏ ମାତ୍ର ଶବ୍ଦ ନାହିଁ, ଯାହା ପ୍ରମାଣ ଦେବ ଯେ ଆର୍ଯ୍ୟମାନେ ଅନ୍ୟ କୌଣସି ବାହାର ଦେଶରୁ ଆସିଛନ୍ତି। ଡ. ବି.ଆର.ଆମ୍ବେଦକର ମଧ୍ୟ କହିଛନ୍ତି ଯେ ଋଗ୍‌ବେଦରେ ଏପରି କୌଣସି ପ୍ରମାଣ ନାହିଁ; ଯେଉଁଥିରେ ଆର୍ଯ୍ୟମାନେ ବାହାରୁ ଆସିଛନ୍ତି ବୋଲି କୁହାଯିବ।

ସ୍ୱାମୀ ବିବେକାନନ୍ଦ ନିଜର ମାନସିକ କଷ୍ଟକୁ ପ୍ରକାଶ କରି କହିଛନ୍ତି ଯେ, 'ଆଶ୍ଚର୍ଯ୍ୟର କଥା ଆମ ଦେଶର ବିଦ୍ୱାନମାନେ ମଧ୍ୟ ଇଂରେଜମାନଙ୍କ ଏହି ଷଡ଼ଯନ୍ତ୍ରରେ ସାମିଲ ହୋଇଛନ୍ତି। ଏହାଠାରୁ ଲଜ୍ଜାକର କଥା କ'ଣ ଅଧିକ ହୋଇପାରେ!' ଭାରତର ସ୍ୱାଧୀନତା ପରେ ଏମସିଆଇଟି ତଥା ରାଜ୍ୟର ଇତିହାସ ପୁସ୍ତକରେ ଆର୍ଯ୍ୟମାନେ ବାହାରୁ ଆସିଛନ୍ତି ବୋଲି ଆଜି ମଧ୍ୟ ପଢ଼ାଯାଉଛି।

ଆଡ଼ଭୋକେଟ, ଖଟବିନସାହି, କଟକ
ମୋ-୯୪୩୭୦୧୬୩୮୪

# ନସରଲ୍ଲା ଉତ୍ତରାଧିକାରୀ ନିହତ



**ବିରୁଟ, ୫।୧୦:** ଇରାନ ସମର୍ଥିତ ସଂଗଠନ ହେଜବୁଲ୍ଲାର ସମସ୍ତ ଶକ୍ତି ହ୍ରାସ। ସଂଗଠନର ମୁଖିଆ ହାସନ ନସ୍ରଲ୍ଲାଙ୍କ ମୃତ୍ୟୁ ପରେ ଯିଏ ଦାୟିତ୍ୱ ନେଇଥିଲେ ତାଙ୍କୁ ବି ନିପାତ କରିଛି ଇସ୍ରାଏଲ। ଇସ୍ରାଏଲର ଏୟାର ଷ୍ଟ୍ରାଇକରେ ହେଜବୁଲ୍ଲାର ମୁଖ୍ୟ ଭାବେ ନୂଆ କରି ଦାୟିତ୍ୱ ନେଇଥିବା ହାଶିମ ସୈଫୁଦ୍ଦିନର ମୃତ୍ୟୁ ଘଟିଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି।

ସୂଚନାଅନୁସାରେ, ଆଜିପୁଣି ଲେବାନନର ରାଜଧାନୀ ବିରୁଟରେ ଏୟାର ଷ୍ଟ୍ରାଇକ୍ କରିଥିଲା ଇସ୍ରାଏଲ। ଏଥିରେ ସୈଫୁଦ୍ଦିନର ମୃତ୍ୟୁ ହୋଇଛି। ରାନର ସର୍ବୋଚ୍ଚ ନେତା ଅୟାତୋଲ୍ଲା ଅଲି ଖାମନେଇ ଦେଶବାସୀଙ୍କୁ ସମ୍ବୋଧିତ କରି ଇସ୍ରାଏଲକୁ ଖୋଲା ଧମକ ଦେବା ପରେ ଆଜି ଏୟାର ଷ୍ଟ୍ରାଇକ୍ କରିଛି ଇସ୍ରାଏଲ। ଗତକାଲି ଦେଶବାସୀଙ୍କୁ ସମ୍ବୋଧିତ କରି ଖାମନେଇ କହିଥିଲେ, "ଇସ୍ରାଏଲ ବେଶି ଦିନ ତିଷ୍ଠିବନି। ତେଲ ଅବିବି ଉପରେ ହୋଇଥିବା ଆକ୍ରମମ ଯଥାର୍ଥ।ଇସ୍ରାଏଲକୁ ଦୁର୍ବଳ କରିବା ପାଇଁ ମୁଁ ସମସ୍ତ ମୁସଲିମ ରାଷ୍ଟ୍ରଙ୍କୁ ଏକଜୁଟ ହେବାକୁ ଅପିଲ କରୁଛି।"

ଏହାପରେ ଆଜି ଲେବାନନର ବିରୁଟରେ ଥିବା ହେଜବୁଲ୍ଲା କ୍ୟାମ୍ପକୁ ଟାର୍ଗେଟ କରି ଏୟାର ଷ୍ଟ୍ରାଇକ୍ କରିଛି ଇସ୍ରାଏଲ। ସେପଟେ ହମାସର ମଧ୍ୟ ଜଣେ ବରିଷ୍ଠ ନେତାକୁ ନିପାତ କରିଛି ଇସ୍ରାଏଲ। ମୃତ ସୟଦ ଅଟ୍ଟାଲ୍ଲା ଅଲି ହମାସ କାସାମ ବ୍ରିଗେଡ୍ସର ସଦସ୍ୟ ଥିଲେ। ସୟଦଙ୍କ ସହ ତାଙ୍କ ପରିବାରର ମଧ୍ୟ ତିନି ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଗାଜାରେ ଇସ୍ରାଏଲ ସହ ଲଢ଼େଇ କରୁଥିବା ପାଲେଷ୍ଟାଇନର ବିଦ୍ରୋହୀ ଗୋଷ୍ଠୀ ହମାସକୁ ଆଉ ଏକ ଝଟକା ଲାଗିଛି। ହମାସର ଜଣେ ଟପ୍ ନେତାଙ୍କୁ ଇସ୍ରାଏଲ ସେନା ବୋମା ଦ୍ୱାରା ଉଡ଼ାଇ ଦେଇଛନ୍ତି। ଲେବାନନରେ ଇସ୍ରାଏଲ ବୋମା ମାଡ଼ରେ ହମାସର ଅଲ କାସାମ ବ୍ରିଗେଡ୍ସର ସଦସ୍ୟ ସୟିଦ ଅଟ୍ଟାଲ୍ଲା ଅଲୀ ପ୍ରାଣ ହରାଇଛନ୍ତି।

ତାଙ୍କ ପରିବାର ଆଉ ୩ ଜଣ ସଦସ୍ୟ ମଧ୍ୟ ବୋମା ମାଡ଼ରେ ଆଖି ବୁଜିଛନ୍ତି।

ଲେବାନନରେ ଥିବା ପାଲେଷ୍ଟାଇନର ଗୋଟିଏ ଶରଣାର୍ଥୀ କ୍ୟାମ୍ପ ଉପରେ ଇସ୍ରାଏଲ ଏୟାର ଷ୍ଟ୍ରାଇକ କରିଥିଲା। ଏହି ସମୟରେ ହମାସର ଟପ ନେତା ଓ ତାଙ୍କ

## ହମାସର ଟପ୍ ନେତା ଖତମ

ପରିରର ୩ ଜଣ ସଦସ୍ୟ ପ୍ରାଣ ହରାଇଛନ୍ତି। ହମାସ ପକ୍ଷରୁ କୁହାଯାଇଛି ଯେ ଅଲ କାସାମ ବ୍ରିଗେଡ୍ସର ନେତା ସୟିଦ ଅଟ୍ଟାଲ୍ଲା ଅଲୀ ଓ ତାଙ୍କ ପରିବାର ୩ ଜଣ ସଦସ୍ୟଙ୍କୁ ଇସ୍ରାଏଲ ବୋମା ମାଡ଼ କରି ମାରି ଦେଇଛି। ଉତ୍ତର ଲେବାନନର ତ୍ରିପୋଲି ଅନ୍ତର୍ଗତ ଡାଓ୍ୱି ଠାରେ ପାଲେଷ୍ଟାଇନ ଶରଣାର୍ଥୀଙ୍କ କ୍ୟାମ୍ପ ରହିଛି।

ସେଠାରେ ଥିବା ସୟିଦଙ୍କ ଘର ଉପରେ ଇସ୍ରାଏଲ ବୋମା ମାଡ଼ କରିଥିଲା। ଏଥିଯୋଗୁ ସୟିଦ ଓ ତାଙ୍କ ପରିବାର ଆଉ ୩ ସଦସ୍ୟ ପ୍ରାଣ ହରାଇଥିଲେ। ସେମାନଙ୍କ ମୃତ୍ୟୁ ପାଇଁ ହମାସ ଶୋକ ପ୍ରକାଶ କରୁଛି।

ଲେବାନନ ଉପରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ ଜାରି ରହିଛି। ହେଜବୁଲ୍ଲା ଓ ହମାସକୁ ମୂଳପୋଛ କରିବା କଥା କହି ଇସ୍ରାଏଲ ଏପରି କରୁଥିଲେ ହେଁ ବୋମା ମାଡ଼ରେ ୨୦୦୦ରୁ ଅଧିକ ଲୋକ ପ୍ରାଣ ହରାଇ ସାରିଲେଣି। ଏହାବାଦ ହେଜବୁଲ୍ଲା ବିରୋଧରେ ଇସ୍ରାଏଲ ସେନା ଲେବାନନରେ ଗ୍ରାଉଣ୍ଡ ଅପରେସନ ମଧ୍ୟ ଆରମ୍ଭ କରିଛି।

**ପଶ୍ଚିମବଙ୍ଗରେ ନାବାଳିକା ଅପହରଣ ଓ ହତ୍ୟା**



# ଉତ୍ତ୍ୟକ୍ତ ଲୋକେ ଥାନା ଜାଳିଦେଲେ

**କୋଲକାତା,୫।୧୦:** ଆରଜି କର ମେଡିକାଲ କଲେଜର ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟାକୁ ୨ ମାସ ନପୁରୁଣୁ ଆଉ ଏକ ଘଟଣା ଘଟିଛି। ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରେ ଜଣେ ନାବାଳିକାକୁ ଅପହରଣ ପରେ ହତ୍ୟା କରାଯାଇଛି। ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଶବ ବ୍ୟଚ୍ଛେଦ ରିପୋର୍ଟ ଆସିବା ପରେ ବାସ୍ତବରେ ଦୁଷ୍କର୍ମ ପରେ ହତ୍ୟା ହୋଇଛି କି ନାହିଁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏହି ଘଟଣାକୁ କେନ୍ଦ୍ର କରି ସମ୍ପୃକ୍ତ ଅଞ୍ଚଳରେ ଲଙ୍କା କାଣ୍ଡ ସୃଷ୍ଟି ହୋଇଛି। ଉତ୍ତ୍ୟକ୍ତ ଲୋକେ ସ୍ଥାନୀୟ ଥାନା ଉପରେ ଆକ୍ରମଣ କରି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଏହା ସହିତ ଉତ୍ତ୍ୟକ୍ତ ଲୋକେ ଥାନରେ ନିଆଁ ଲଗାଇ ଦେଇଛନ୍ତି।

ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ମହିଷାମାରି ଅଞ୍ଚଳରେ ଏହି ଘଟଣା ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ନାବାଳିକା ଜଣକ ଏକ କୋଚିଂ ସେଣ୍ଟର ଯାଇଥିବା ବେଳେ ବାଟରେ କିଛି ଦୁର୍ବୃତ୍ତ ତାଙ୍କୁ ଅପହରଣ କରି ନେଇଥିଲେ। ଘରକୁ ନଫେରିବାରୁ ପରିବାର ଲୋକେ ଥାନରେ ଅଭିଯୋଗ କରିଥିଲେ। ରାତି ସାଢ଼େ ୩ଟା ବେଳେ ଏକ ବିଲରୁ ତାଙ୍କ ଶବ ଉଦ୍ଧାର କରାଯାଇଛି। ତାଙ୍କ ଶରୀରରେ ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି ଏବଂ ପୋଷାକ ଚିରିଯାଇଛି। ଏଥିରୁ ତାଙ୍କ ପ୍ରତି ପାଶବିକ ଅତ୍ୟାଚାର କରାଯାଇଥିବା ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଥାନା ଉପରେ ଆକ୍ରମଣ କରିବା ସହ ଥାନାରେ ନିଆଁ ଲଗାଇ ଦେଇଥିଲେ। ଲୋକଙ୍କ ଅଭିଯୋଗ ହେଲା ପୋଲିସରେ ଅଭିଯୋଗ ସତ୍ତ୍ୱେ ନାବାଳିକାଙ୍କୁ ଖୋଜିବାରେ ପୋଲିସ କୌଣସି ତତ୍ପରତା ପ୍ରକାଶ କରିନଥିଲା। ଏହି ଘଟଣାରେ ପୋଲି ଜଣେ ୧୯ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ନାବାଳିକା ଅପହରଣରେ ସେ ସମ୍ପୃକ୍ତ ବୋଲି ପୋଲିସ କହିଛି। ବିଜେପି ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର ଏହି ଘଟଣା ପାଇଁ ମୁକ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ଏବଂ ମହିଳାମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇ ପଡ଼ିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

**ପିଏମ୍ କିଷାନ ଯୋଜନା**

## ଚାଷୀଙ୍କ ଆକାଉଣ୍ଟକୁ ଗଲା ୧୮ତମ କିସ୍ତି

**ପୁଣେ,୫।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କିଷାନ ସମ୍ମାନ ନିଧିର ୧୮ତମ କିସ୍ତି ରିଲିଜ୍ କରିଛନ୍ତି। ଦେଶର କୋଟି କୋଟି ଚାଷୀଙ୍କୁ ନବରାତ୍ରୀ ଉପହାର ଦେଇଛନ୍ତି। ମହାରାଷ୍ଟ୍ର ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ମୋଦି ପ୍ରାୟ ୯.୪ କୋଟି ଚାଷୀଙ୍କୁ ୨୦ ହଜାର କୋଟି ଟଙ୍କା ଟ୍ରାନ୍ସଫର କରିଛନ୍ତି। ଏହି ସମସ୍ତ ଚାଷୀଙ୍କ ଆକାଉଣ୍ଟକୁ ୨୦୦୦ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ଅଦ୍ୟାବଧି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଅଧୀନରେ କେନ୍ଦ୍ର ସରକାର ଚାଷୀଙ୍କୁ ମୋଟ ୩.୪୫ ଲକ୍ଷ କୋଟି ଟଙ୍କା ପଠାଇଛନ୍ତି। ଫେବୃଆରୀ ୨୪, ୨୦୧୯ରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଆରମ୍ଭ କରାଯାଇଥିଲା। ଏଥିରେ ବାର୍ଷିକ ୩ କିସ୍ତିରେ ୬ ହଜାର ଟଙ୍କା ଚାଷୀଙ୍କୁ ହସ୍ତାନ୍ତର କରାଯାଏ। ଏହି ଟଙ୍କା ସିଧାସଳଖ ଲାଭ ଟ୍ରାନ୍ସଫର ମାଧ୍ୟମରେ ଚାଷୀଙ୍କ ଆକାଉଣ୍ଟକୁ ଯାଏ। ମହାରାଷ୍ଟ୍ରରେ ଏହି ଯୋଜନାର ୧୭ କିସ୍ତିରେ ପ୍ରାୟ ୧.୨୦ କୋଟି ଚାଷୀଙ୍କୁ ପ୍ରାୟ ୩୨,୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। କିଷାନ ସମ୍ମାନ ନିଧିର ୧୮ତମ କିସ୍ତିରେ ରାଜ୍ୟର ପ୍ରାୟ ୯୧.୫୧ ଲକ୍ଷ କୃଷକ ୧,୯୦୦ କୋଟିରୁ ଅଧିକ ଲାଭ ପାଇବେ। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦି ମହାରାଷ୍ଟ୍ରର ଚାଷୀଙ୍କୁ ନାମୋ ଶେତକାରି ମହାସମ୍ମାନ ନିଧି ଯୋଜନାର ପଞ୍ଚମ କିସ୍ତିରେ ପ୍ରାୟ ୨,୦୦୦ କୋଟି ଟଙ୍କା ଅତିରିକ୍ତ ସୁବିଧା ପ୍ରଦାନ କରିଛନ୍ତି।

**ପରୀକ୍ଷା ଚାପ ସହିପାରିଲେନି**

## ଆଠ ମହଲାରୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

**ଲକ୍ଷ୍ନୌ, ୫।୧୦:** ଆଇଆଇଟି ଏଣ୍ଟ୍ରାନ୍ସ ପାଇଁ ପ୍ରସ୍ତୁତି ଚଳାଇଥିବା ଜଣେ ଛାତ୍ର ନେଲେ ଚରମ ପଦକ୍ଷେପ। ୮ ମହଲା ଛାତରୁ ଡେଇଁ ଜୀବନ ହାରିଲେ। ଏପରି ଏକ ହୃଦୟ ବିଦାରକ ଘଟଣା ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଘଟିଛି। ଆଜି ସକାଳେ ଛାତ୍ରଜଣକ କମର୍ସ ହାଉସ୍ ବିଲ୍ଡିଂର ୮ ମହଲା ଉପରକୁ ଚଢ଼ି ଯାଇଥିଲେ। ଏହାପରେ ସେଠାରୁ ତଳକୁ ଡେଇଁ ପଡ଼ିଥିଲେ। ଏହାଦେଖି ବିଲ୍ଡିଂର ସିକ୍ୟୁରିଟି ଗାର୍ଡ ତୁରନ୍ତ ପୁଲିସ୍‌କୁ ଫୋନ୍ କରିଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଛାତ୍ରଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ସୂଚନା ଅନୁଯାୟୀ, ଜାନକୀପୁରମ୍ ଅଞ୍ଚଳରେ ରହୁଥିବା ୧୭ ବର୍ଷୀୟ ଛାତ୍ରଜଣକ ଟ୍ୟୁସନ କରୁଥିଲା। ଏଥିସହ ସେ ଆଇଆଇଟି ଏଣ୍ଟ୍ରାନ୍ସ ପାସ୍ କରିବାକୁ ପ୍ରସ୍ତୁତି ଚଳାଇଥିଲା। ତେବେ ଛାତ୍ରଜଣକ କ'ଣ ପାଇଁ ଏପରି ଚରମ ପଦକ୍ଷପ ଉଠାଇଲେ, ଏହା ପଛରେ କ'ଣ କାରଣ ରହିଛି ତାକୁ ନେଇ ଆରମ୍ଭ ହୋଇଛି ଖୋଳତାଡ଼ ।ପରିବାର ଲୋକେ ପୁଅର ମୃତ୍ୟୁ ଖବର ପାଇ ହତବାକ ହୋଇ ପଡ଼ିଥିବା ବେଳେ ସେମାନଙ୍କ ଦୁନିଆ ଉଜୁଡ଼ି ଯାଇଛି ବୋଲି କୋହଭରା କଣ୍ଠରେ କହିଛନ୍ତି। ପୁଅ ଭଲ ପାଠ ପଢୁଥିବା ବେଳେ କ'ଣ ପାଇଁ ଏପରି ନିଷ୍ପତ୍ତି ନେଲା ତାହା ଜାଣି ନ ଥିବା ପିଲାଟିର ମା' କହିଛନ୍ତି।

## ବୋମା ପକାଇ ହୋଟେଲ ଉଡ଼ାଇଦେବାକୁ ଧମକ

**ବେଙ୍ଗାଲୁରୁ, ୫।୧୦:** ଗତକାଲି ବେଙ୍ଗାଲୁରୁରେ ଥିବା ୩ ପ୍ରସିଦ୍ଧ କଲେଜକୁ ବୋମା ବିସ୍ଫୋରଣର ଧମକ ମିଳିଥିବା ବେଳେ ଏହାପରେ ରାଜସ୍ଥାନ ଜୟପୁରରେ ଥିବା ଦୁଇ ହୋଟେଲକୁ ମିଳିଛି ଧମକ। ଏନେଇ ସିଆଇଏସ୍‌ଏଫ୍ ପାଖକୁ ଏକ ଅଜଣା ମେଲ୍ ଆସିଛି। ତୁରନ୍ତ ସମ୍ପୃକ୍ତ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଥିଲା। ମାତ୍ର କୌଣସି ବୋମା କିମ୍ବା ବିସ୍ଫୋରକ ଦ୍ରବ୍ୟ ମିଳି ନ ଥିଲା। ଜୟପୁର ଏୟାପୋର୍ଟର ଏସ୍‌ଏଚ୍‌ଓ ସନ୍ଦୀପ ବସେରାଙ୍କ ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନ ସମୟରେ ଜଣେ ଅଜଣା ବ୍ୟକ୍ତି ଆମ ନିକଟକୁ ମେଲ୍ ପଠାଇଥିଲେ। ଉକ୍ତ ମେଲ୍‌ରେ ଦୁଇ ହୋଟଲକୁ ଉଡ଼ାଇ ଦେବାକୁ ଧମକ ଦିଆଯାଇଥିଲା। ପୁଲିସ୍ ଏହି ମାମଲାର ଯାଞ୍ଚ କରୁଥିବା ବେଳେ ମେଲ୍ ପଠାଇଥିବା ବ୍ୟକ୍ତିଙ୍କ ସନ୍ଧାନ କରୁଛି। ଗତକାଲି ବେଙ୍ଗାଲୁରୁର ୩ ପ୍ରତିଷ୍ଠିତ କଲେଜକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦିଆଯାଇଥିବା ବେଳେ ତା' ପୂର୍ବରୁ ରାଜସ୍ଥାନର ହନୁମାନଗଡ଼ରେ ବହୁ ରେଳ ଷ୍ଟେଶନକୁ ଉଡ଼ାଇ ଦେବାର ଏକ ଚିଠି ମିଳିଥିଲା ।

# ଗୋଦାମରେ ଭୟଙ୍କର ଅଗ୍ନିକାଣ୍ଡ



**ମୁମ୍ବାଇ, ୫।୧୦:** ମୁମ୍ବାଇର ଏକ ଗୋଦାମରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ବିପୁଳ ପରିମାଣର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମବାହିନୀ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି।

ସୂଚନା ଅନୁସାରେ, ମୁମ୍ବାଇଠୁ ୪୦ କିଲୋମିଟର ଦୂର ଭିୱାନ୍ଦି ତାଲୁକ ନିକଟରେ ଥିବା ଏକ ଗୋଦାମରେ ନିଆଁ ଲାଗିଥିଲା। ଏହି ଗୋଦାମର ନାମ ଭି ଲଜିଷ୍ଟିକ ୱେୟାରହାଉସ୍। ଏଠାରେ ବିପୁଳ ପରିମାଣର ହାଇଡ୍ରୋଲିକ୍ ଅଏଲ, ଡ୍ରେସ୍, ପ୍ଲାଷ୍ଟିକ୍ ସାମଗ୍ରୀ ଏବଂ ରାସାୟନିକ ପଦାର୍ଥ ଗଚ୍ଛିତ ହୋଇଥିଲା। ଗତକାଲି ରାତିରେ ହଠାତ୍ ଗୋଦାମରୁ ହୁ ହୁ ହୋଇ ନିଆଁ ବାହାରିଥିଲା। ସ୍ଥାନୀୟ ଲୋକେ ଏନେଇ ଖବର ଦେବା ପରେ ଅଗ୍ନିଶମବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଖବର ଲେଖା ହେବା ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ନିଆଁ ଆୟତ୍ତ ହୋଇନଥିଲା। ଅଗ୍ନିକାଣ୍ଡର ପ୍ରଭାବ ଏତେ ଥିଲା ଯେ, ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଛି। ସୌଭାଗ୍ୟବଶତଃ କୌଣସି ଜୀବନହାନୀ ହୋଇନାହିଁ। କିନ୍ତୁ ଲକ୍ଷ ଲକ୍ଷ ଟଙ୍କାର ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ତେବେ କେଉଁ କାରଣରୁ ଗୋଦାମରେ ନିଆଁ ଲାଗିଲା, ତାହା ଜଣାପଡ଼ିନାହିଁ।

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ଟଳିଲେ

**ଶ୍ରୀନଗର, ୫।୧୦:** ଏନକାଉଣ୍ଟରରେ ଟଳିଲେ ଦୁଇ ଆତଙ୍କବାଦୀ। ଜମ୍ମୁ-କଶ୍ମୀର କୁପଓ୍ୱାଡା ଜିଲ୍ଲର ଗୁଗଲଧର ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ହୋଇଛି। ଗତକାଲି ଠାରୁ ଗୁଳିବିନିମୟ ଜାରି ରହିଛି। ଆଜି ଏଥିରେ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ଏନେଇ ଭାରତୀୟ ସେନାର ଚିନାର କର୍ପସ ସୂଚନା ଦେଇଛି। ଗତକାଲି ଗୁଗଲଧର ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚି ରହିଥିବା ନେଇ ସୁରକ୍ଷା ବାହିନୀ ସୂଚନା ପାଇଥିଲା। ଏହା ପରେ ଏହି ଅପରେସନ୍ ଆରମ୍ଭ ହୋଇଥିଲା। ପୂରା ଅଞ୍ଚଳକୁ ଘେରି ରହିଥିଲା ସୁରକ୍ଷା ବାହିନୀ। ଏହାପରେ ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା ଯେଉଁଥିରେ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଆତଙ୍କବାଦୀଙ୍କ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି। ଜବତ ହୋଇଥିବା ହତିଆର ଏବଂ ଅନ୍ୟାନ୍ୟ ସାମଗ୍ରୀରୁ ଆତଙ୍କବାଦୀମାନେ ଏକ ବଡ଼ ଷଡଯନ୍ତ୍ର କରିବାକୁ ଯୋଜନା କରୁଥିବା ସେନା କହିଛି। ଏହି ଅଞ୍ଚଳରେ ଏବେ ମଧ୍ୟ ସୁରକ୍ଷା ବାହିନୀର ଉପସ୍ଥିତି ରହିଛି। ପୂରା ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଏହି ଅପରେସନ୍ ଆତଙ୍କବାଦ ବିରୋଧରେ ସୁରକ୍ଷା ବାହିନୀ ଦ୍ୱାରା ପରିଚାଳିତ ଅଭିଯାନର ଏକ ଅଂଶ, ଯେଉଁଥିରେ ଲଗାତର ଆତଙ୍କବାଦୀଙ୍କୁ ହଟାଇବା ଏବଂ ଘାଟିରେ ଶାନ୍ତି ବଜାୟ ରଖିବା ପାଇଁ ନିରନ୍ତର କାର୍ଯ୍ୟ ଚାଲିଛି।

## ୫ ରାଜ୍ୟର ୨୨ ସ୍ଥାନରେ ଏନ୍‌ଆଇଏ ଚଢାଉ

**ନୂଆଦିଲ୍ଲୀ,୫।୧୦:** ଜାତୀୟ ଅନୁସନ୍ଧାନ ଏଜେନ୍ସି ବା ନ୍ୟାଶନାଲ ଇନଭେଷ୍ଟିଗେଶନ ଏଜେନ୍ସି(ଏନଆଇଏ) ପାଞ୍ଚଟି ରାଜ୍ୟରେ ଚଢାଉ କରିଛି। ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ଇନପୁଟ ପାଇବା ପରେ ଏହି ପ୍ରମୁଖ ପଦକ୍ଷେପ ନିଆଯାଇଛି ବୋଲି ବିଶ୍ୱାସ କରାଯାଏ। ସୂଚନାନୁସାରେ, ଟିମ ପ୍ରାୟ ୨୨ ଟି ସ୍ଥାନରେ ଚଢାଉ କରିଛି।

ରିପୋର୍ଟ ଅନୁଯାୟୀ, ଜମ୍ମୁ କଶ୍ମୀର, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଆସାମ ଏବଂ ଦିଲ୍ଲୀରେ ଏନଆଇଏ ଟିମ ଏହି ଚଢାଉ କରିଛି। କୁହାଯାଉଛି ଯେ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ସହ ଜଡିତ ଥିବା ନେଇ ଏନଆଇଏ ଏହି ମାମଲାର ତଦନ୍ତ କରୁଛି। ଏନେଇ ଟିମ ଶୁକ୍ରବାର ବିଳମ୍ବିତ ରାତିରେ ଉତ୍ତର ପୂର୍ବ ଦିଲ୍ଲୀର ମୁସ୍ତାଫାବାଦ ଅଞ୍ଚଳରେ ପହଞ୍ଚି ଚଢାଉ କରିଥିଲା। ଏନଆଇଏ ସହିତ ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ ଏବଂ ସ୍ଥାନୀୟ ପୋଲିସ ମଧ୍ୟ ଉପସ୍ଥିତ ଥିଲେ। ସୂଚନାନୁସାରେ, ମୁସ୍ତାଫାବାଦରେ ଏହି ଚଢାଉ ହୋଇଥିବା ସ୍ଥାନରୁ ଅନେକ ସନ୍ଦେହଜନକ ଜିନିଷ ମିଳିଛି। ଏହି ଚଢାଉ ପରେ ଏନଆଇଏ କେତେଜଣ ଲୋକଙ୍କୁ ନୋଟିସ ଦେଇଛି ଏବଂ ୧-୨ ଜଣଙ୍କୁ ପଚରାଉଚରା ପାଇଁ ନେଇଛି। ଏହି ଅପରେସନ ସମୟରେ ଅନୁସନ୍ଧାନକାରୀ ସଂସ୍ଥା ଏନଆଇଏ ମଧ୍ୟ ମହାରାଷ୍ଟ୍ରର ଜଲନା, ଔରଙ୍ଗାବାଦ ଏବଂ ମାଲେଗାଓଁ ଉପରେ ଚଢାଉ କରିଥିଲା। କେତେକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଏହି ସ୍ଥାନରୁ ଅଟକ ରଖାଯାଇଛି। କୁହାଯାଇଛି ଯେ ଜଲନାରୁ ୨ଜଣ, ଛତ୍ରପତି ଶମ୍ଭାଜୀ ନଗର ଏବଂ ମାଲେଗାଓଁରୁ ଜଣେ ଜଣଙ୍କୁ ଅଟକ ରଖାଯାଇଛି। ସ୍ଥାନୀୟ ପୋଲିସ ସହାୟତାରେ ଏନଆଇ ଟିମ ସଙ୍ଗରି ଏବଂ ଜମ୍ମୁ କଶ୍ମୀରର ବାରାମୁଲ୍ଲା ଜିଲ୍ଲାର କିଛି ଅଞ୍ଚଳରେ ମଧ୍ୟ ଚଢାଉ କରିଥିଲା। ଏହି କାର୍ଯ୍ୟ ଏପର୍ଯ୍ୟନ୍ତ ଜାରି ରହିଛି । ସଙ୍ଗରି କଲୋନୀରେ ମୌଲବି ଇକବାଲ ଭଟଙ୍କ ଘରେ ସର୍ଚ୍ଚ କରାଯାଇଛି। ବର୍ତ୍ତମାନ କାହାର ଗିରଫ ହେବାର ଖବର ନାହିଁ। ସୂତ୍ରରୁ ପ୍ରକାଶ ଯେ କଶ୍ମୀରର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଚଢାଉ ଜାରି ରହିଛି। ଯଦି ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଗୁଡିକ ବିଶ୍ୱାସ କରାଯାଏ, ଏନଆଇ ଟିମ ମଧ୍ୟ ଆସାମ ଏବଂ ଉତ୍ତରପ୍ରଦେଶରେ ପହଞ୍ଚି ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଏହି ସମୟ ମଧ୍ୟରେ ଅନେକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଇଥିଲା। ତେବେ ଏଠାରୁ କାହାକୁ ଅଟକ ରଖାଯିବାର ଖବର ନାହିଁ।

ଏନଆଇଏ ସହ ଜଡିତ ସୂତ୍ରରୁ ପ୍ରକାଶ ଯେ ଜାତୀୟ ବିରୋଧୀ କାର୍ଯ୍ୟକଳାପ ତଥା ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ସହ ଜଡିତ ଏକ ମାମଲାରେ ଏହି ପଦକ୍ଷେପ ନିଆଯାଉଛି। କେତେକ ସନ୍ଦିଗ୍ଧଙ୍କଠାରୁ ଅନେକ ଜିନିଷ ମିଳିଛି, ଯାହାର ଯାଞ୍ଚ କରାଯାଉଛି।

## ଗଣହତ୍ୟା ଅଭିଯୁକ୍ତକୁ ଏନ୍‌କାଉଣ୍ଟର୍

**ଆମେଥି, ୫।୧୦:** ଆମେଥି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତକୁ ଏନକାଉଣ୍ଟର। ପୁଲିସଠାରୁ ବନ୍ଧୁକ ଛଡାଇ ଫେରାର ହେଉଥିବା ବେଳେ ଏନ୍‌କାଉଣ୍ଟରରେ ସେ ଆହତ ହୋଇଛି। ନିକଟରେ ଉତ୍ତରପ୍ରଦେଶର ଆମେଥି ଜିଲ୍ଲାରେ ଗୋଟିଏ ପରିବାରର ୪ ଜଣଙ୍କୁ ଗୁଳି କରି ହତ୍ୟା କରିଥିବା ଅଭିଯୁକ୍ତ ଚନ୍ଦନ ବର୍ମାଙ୍କ ଗୋଡରେ ଗୁଳି ବାଜିଛି।

ସୂଚନାନୁସାରେ, ପଚରାଉଚରା ବେଳେ ବନ୍ଧୁକ ଜବତ ପାଇଁ ନିଆଯାଉଥିବା ବେଳେ ଚନ୍ଦନ ବର୍ମା ପୁଲିସର ପିସ୍ତଲ ଛଡ଼ାଇ ଫେରାର ହେବାକୁ ଚେଷ୍ଟା କରିଥିଲେ। ଏତିକି ବେଳେ ପୁଲିସ ତାଙ୍କ ଗୋଡକୁ ଗୁଳି କରିଦେଇଥିଲା। ଏହି ଘଟଣା ମୋହନଞ୍ଜ ପୁଲିସ ଷ୍ଟେସନ ଅଞ୍ଚଳରେ ଘଟିଛି। ଏହି ପୂରା ମାମଲାରେ ପୁଲିସ ଯାଞ୍ଚ ଚାରି ରଖିଛି। ଆମେଥି ଏସ୍‌ପି ଅନୁପ କୁମାର ସିଂହଙ୍କ କହିଛନ୍ତି, ଗୁରୁବାର ଦିନ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାରେ ଗୋଟିଏ ପରିବାରର ୪ ଜଣଙ୍କୁ ହତ୍ୟା କରାଯାଇଛି। ଉତ୍ତରପ୍ରଦେଶ ଏସଟିଏଫ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ହତ୍ୟାକାରୀ ଚନ୍ଦନ ବର୍ମାଙ୍କୁ ଗତକାଲି ନୋଏଡା ଜୁଆର ଟୋଲ ପ୍ଲାଜାରୁ ଗିରଫ କରିଛି। ଗୁରୁବାର ସନ୍ଧ୍ୟାରେ ଆମେଥିର ଶିବରତନଗଞ୍ଜ ପୁଲିସ ଷ୍ଟେସନ ଅଞ୍ଚଳରେ ଭଡ଼ା ଘରେ ରହୁଥିବା ଶିକ୍ଷକ ସୁନୀଲ କୁମାର (୩୫), ତାଙ୍କ ପତ୍ନୀ ପୁନମ୍ (୩୨), ଝିଅ ଦୃଷ୍ଟି (୬) ଏବଂ ଏକ ବର୍ଷର ଝିଅ ସୁନିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ସମଗ୍ର ପରିବାରକୁ ହତ୍ୟା କରିବା ପରେ ଅଭିଯୁକ୍ତ ଚନ୍ଦନ ନିଜକୁ ନିଜେ ଗୁଳି କରି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ।

## ୨୦୦ ଫୁଟ୍ ତଳକୁ ଖସିଲା ବରଯାତ୍ରୀ ବସ୍, ୩୦ ମୃତ

**ଡେରାଡୁନ, ୫।୧୦:** ଅଧାରେ ରହିଗଲା ବାହାଘର। ବିବାହ ପୂର୍ବରୁ ଆଖି ବୁଜିଲେ ବରଯାତ୍ରୀ। କନିଆଁ ଘରେ ପହଞ୍ଚିବା ପୂର୍ବରୁ ୨୦୦ ଫୁଟ୍ ଖାଇକୁ ଖସିଗଲା ବରଯାତ୍ରୀ ବସ୍। ଏଥିରେ ୩୦ ଜଣ ପ୍ରାଣ ହରାଇଛନ୍ତି। ଉତ୍ତରଖଣ୍ଡରେ ଘଟିଛି ଏଭଳି କିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା।

ଉତ୍ତରାଖଣ୍ଡର ପୌଡି ଜିଲ୍ଲରେ ବରଯାତ୍ରୀ ନେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣ ହରାଇ ଖାଇକୁ ଖସି ପଡିଛି। ଏଥିରେ ୨୫ରୁ ୩୦ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେହିପରି ଅନେକ ଲୋକ ଆହତ ହୋଇଛନ୍ତି। ଶୁକ୍ରବାର ରାତିରେ ଏହି ଦୁର୍ଘଟଣା ଘଟିଛି। ସୂଚନା ମୁତାବକ, ପୌଡି ଜିଲ୍ଲାରେ ଏକ ବିବାହ ସମାରୋହ ପାଇଁ ଶୁକ୍ରବାର ବରଯାତ୍ରୀଙ୍କୁ ନେଇ ଏକ ବସ୍ ବାହାରିଥିଲା। ଏହି ବସ୍ ହରିଦ୍ୱାର ନିକଟ ଲାଲ ଓ୍ୱାଙ୍ଗ ଅଞ୍ଚଳରୁ ପୌଡି ଜିଲ୍ଲାର ବିରୋନଖାଲ ଗ୍ରାମକୁ ଯାଉଥିଲା। ତେବେ ଗନ୍ତବ୍ୟସ୍ଥଳ ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘାଟ ରୋଡ୍ ପାହାଡ ଚଢୁଥିବା ବେଳେ ନିୟନ୍ତ୍ରଣ ହରାଇ ବସ୍‌ଟି ୨୦୦ ଫୁଟ୍ ତଳକୁ ଖସି ପଡିଥିଲା। ବସ୍‌ରେ ପ୍ରାୟ ୫୦ରୁ ୫୫ ବରଯାତ୍ରୀ ଥିଲେ। ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନେକଙ୍କ ଅବସ୍ଥା ଗୁରୁତର ରହିଛି, ତେଣୁ ଆଗକୁ ମୃତ୍ୟୁ ଆହୁରି ବଢ଼ିପାରେ। ସେପଟେ ଏହି ଦୁର୍ଘଟଣା ଖବର ମିଳିବା ପରେ ଉତ୍ତରାଖଣ୍ଡ ବାଚସ୍ପତି ରିତୁ ଖଣ୍ଡୁରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହା ପରେ ସେ ଡାକ୍ତରଖାନାକୁ ଯାଇ ଆହତଙ୍କୁ ଭେଟିଛନ୍ତି। ବସ୍ ଡ୍ରାଇଭରଙ୍କ ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ପୁଲିସ ଅନୁମାନ କରୁଛି। ତେବେ ଏହି ଘଟଣାର ତଦନ୍ତ କରାଯିବ ଏବଂ ଖୁବ୍ ଶୀଘ୍ର ସବିଶେଷ ତଥ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି। ପୋଲିସ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାର ଲୋକଙ୍କୁ ସୂଚନା ଦେଉଛି।

## ଭାରତ-ପାକିସ୍ତାନ ଆଲୋଚନା ଅସମ୍ଭବ: ଜୟଶଙ୍କର

**ଇସଲାମାବାଦ,୫।୧୦:** ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ୧୫-୧୬ ଅକ୍ଟୋବରରେ ପାକିସ୍ତାନ ଗସ୍ତ କରିବେ। ଏହି ସମୟରେ ସେ ଇସଲାମାବାଦରେ ହେବାକୁ ଥିବା ଏସସିଓ ହେଡସ ଅଫ ଗଭର୍ନମେଣ୍ଟ (ସିଏଚ୍‌ଜି) ବୈଠକରେ ଅଂଶଗ୍ରହଣ କରିବେ। ୯ ବର୍ଷ ମଧ୍ୟରେ ଏହା ପ୍ରଥମ ଥର ହେବ ଯେ ଜଣେ ଭାରତୀୟ ମନ୍ତ୍ରୀ ପାକିସ୍ତାନ ଗସ୍ତ କରିବେ। ୧୯ ଅଗଷ୍ଟରେ ଏସସିଓ ବୈଠକ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ବୈଠକ ସମ୍ପର୍କରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏକ ବଡ଼ ବିବୃତ୍ତି ଦେଇଛନ୍ତି। ଏସସିଓ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ତାଙ୍କର ପାକିସ୍ତାନ ଗସ୍ତରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି, ଏହା (ଏହି ଗସ୍ତ) ବହୁପକ୍ଷୀୟ କାର୍ଯ୍ୟକ୍ରମ ପାଇଁ ହେବ। ମୁଁ ଭାରତ-ପାକିସ୍ତାନ ସମ୍ପର୍କ ବିଷୟରେ ଆଲୋଚନା କରିବାକୁ ସେଠାକୁ ଯାଉନାହିଁ। ଜଣେ ଭଲ ଏସ୍‌ସିଓ ସଦସ୍ୟ ଭାବରେ ମୁଁ ସେଠାକୁ ଯାଉଛି। ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କ ପାକିସ୍ତାନ ଗସ୍ତ ସମ୍ପର୍କରେ ଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଇସଲାମାବାଦରେ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ବୈଠକରେ ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କ ଦ୍ୱାରା ପ୍ରତିନିଧିତ୍ୱ କରିବ। ଏକ ପ୍ରତିନିଧୀ ଦଳ ମଧ୍ୟ ତାଙ୍କ ସହ ଆସିବେ। ସୂଚନାଯୋଗ୍ୟ ଯେ, ୧୫-୧୬ ଅକ୍ଟୋବରରେ ଇସଲାମାବାଦରେ ଏସସିଓ ସମ୍ମିଳନୀ ଅନୁଷ୍ଠିତ ହେବ। ଭାରତ ଏବଂ ପାକିସ୍ତାନ ବ୍ୟତୀତ କାଜାଖସ୍ତାନ, ଚାଇନା, କିର୍ଗିଜସ୍ଥାନ, ରୁଷିଆ, ତାଜିକିସ୍ତାନ ଏବଂ ଉଜବେକିସ୍ତାନର ବରିଷ୍ଠ ନେତାମାନେ ମଧ୍ୟ ସାଂଘାଇ ସହଯୋଗ ସଂଗଠନର ଏହି ବୈଠକରେ ଅଂଶଗ୍ରହଣ କରିବେ।

**ପଶ୍ଚିମବଙ୍ଗ ସରକାରଙ୍କ ନିଷ୍ପତ୍ତି**

# ପୂଜାରେ କଏଦୀଙ୍କୁ ସୁସ୍ୱାଦୁ ବ୍ୟଞ୍ଜନ

**କୋଲ୍‌କାତା, ୫।୧୦:** ପଶ୍ଚିମବଙ୍ଗର କଏଦୀଙ୍କ ପାଇଁ ଦୁର୍ଗାପୂଜା ପାଇଁ ସ୍ପେଶାଲ ମେନୁ ପ୍ରସ୍ତୁତ କରାଯାଇଛି। ଜେଲରେ ଥିଲେ ମଧ୍ୟ କଏଦୀ ଖାଇବେ ସୁସ୍ୱାଦୁ ବ୍ୟଞ୍ଜନ। ମଟନ୍ ବିରିୟାନୀ, ଚିକେନ ତରକାରୀ ସହ ଅନ୍ୟାନ୍ୟ ବେଙ୍ଗଲର ପାରମ୍ପରିକ ଖାଦ୍ୟ ପରଷାଯିବ।

ପଶ୍ଚିମବଙ୍ଗର ସଂଶୋଧନ ଗୃହ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଦଶହରାରେ ଜେଲରେ ଥିବା କଏଦୀଙ୍କୁ ଏହି ସବୁ ସ୍ୱାଦିଷ୍ଟ ଖାଦ୍ୟ ଦିଆଯିବ। ଉଭୟ ମଧ୍ୟାହ୍ନ ଏବଂ ରାତ୍ର ଭୋଜନରେ ସେମାନଙ୍କ ପାଇଁ ମଟନ୍ ବିରିୟାନୀ, ଚିକେନ ତରକାରୀ, ପୁରୀ, ଚଣା ତରକାରୀ ସମେତ ବେଙ୍ଗଲର ପ୍ରସିଦ୍ଧ ଖାଦ୍ୟ ପ୍ରସ୍ତୁତ କରାଯିବ। ଅକ୍ଟୋବର ୯ (ସପ୍ତମୀ ପୂଜା)ରୁ ଦଶମୀ (ଅକ୍ଟୋବର ୧୨) ପର୍ଯ୍ୟନ୍ତ କଏଦୀମାନଙ୍କ ପାଇଁ ଏସବୁ ଖାଦ୍ୟ ଦିଆଯିବ। ଜଣେ ଅଧିକାରୀ କହିଛନ୍ତି, "ପ୍ରତ୍ୟେକ



ପର୍ବ ସମୟରେ କଏଦୀମାନେ ଭଲ ଖାଦ୍ୟ ପାଇଁ ଅନୁରୋଧ କରିଥାନ୍ତି। ଚଳିତ ବର୍ଷ ନୂଆ ମେନୁ ମିଳିଛି, ଆଶା କରୁଛୁ ଯେ ଏହା ସେମାନଙ୍କ ମୁହଁରେ ଖୁସି ଆଣିଦେବ। ସେମାନଙ୍କୁ ସଂଶୋଧନ କରିବା ପାଇଁ ଏହା ଏକ ସକରାତ୍ମକ ପଦକ୍ଷେପ ବୋଲି ମୁଁ ବ୍ୟକ୍ତିଗତ ଭାବେ ବିବେଚନା କରୁଛି।" ଧାର୍ମିକ ଭାବାବେଗକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ଆମିଶ ଖାଦ୍ୟ ଦିଆଯିବ ନାହିଁ। ସେମାନେ ସେମାନଙ୍କ ପସନ୍ଦର ନିରାମିଶ ଖାଦ୍ୟ ମଧ୍ୟ ଖାଇପାରିବେ ବୋଲି ସେ କହିଛନ୍ତି। ତେବେ ଏପରି ଖାଦ୍ୟ ପରିବେଷଣ ସମୟରେ ବେଙ୍ଗଲ ଜେଲରେ ଏକାଧିକ ବିଶିଷ୍ଟ ବ୍ୟକ୍ତି ଅଛନ୍ତି। ସୋନଙ୍କ ମଧ୍ୟରୁ ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀ, ଜ୍ୟୋତି ପ୍ରିୟ ମଲ୍ଲିକ ଏବଂ ଆରଜି କର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦିପ ଘୋଷ ରହିଛନ୍ତି। ପାର୍ଥ ଚାଟାର୍ଜୀ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଜେଲରେ ଥିବାବେଳେ ଜ୍ୟୋତି ପ୍ରିୟ ମଲ୍ଲିକ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନିୟମିତତା ଅଭିଯୋଗରେ ଗିରଫ ହୋଇଛନ୍ତି। ସେହିପରି ସନ୍ଦୀପ ଘୋଷ ଆରଜି କରରେ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ସହ ଅର୍ଥ ହେରଫେର ମାମଲାରେ ଗିରଫ କରାଯାଇଛି।

# ଆଜି ଭାରତ-ବାଂଲାଦେଶ ପ୍ରଥମ ଟି-୨୦

**ଗ୍ୱାଲିୟର, ୫।୧୦:** ଆସନ୍ତା କାଲି ଭାରତ ଓ ବାଂଲାଦେଶ ମଧ୍ୟରେ ପ୍ରଥମ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବାକୁ ଯାଉଛି। ରୋହିତ ଶର୍ମା, ବିରାଟ କୋହଲି ଏବଂ ରବିନ୍ଦ୍ର ଜାଡେଜାଙ୍କ ଭଳି ବରିଷ୍ଠ ଖେଳାଳୀମାନେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧିନ ଭାରତୀୟ ଦଳ ଅପେକ୍ଷାକୃତ ଅନଭିଜ୍ଞ ଏବଂ ଯୁବ ଖେଳାଳୀଙ୍କୁ ନେଇ ଗଠିତ। ଅନ୍ୟ ପକ୍ଷରେ ବାଂଲାଦେଶ ଦଳରେ ବହୁ ବରିଷ୍ଠ ଏବଂ ଅଭିଜ୍ଞ ଖେଳାଳୀ ଅଛନ୍ତି। ତେଣୁ ଟି-୨୦ ସିରିଜ ଜିତିବା ଭାରତ ପାଇଁ ଏତେ ସହଜ ହେବ ନି। ଏଥିପାଇଁ ସୂର୍ଯ୍ୟକୁମାରଙ୍କ ନେତୃତ୍ୱାଧିନ ଭାରତୀୟ ଦଳକୁ କଠିନ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ଟେଷ୍ଟ ସିରିଜରେ ଭାରତଠାରୁ ୨-୦ରେ ପରାଜିତ ହୋଇଥିବା ବାଂଲାଦେଶ ଦଳ ଟି-୨୦ ସିରିଜ ଜିତି ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି। ତେଣୁ ଭାରତ-ବାଂଲାଦେଶ ଟି-୨୦ ସିରିଜ ବେଶ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି। ଭାରତୀୟ ଦଳରେ ସବୁଠାରୁ ବରିଷ୍ଠ ଏବଂ ଅଭଜ୍ଞ ଖେଳାଳୀ ହେଲେ ହାର୍ଦ୍ଦିକ ପାଣ୍ଡ୍ୟା। ଅନ୍ୟ ମାନଙ୍କ ମଧ୍ୟରୁ ଅଧିକାଂଶ ଆଇପିଏଲ ଖେଳିଛନ୍ତି। ତେଣୁ ଏହି ଯୁବ ଦଳକୁ ପରାଜିତ କରିବା ବାଂଲାଦେଶ ପାଇଁ ସହଜ ହେବନି। କ୍ୟାପଟେନ ସୂର୍ଯ୍ୟକୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟତିତ ଦଳରେ ଓପନର ଅଭିଷେକ ଶର୍ମା, ରିଙ୍କୁ ସିଂହ, ୱାଶିଂଟନ ସୁନ୍ଦର, ସଞ୍ଜୁ ସାମସନ, ରିୟାନ ପରାଗ, ଶିବମ ଦୁବେ, ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ, ମୟଙ୍କ ଯାଦବ, ଅର୍ଶଦୀପ ସିଂହ ଏବଂ ହର୍ଷିତ ରଣା ଅଛନ୍ତି। ଆସନ୍ତା କାଲିର ମ୍ୟାଚରେ ଭାରତ ପକ୍ଷରୁ ମୟଙ୍କ ଯାଦବ ପ୍ରଥମ ଥର ପାଇଁ ଖେଳିବେ। ତାଙ୍କ ସହିତ ଅର୍ଶଦୀପ ସିଂହ ନୂଆ ବଲ ସେୟାର କରିବେ।









## ଇରାନୀ ଟ୍ରଫି କ୍ରିକେଟ

# ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ମୁମ୍ବାଇ ଚାମ୍ପିୟନ

**ଲକ୍ଷ୍ନୌ, ୫।୧୦:** ମୁମ୍ବାଇ ଓ ଅବଶିଷ୍ଟ ଭାରତ ମଧ୍ୟରେ ଏଠାରେ ଚାଲିଥିବା ଇରାନୀ ଟ୍ରଫି କ୍ରିକେଟ ମ୍ୟାଚ ଡ୍ର'ରେ ସମାପ୍ତ ହୋଇଛି। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ମୁମ୍ବାଇକୁ ବିଜେତା ଘୋଷଣା କରାଯାଇଛି। ମୁମ୍ବାଇର ପ୍ରଥମ ଇନିଂସରେ ସର୍ଫରାଜ ଖାନଙ୍କ ଦ୍ୱିଶତକ (୨୨୨) ବଳରେ ଦଳ ୫୩୭ ରନ ସଂଗ୍ରହ କରିଥିଲା। ଜବାବରେ ଅବଶିଷ୍ଟ ଭାରତ ଏହାର ପ୍ରଥମ ଇନିଂସରେ ୪୧୮ ରନ ସଂଗ୍ରହ କରିଥିଲା। ଅବଶିଷ୍ଟ ଭାରତ ପକ୍ଷରୁ ଅଭିମନ୍ୟୁ ଇଶ୍ୱରନ ୧୯୧ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ଇନିଂସରେ ମୁମ୍ବାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଓପନର ପୃଥ୍ୱୀ ଶ' ୭୬ ଏବଂ ନିମ୍ନକ୍ରମ ବ୍ୟାଟ୍ସମ୍ୟାନ ତନୁଷ କୋଟିଆନ ଅପରାଜିତ ଶତକ (୧୧୪) ଏବଂ ମୋହିତ ଅୱସ୍ତି ଅପରାଜିତ ଅର୍ଦ୍ଧଶତକ (୫୧)ହାସଲ କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ୮ ୱିକେଟରେ ଦଳ ୩୨୯ ରନ ସଂଗ୍ରହ କରିବା ପରେ ମୁମ୍ବାଇ ପାଳି ସମାପ୍ତି ଘୋଷଣା କରିଥିଲା। ସମୟ ଅଭାବରୁ ଖେଳରେ ଆଉ ଫଇସଲାର ସମ୍ଭାବନା ନଥିବାରୁ ଉଭୟ ଦଳର ଅଧିନାୟକଙ୍କ ସହମତି ଭିତ୍ତିରେ ମ୍ୟାଚର ପରିସମାପ୍ତି ଘୋଷଣା କରାଯାଇଥିଲା।

**ତନୁଷ କୋଟିଆନଙ୍କ ଅପରାଜିତ ଶତକ**

# ରଣଜୀ ଦଳକୁ ଫେରିଲେ ସୁମିତ, ଗୋବିନ୍ଦ

**ଭୁବନେଶ୍ୱର, ୫।୧୦:** ଆସନ୍ତା ୨୦୨୪-୨୫ ଋତୁ ପାଇଁ ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱରେ ୧୭ ଜଣିଆ ଓଡ଼ିଶା ରଣଜୀ ଦଳର ଘୋଷଣା କରାଯାଇଛି। ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଏହି ଦଳ ଖେଳିବ। ଅକ୍ଟୋବର ୧୧ ତାରିଖରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ତ୍ରିପୁରାକୁ ଭେଟିବ। ଜମ୍ମୁ କଶ୍ମୀର ସହିତ ଘରୋଇ ମ୍ୟାଚ୍ ୧୮ ତାରିଖରୁ ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ ବୋଲି ମୁଖ୍ୟ ଚୟନକର୍ତ୍ତା ଅମୀୟ ରାୟ ଓ ମୁଖ୍ୟ ପ୍ରଶିକ୍ଷକ ସୁରେନ୍ଦ୍ର ଭାବେ ସୂଚନା ଦେଇଛନ୍ତି।

ଘୋଷିତ ଦଳରେ ଦୁଇ ନୂଆ ମୁହଁକୁ ସାମିଲ କରାଯାଇଛି। ଗତ ଋତୁରେ ଦଳରେ ସ୍ଥାନ ପାଇଥିବା ବାମହାତୀ ସ୍ପିନର ସୁମିତ ଶର୍ମା ବୟସ ଜାଲିଆତି ମାମଲାରେ ବାସନ୍ଦ ହେବାରୁ ପଦାର୍ପଣ କରିପାରି ନଥିଲେ। କିନ୍ତୁ ବିସିସିଆଇ ତାଙ୍କୁ କ୍ଲିନ୍ ଚିଟ୍ ଦେଇଥିବାରୁ ସେ ଚଳିତ ଋତୁରେ ପୁଣି ଥରେ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ତାଙ୍କ ବ୍ୟତୀତ ଶୁଭ୍ରାଂଶୁ ସେନାପତି ଓଡ଼ିଶା ଛାଡ଼ି ମଧ୍ୟପ୍ରଦେଶ ଚାଲିଯାଇଥିବାରୁ ତାଙ୍କ ସ୍ଥାନ ପୂରଣ କରିବାକୁ ଯୁବ ବ୍ୟାଟର୍ ଅନୀଲ ପରିଡ଼ାଙ୍କୁ ସାମିଲ କରାଯାଇଛି। ଅନୀଲ ଗତ ଋତୁରେ ୨୩ ବର୍ଷରୁ କମ୍ ରାଜ୍ୟ ଦଳରେ ଖେଳିଥିଲା ବେଳେ ଅଗ୍ରଣୀ ରନ୍ ସଂଗ୍ରହକାରୀ ଥିଲେ। ଅନ୍ୟପକ୍ଷରେ ୧୯ ବର୍ଷରୁ କମ୍ ଦଳର ବ୍ୟାଟର୍ ଶ୍ରେୟାଂଶ ଭରଦ୍ୱାଜ ମଧ୍ୟ ଅନ୍ୟତମ ବିକଳ୍ପ ଥିଲେ। ହେଲେ ଭିନୁ ମଙ୍କଡ଼ ଟ୍ରଫିରେ ଖେଳିବାକୁ ସେ ଜୟପୁର ଚାଲିଯାଇଥିବାରୁ ତାଙ୍କୁ କିଛି ଦିନ ଅପେକ୍ଷା କରିବାକୁ ପଡ଼ିପାରେ। ସୂଚନାଯୋଗ୍ୟ, ଗତ ରଣଜୀ ଋତୁରେ ଓଡ଼ିଶା ୭ ମ୍ୟାଚ୍‌ରୁ ୧ ବିଜୟ ଓ ୪ ପରାଜୟ ମ୍ୟାଚ୍‌ରୁ ୧୨ ପଏଣ୍ଟ ପାଇବା ସହ ଏଲିଟ୍ ଗ୍ରୁପ୍ ଡି'ରେ ସପ୍ତମ ସ୍ଥାନରେ ରହିଥିଲା।

**ଓଡ଼ିଶା ଦଳ:** ଗୋବିନ୍ଦ ପୋଦ୍ଦାର (ଅଧିନାୟକ), ଶାନ୍ତନୁ ମିଶ୍ର, ଅନୁରାଗ ଷଡ଼ଙ୍ଗୀ, ସନ୍ଦୀପ ପଟ୍ଟନାୟକ, ବିପ୍ଳବ ସାମନ୍ତରାୟ, କାର୍ତ୍ତିକ ବିଶ୍ୱାଳ, ସ୍ୱସ୍ତିକ ସାମଲ, ରାଜେଶ ଧୂପର, ଆଶୀର୍ବାଦ ସ୍ୱାଇଁ, ଅନୀଲ ପରିଡ଼ା, ସୂର୍ଯ୍ୟକାନ୍ତ ପ୍ରଧାନ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ତରଣୀ ସା', ହର୍ଷିତ ରାଠୋଡ଼, ସୁମିତ ଶର୍ମା।



# ଶାମିଙ୍କୁ ନେଇ ଟିମ୍ ଇଣ୍ଡିଆର ଚିନ୍ତା ବଢ଼ିଲା

**ନୂଆଦିଲ୍ଲୀ,୫।୧୦:** ଦଳକୁ କେବେ ଫେରିବେ ମହମ୍ମଦ ଶାମି, ଏହା ଉପରେ କ୍ରିକେଟ ପ୍ରଶଂସକଙ୍କ ନଜର। କାରଣ ଆସନ୍ତା ମାସ ଭାରତୀୟ ଟିମ୍ ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ। ସର୍ବପ୍ରଥମେ ଦଳ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ ଖେଳିବ। ଏହାପରେ ୫ ଟେଷ୍ଟ ମ୍ୟାଚ୍ ଲାଗି ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ୭ ମୁକାବିଲାରୁ ଦଳର ଡବ୍ଲ୍ୟୁଟିସି ଫାଇନାଲ ଟିକେଟ ପକ୍କା ହୋଇପାରେ। ଏସବୁ ମଧ୍ୟରେ ଟିମ୍ ଇଣ୍ଡିଆର ଚିନ୍ତା ବଢ଼ାଇବା ଭଳି ଖବର ସାମ୍ନାକୁ ଆସିଛି। ଏକ ରିପୋର୍ଟ ମୁତାବକ ଶାମିଙ୍କୁ ରଣଜୀ ଟ୍ରଫି ପୂର୍ବରୁ ୨ ମ୍ୟାଚ ଲାଗି ପଶ୍ଚିମବଙ୍ଗ ଟିମ୍‌ରେ ଚୟନ କରାଯାଇଛି। ଅର୍ଥାତ ସେ ଯଦି ଏହାକୁ ଖେଳିବେ ତେବେ ଦଳକୁ ଫେରିବାକୁ ସମୟ ଲାଗିପାରେ। ଶେଷ ଥର ଲାଗି ଶାମି ୨୦୨୩ ବିଶ୍ୱକପ୍ ଫାଇନାଲ ଖେଳିଥିଲେ। ଏହା ପରେ ପ୍ରାୟ ୧୧ ମାସ ଧରି ସେ କ୍ରିକେଟରୁ ଦୂରରେ ରହିଛନ୍ତି। ସେ ଫେବୃୟାରୀରେ ନିଜର ଅସ୍ତ୍ରୋପଚାର କରାଇଥିଲେ। ଏବେ ସେ ବାଙ୍ଗାଲୋରରେ ନ୍ୟାସନାଲ କ୍ରିକେଟ ଏକାଡେମୀରେ ରିହାବ କରୁଛନ୍ତି। ରଣଜୀ ଟ୍ରଫିରେ ସେ ଫେରିପାରନ୍ତି ବୋଲି ଆଶା କରାଯାଉଛି। ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ଟିମ୍ ନଭେମ୍ବର ୨୨ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବ।



# ଟିମ୍ ଇଣ୍ଡିଆର ଲଜ୍ଜାଜନକ ପରାଜୟ

**ନୂଆଦିଲ୍ଲୀ,୫।୧୦:** ମହିଳା ଟି-୨୦ ବିଶ୍ୱକପ ୨୦୨୪ର ପ୍ରଥମ ମ୍ୟାଚରେ ଭାରତକୁ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ନ୍ୟୁଜିଲାଣ୍ଡ ଭାରତକୁ ୫୮ ରନରେ ପରାସ୍ତ କରିଛି। ଏହି ପରାଜୟ ସହିତ ଭାରତ ନାମରେ ଏକ ଅଲୋଡା ରେକର୍ଡ ପଞ୍ଜିକୃତ ହୋଇଥିଲା। ଟି -୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷ ରରନ୍ ଏହା ଭାରତ ମହିଳା ଦଳର ସବୁଠାରୁ ବଡ଼ ପରାଜୟ। ଯଦି ସାମଗ୍ରିକ ଭାବେ ଦେଖାଯାଏ, ଏହା ଦ୍ୱିତୀୟ ବୃହତ୍ତମ ପରାଜୟ।

ମହିଳା ଟି-୨୦ ବିଶ୍ୱକପରେ ରନ ଦୃଷ୍ଟିରୁ ଭାରତର ସବୁଠାରୁ ବଡ ପରାଜୟ ଅଷ୍ଟ୍ରେଲିଆ ବିପକ୍ଷରେ ହୋଇଥିଲା। ୨୦୨୦ ଫାଇନାଲରେ ଅଷ୍ଟ୍ରେଲିଆ ଟିମ ଇଣ୍ଡିଆକୁ ୮୫ ରନ୍‌ରେ ପରାସ୍ତ କରିଛି। ଏବେ ନ୍ୟୁଜିଲାଣ୍ଡ ବିପକ୍ଷରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ଏହା ଥିଲା ଦ୍ୱିତୀୟ ବୃହତ୍ତମ ପରାଜୟ। ୨୦୦୯ରେ ଟ୍ରେଣ୍ଟ ବ୍ରିଜରେ ଖେଳାଯାଇଥିବା ମ୍ୟାଚରେ ଟିମ ଇଣ୍ଡିଆ ନ୍ୟୁଜିଲାଣ୍ଡ ଦ୍ୱାରା ୫୨ ରନ୍‌ରେ ପରାସ୍ତ ହୋଇଥିଲା। ବର୍ତ୍ତମାନ ଏହା ହେଉଛି ତାଙ୍କର ତୃତୀୟ ବୃହତ୍ତମ ପରାଜୟ। ଭାରତ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରୁଥିବାବେଳେ ନ୍ୟୁଜିଲାଣ୍ଡ ୧୬୦ ରନ ସଂଗ୍ରହ କରିଥିଲା। ଅଧିନାୟକ ସୋଫି ଡିଭାଇନ ଏକ ଦୃଢ ପ୍ରଦର୍ଶନ କରିଥିଲେ। ସେ ୫୭ ଅପରାଜିତ ରନ ସ୍କୋର କରିଥିଲେ। ଏହାର ଜବାବରେ ଟିମ ଇଣ୍ଡିଆ ୧୦୨ ରନ ସ୍କୋରରେ ଆଉଟ ହୋଇଥିଲା। କ୍ୟାପଟେନ ହରମାନପ୍ରୀତ ଭାରତ ପାଇଁ ସର୍ବାଧିକ ୧୫ ରନ ସଂଗ୍ରହ କରିଥିଲେ। ମହିଳା ଟି-୨୦ ବିଶ୍ୱକପ ୨୦୨୪ରେ ଭାରତର ପରବର୍ତ୍ତୀ ମ୍ୟାଚ ପାକିସ୍ତାନ ବିପକ୍ଷରେ ରବିବାର ଖେଳାଯିବ।



## ମହିଳା ଟି-୨୦ ବିଶ୍ୱକପରେ ଦୁର୍ଘଟଣା

# ଗୁରୁତର ଆହତ ହେଲେ ଖେଳାଳି

**ନୂଆଦିଲ୍ଲୀ,୫।୧୦:** ଶୁକ୍ରବାର ୱେଷ୍ଟଇଣ୍ଡିଜ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଆଇସିସି ମହିଳା ଟି -୨୦ ବିଶ୍ୱକପ୍ର ତୃତୀୟ ମ୍ୟାଚରେ ଏକ ଦୁର୍ଘଟଣା ଘଟିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଖେଳ ସମୟରେ ଅଲରାଉଣ୍ଡର ଜୈଦା ଜେମ୍ସଙ୍କ ମୁହଁରେ ଗଭୀର ଆଘାତ ଲାଗିଥିଲା। ବୋଲିଂ ବେଳେ ଜୈଦା ଆଗରୁ ଆସୁଥିବା ଏକ ଶକ୍ତିଶାଳୀ ସଟ୍‌କୁ ଅଟକାଇବାରେ ବିଫଳ ହୋଇଥିଲେ ଏବଂ ବଲ ତାଙ୍କ ମୁହଁର ତଳ ଭାଗରେ ସିଧାସଳଖ ଆଘାତ କରିଥିଲା। ଜୈଦା ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ସଙ୍ଗେ ସଙ୍ଗେ ତାଙ୍କୁ ପଡ଼ିଆ ବାହାରକୁ ନିଆଯାଇଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ମହିଳା ଟି -୨୦ ବିଶ୍ୱକପ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ଦଳ ୬ ୱିକେଟରେ ୧୧୮ରନ ସଂଗ୍ରହ କରିଛି। ଦକ୍ଷିଣ ଆଫ୍ରିକା ଦଳ ୧୭.୫ ଓଭରରେ ବିନା କୌଣସି ୱିକେଟ ହରାଇ ଲକ୍ଷ୍ୟ ହାସଲ କରିବା ସହ ବିଜୟ ହାସଲ କରିଥିଲେ। ମ୍ୟାଚ ସମୟରେ କେବଳ ୱେଷ୍ଟଇଣ୍ଡିଜ ଦଳକୁ ପରାଜୟର ସାମ୍ନା କରିବାକୁ ପଡି ନାହିଁ ବରଂ ଆହତ କାରଣରୁ ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି ମଧ୍ୟ ଆଉଟ ବାହାରି ଯାଇଛନ୍ତି।

# କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶାର ଦ୍ୱିତୀୟ ବିଜୟ

**ଜମ୍ମୁ, ୫।୧୦:** ଚଳିତ ଲିଜେଣ୍ଡସ କ୍ରିକେଟ୍ ଲିଗ୍‌ରେ ଶୁକ୍ରବାର ରୋମାଞ୍ଚକ ବିଜୟ ସହ କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶା ପଞ୍ଚମ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରିଛି। ଫଳରେ ୬ ପଏଣ୍ଟ ସହ ଟେବୁଲ୍‌ର ଦ୍ୱିତୀୟ ସ୍ଥାନକୁ ଫେରିଛି। ମୌଲାନା ଆଜାଦ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏକ ଲୋ ସ୍କୋରିଂ ମୁକାବିଲାରେ ଶୁକ୍ରବାର ଏହି ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ମାତ୍ର ୫ ରନ୍‌ରେ ଇଣ୍ଡିଆ କ୍ୟାପିଟାଲ୍ସକୁ ପରାସ୍ତ କରିଛି। କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶା ମାତ୍ର ୧୨୭ ରନ୍ କରିଥିଲା। ଚତୁର୍ଥ ଓଭର ବେଳକୁ ଦଳ ୧୨/୨ରେ ସଂଘର୍ଷ କରୁଥିବାବେଳେ କେଭିନ୍ ଓ'ବ୍ରାଏନ୍ (୪୬ ବଲ୍‌ରୁ ୫୫ ରନ୍*, ୬ ଚୌକା, ୧ ଛକା) ଏବଂ ଦିଲସାନ ମୁନାବୀରା (୪୪ ବଲ୍‌ରୁ ୩୩ ରନ୍, ୩ ଚୌକା) ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳି ୬୭ ରନ୍‌ର ଭାଗୀଦାରି ଗଢ଼ିଥିଲେ। ୟୁସୁଫ୍ ପଠାନ୍ ୧୨ ରନ୍ ଏବଂ ରସ୍ ଟେଲର୍ ୩* ରନ୍ କରିଥିଲେ। ପ୍ରାରମ୍ଭିକ ଯୋଡ଼ି ରିଚାର୍ଡ ଲେଭି (୧) ଓ ଜେସେ ରାଇଡର୍ (୩) ବିଫଳ ହୋଇଥିଲେ। ଇଣ୍ଡିଆ କ୍ୟାପିଟାଲ୍ସ ପକ୍ଷରୁ ଇକ୍‌ବାଲ୍ ଅବଦୁଲ୍ଲା (୪-୦-୧୬-୩) ଓ ଧବଲ୍ କୁଲକର୍ଣ୍ଣି (୪-୦-୨୨-୧) ସଫଳ ବୋଲର ଥିଲେ। ଜବାବରେ ଇଣ୍ଡିଆ କ୍ୟାପିଟାଲ୍ସ ମଧ୍ୟ ୧୨ ରନ୍‌ରେ ୨ ୱିକେଟ୍ ହରାଇଥିଲା। ଡ୍ୱାନ୍ ସ୍ମିଥ୍, ଅଧିନାୟକ ଇଆନ୍ ବେଲ୍, ଫୈଜ ଫଜଲ୍ ସଅଳ ଫେରିଯାଇଥିଲେ। ଗୋଟିଏ ପଟରୁ ଭରତ ଚିପଲି (୪୮ ବଲ୍‌ରୁ ୬୧* ରନ୍, ୩ ଚୌକା, ୫ ଛକା) ଶେଷ ପ୍ରୟାସ କରିଥିଲେ ମଧ୍ୟ ଓଡ଼ିଶା ସ୍ପିନର୍ ନିୟନ୍ତ୍ରିତ ବୋଲିଂ କରି ଅସମ୍ଭବକୁ ସମ୍ଭବ କରି ଦେଖାଇଥିଲେ। ଶେଷ ଦୁଇ ଓଭରରୁ ୨୩ ରନ୍ ଆବଶ୍ୟକ ଥିବାବେଳେ ୧୯ତମ ଓଭରରେ କେଭିନ୍ କୁପର୍ ମାତ୍ର ୫ ରନ୍ ବ୍ୟୟ କରିବା ନିର୍ଣ୍ଣାୟକ ହୋଇଥିଲା। ଶେଷ ଓଭରରୁ ୧୮ ରନ୍ ଆବଶ୍ୟକ ପଡ଼ିଥିଲା। ଦିବେଶ ପଠାନିଆ ୧୨ ରନ୍ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହରିଆଣାରେ...

କ୍ଷମତା ଦଖଲ କରିଥିବା ବିଜେପିକୁ ଏକ୍‌ଜିଟ ପୋଲ ଫଳାଫଳ ନିରାଶ କରିଛି। ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ଥିବା ଦଳ ପରାଜୟର ସାମ୍ନା କରିପାରେ। କଂଗ୍ରେସ ରେକର୍ଡ ୫୦ରୁ ଅଧିକ ଆସନ ଜିତି ରାଜ୍ୟରେ ସରକାର ଗଠନ କରିପାରେ। ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୪୬। ରିପ୍ଲବିକ ଭାରତ-ମାଟ୍ରିଜ କରିଥିବା ଏକଜିଟ ପୋଲ ତଥ୍ୟ ଅନୁଯାୟୀ, ହରିୟାଣାର ୯୦ଟି ଆସନ ମଧ୍ୟରୁ କଂଗ୍ରେସ ଏକାକୀ ୫୫ରୁ ୬୨ଟି ଆସନ ଜିତିବ। ବିଜେପି ୧୮ରୁ ୨୪ଟି, ଆଇଏନଏଲଡି ୦୩ରୁ ୦୬, ଜେଜେପି ଶୂନରୁ ୩ ଓ ଅନ୍ୟାନ୍ୟ ଦଳ ୨ରୁ ୫ଟି ଆସନ ଜିତି ପାରନ୍ତି। ପିପୁଲ୍ସ ପ୍ଲସ ଦର୍ଶାଇଛି, କଂଗ୍ରେସ ୪୯ରୁ ୬୧, ବିଜେପି ୨୦ରୁ ୩୨, ଜେଜେପି ଶୂନରୁ ୧, ଆପ୍ ଶୂନ ଓ ଅନ୍ୟାନ୍ୟ ଦଳ ୩ରୁ ୫ଟି ଆସନ ଜିତବ। ଧ୍ରୁବ ରିସର୍ଚ୍ଚ କହିଛି କଂଗ୍ରେସ ୫୦ରୁ ୬୪, ବିଜେପି ୨୨ରୁ ୩୨ ଓ ଅନ୍ୟାନ୍ୟ ଦଳ ୨ରୁ ୮ଟି ଆସନ ଜିତି ପାରନ୍ତି। ସେହିପରି ଆପ ଓ ଜେଜେପି ଖାତା ଖୋଲିପାରିବେ ନାହିଁ। ଜାମ୍ମୁ କାଶ୍ମୀରର ବୁଥ୍ ଫେରନ୍ତା ଜନମତ କିନ୍ତୁ ବିଜେପି, କଂଗ୍ରେସ, ପିଡିପି, ଏନ୍‌ସିପି ଆଦି ଦଳଗୁଡ଼ିକୁ ଝଟକା ଦେଇଛି। କାହାରିକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିବା ସମ୍ଭାବନା କ୍ଷୀଣ ଥିବାରୁ ପିଡିପି କିଙ୍ଗ୍ ମେକର ବନିପାରେ ବୋଲି କୁହାଯାଉଛି। ଆକ୍ସିସ୍ ମାଇଁ ଇଣ୍ଡିଆର ଆକଳନ ଅନୁଯାୟୀ, ରାଜ୍ୟରେ ୨୪ରୁ ୩୪, କଂଗ୍ରେସ ୩୫ରୁ ୪୫, ପିଡିପିକୁ ୪ରୁ ୬ ଏବଂ ଅନ୍ୟମାନଙ୍କୁ ୫ରୁ ୨୩ ଆସନ ପାଇପାରନ୍ତି। ଦୈନିକ ଭାସ୍କର ଆକଳନ ଅନୁଯାୟୀ ବିଜେପିକୁ ୨୦ରୁ ୨୫, କଂଗ୍ରେସକୁ ୩୫ରୁ ୪୦, ପିଡିପିକୁ ୪ରୁ ୭, ଅନ୍ୟମାନଙ୍କୁ ୧୨ରୁ ୧୮ ଆସନ ମିଳିବ। ଇଣ୍ଡିଆ ଟୁଡେ ସି ଭୋଟର ଦର୍ଶାଇଛି, ବିଜେପିକୁ ୨୭ରୁ ୩୨, କଂଗ୍ରେସକୁ ୪୬ରୁ ୫୦, ପିଡିପିକୁ ୭ରୁ ୧୧ ଏବଂ ଅନ୍ୟମାନଙ୍କୁ ୪ରୁ ୬ ଆସନ ମିଳିପାରେ। ଏନ୍‌ଡିଟିଭି ପୋଲ୍ ଅଫ ପୋଲ୍‌ସ ପକ୍ଷରୁ କରାଯାଇଥିବା ଆକଳନରେ ବିଜେପି ୨୭, କଂଗ୍ରେସ ୪୨, ଏନ୍‌ସି ୪ରୁ ୮, ପିଡିପି ୭ ଏବଂ ଅନ୍ୟମାନେ ୧୬ ଆସନରେ ବିଜୟ ହାସଲ କରିବା ସମ୍ଭାବନା ରହିଛି।

### ବିଜେପିର...

ସହଜରେ ଟ୍ରାକ୍ଟର ରାଲି କରି ସଦଳବଳେ ଦିଲ୍ଲୀରେ ହାଜର ହୋଇଯିବେ। ବର୍ତ୍ତମାନ ହରିଆନରେ ବିଜେପି ସରକାର ଥିବାରୁ ପଞ୍ଜାବ ଚାଷୀଙ୍କ ପାଇଁ ଦିଲ୍ଲୀ ଯାତ୍ରା ସହଜ ହେଉନଥିଲା। କାରଣ ହରିଆନାରେ ହିଁ ପଞ୍ଜାବର ଚାଷୀମାନଙ୍କୁ ସେଠାକାର ସରକାର ରୋକି ଦେଉଥିଲେ । ଏକ୍‌ଜିଟ୍ ପୁଲ୍ ଅନୁଯାୟୀ ଯଦି ବିଜେପି ହାତରୁ ହରିଆନା ଖସିଯାଏ ତେବେ କେନ୍ଦ୍ର ସରକାରଙ୍କ ଆଗାମୀ ଦିନରେ ବଡ ସମସ୍ୟା ସୃଷ୍ଟି ହେବ । କାରଣ ପଞ୍ଜାବରେ ଏବେ ଆପ୍ ସରକାର ରହିଛି ଏବଂ କଂଗ୍ରେସ-ଆପ୍ ବହୁ ସ୍ଥାନରେ ହାତ ମିଳାଉଛନ୍ତି । ପଞ୍ଜାବର ଚାଷୀମାନେ ମଧ୍ୟ ବିଭିନ୍ନ ଦାବି ନେଇ ବାରମ୍ବାର ଦିଲ୍ଲୀକୁ ଟ୍ରାକ୍ଟର ରାଲିରେ ବାହାରିଥାନ୍ତି । ତେଣୁ ହରିଆନାରେ ହାରିବା ନେଇ ବିଜେପି ଯେତେ ଟେନ୍‌ସନରେ ନାହିଁ ତାହାଠାରୁ ଅଧିକ ଟେନ୍‌ସନ ହେଉଛି ଆଗାମୀ ଦିନରେ ପଞ୍ଜାବରୁ ସିଧା ଦିଲ୍ଲୀକୁ ରାସ୍ତା ସଫା ହୋଇଯିବା। ଉଲ୍ଲେଖନୀୟ ଯେ ଅତୀତରେ ପଞ୍ଜାବର ଚାଷୀଙ୍କ ହିଂସାତ୍ମକ ଆନ୍ଦୋଳନ କେନ୍ଦ୍ର ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଥିଲା ଓ କେନ୍ଦ୍ରର ଏନ୍‌ଡିଏ ସରକାର କୃଷିଆଇନ୍‌କୁ ପ୍ରତ୍ୟାହାର ପାଇଁ ବାଧ୍ୟ ହୋଇଥିଲେ ।

### ଡବଲ୍ ଇଞ୍ଜିନ୍‌ରେ...

କରିଥିଲେ ଯେ ପିଭିଟିଜି ବର୍ଗର କୃଷକ ଏବଂ ବନ ଅଧିକାର ଆଇନ ପଟ୍ଟା ଥିବା ଜନ ଜାତିଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ହେବାକୁ ଯାଉଛି। ସେମାନେ ମଧ୍ୟ ଏହି ଯୋଜନାର ଲାଭ ଓ ସୁବିଧା ପାଇବେ। କୃଷକ ମାନେ ଦେଶର ଅନ୍ନଦାତା। ଆମ ଅର୍ଥ ନୀତିର ମେରୁଦଣ୍ଡ। ସେମାନଙ୍କ ମଙ୍ଗଳ କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ ଏବଂ କୃଷକ ମାନଙ୍କ କଲ୍ୟାଣ ପାଇଁ ଆମ ସରକାର ଦାୟିତ୍ୱ ନେବା ପରେ ପ୍ରଥମେ ସମୃଦ୍ଧ କୃଷି ନୀତି ଆଧାରରେ ଧାନର କ୍ରୟ ମୂଲ୍ୟ ୩୧୦୦ଟଙ୍କାକୁ ବୃଦ୍ଧି କରିବା ପାଇଁ ସ୍ଥିର କରିଛନ୍ତି। ରାଜ୍ୟରେ ଥିବା ମଣ୍ଡିଗୁଡ଼ିକୁ ସୁଦୃଢ଼ କରାଯାଉଛି। କଟନି ଛଟନିକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଜୈବିକ କୃଷି ଓ ପ୍ରାକୃତିକ କୃଷିର ପ୍ରୋତ୍ସାହନ ପାଇଁ ଓଡିଶା ବଳଭଦ୍ର ଜୈବିକ ଚାଷ ମିଶନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ମିଲେଟ୍ ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଶ୍ରୀ ଅନ୍ନ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଛି। ରାଜ୍ୟରେ ୫୮ଟି ସବଡିଭିଜନରେ ଗୋଟିଏ ଲେଖାଏଁ ଶୀତଳଭଣ୍ଡାର ସ୍ଥାପନ କରାଯିବ ବୋଲି ସେ କହିଥିଲେ।

### ପ୍ରାଥମିକ...

ଆପଣ ସମସ୍ତଙ୍କୁ ମୁଁ ପ୍ରଣାମ କରୁଛି ଏବଂ ଆପଣମାନେ ଆରମ୍ଭ କରିବାକୁ ଯାଉଥିବା ପବିତ୍ର ଶିକ୍ଷକତା ରୂପକ ଯଜ୍ଞର ଶୁଭ କାମନା କରୁଛି। ସେ କହିଥିଲେ, ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ଼, ସେ ଦେଶର ସର୍ବାଙ୍ଗୀନ ଉନ୍ନତି ସେତେ ପ୍ରଖର । ତେଣୁ ସେହି ସତକୁ ଆଖି ଆଗରେ ରଖି ଆଜି ଆମ ସରକାର ଆପଣ ସମସ୍ତଙ୍କୁ, ଆମ ରାଜ୍ୟ ଓଡ଼ିଶାର ଭବିଷ୍ୟତକୁ ଗଢ଼ିବାର ଏବଂ ରୂପ ଦେବାର ଗୁରୁଦାୟିତ୍ୱ ଅର୍ପଣ କରିବାକୁ ଯାଉଛି। ଆମ ସରକାର ସଦାସର୍ବଦା କାମରେ ହିଁ ବିଶ୍ୱାସ କରିଥାଏ। ଶିକ୍ଷାର ଉନ୍ନତିରେ ଦେଶର ଉନ୍ନତି । ଆଜିର ସରକାର ୧୦୦ ଦିନର ପୂର୍ତ୍ତି ଅବସରରେ ଶିକ୍ଷା ବିଭାଗ ପାଇଁ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଆଣିଛନ୍ତି । ପୂର୍ବ ସରକାର ୫-ଟି ସ୍କୁଲ ରୂପାନ୍ତରଣ ନାମରେ ଉଚ୍ଚ ବିଦ୍ୟାଳୟ ଗୁଡ଼ିକରେ ଅଯଥା ଅର୍ଥ ଖର୍ଚ୍ଚ କରିଚାଲିଲେ। କିନ୍ତୁ ପ୍ରାଥମିକ ଶିକ୍ଷା ଉପରେ ଧ୍ୟାନ ଦେଲେ ନାହିଁ। ମୂଳରୁ ପିଲା ଦୁର୍ବଳ ହେଲେ ଉଚ୍ଚ ଶ୍ରେଣୀରେ ପାଠ ପଢିବାକୁ କଣ ଯୋଗ୍ୟ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ ପ୍ରାଥମିକ ସ୍ତରରୁ ପିଲାଙ୍କୁ ଶିକ୍ଷାକ୍ଷେତ୍ରରେ ମଜବୁତ କରିବା ପାଇଁ ଆମ ସରକାର ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା, ଡ୍ରପଆଉଟ୍ ହାରକୁ କମାଇବା ପାଇଁ ମାଧୋସିଂ ହାତଖର୍ଚ୍ଚ ଯୋଜନାରେ ୫ହଜାର ଟଙ୍କାର ସହାୟତା, ନିପୁଣ ଓଡିଶା ଭଳି ଅନେକ ଯୋଜନା କାର୍ଯ୍ୟକାରୀ କରିବେ ।

ସେ ପୁଣି କହିଥିଲେ ଯେ, ଯେଉଁ ରାଷ୍ଟ୍ରର ଶିକ୍ଷକମାନେ ସଂସ୍କାରକ, ନିଷ୍ଠାପର, ପରିଶ୍ରମୀ, ଉଦ୍ୟମୀ ସେ ରାଷ୍ଟ୍ର ଶିକ୍ଷାକ୍ଷେତ୍ରରେ ସେତିକି ସୁଦୃଢ ଓ ପ୍ରଗତିଶୀଳ । ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଦାସର୍ବଦା ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ବିକଶିତ ରାଷ୍ଟ୍ର ନିର୍ମାଣରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ହେଉଛନ୍ତି ଜଣେ ଜଣେ ପଥ ପ୍ରଦର୍ଶକ । ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଲାଭ ପାଇଁ ତଥା ଅନୁକୂଳ ପରିବେଶ ଓ ଗୁଣାତ୍ମକ ଶିକ୍ଷା ନିମନ୍ତେ ପିଏମ୍ ଶ୍ରୀ ଯୋଜନାର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ଆଜି ଆପଣମାନେ ଏକ ଗୁରୁ ଦାୟିତ୍ୱ ବହନ କରିବାକୁ ଯାଉଛନ୍ତି। ପ୍ରାରମ୍ଭିକ ଶିକ୍ଷା ହିଁ ପିଲାଙ୍କୁ ଦିଗବିଜୟୀ ହେବା ପାଇଁ ଗଢି ତୋଳିଥାଏ। ଓଡିଶାରେ ପ୍ରାୟ ୭୬ ଲକ୍ଷ ୪୯ ହଜାର ପିଲା ବିଦ୍ୟାଳୟରେ ପଢୁଛନ୍ତି। ସେମାନଙ୍କୁ ଶିକ୍ଷିତ ଓ ନିର୍ଭିକ କରି ଗଢି ତୋଳିବାର ଦାୟିତ୍ୱ ଆପଣ ମାନଙ୍କ ଉପରେ। ୨୦୩୬ ମସିହା ବେଳକୁ ବିକଶିତ ଓଡିଶାର ଗଠନର ଲକ୍ଷ୍ୟ ରହିଛି। ଆଜି ଯେଉଁ ପିଲା ୧୨-୧୩ ବର୍ଷ ବୟସରେ ଅଛି ସେତେବେଳକୁ ତାର ଯୁବବସ୍ଥା ହୋଇଥିବ। ଆପଣ ମାନଙ୍କ ନିଷ୍ଠାପର ଉଦ୍ୟମରେ ତାର ଆତ୍ମ ବିଶ୍ୱାସ ମଧ୍ୟ ବୃଦ୍ଧି ହୋଇଥିବ। ଆପଣମାନେ ହେଉଛନ୍ତି ସେ ପିଲାମାନଙ୍କ ପାଇଁ ଗୁରୁ ଦ୍ରୋଣାଚାର୍ଯ୍ୟ। ଓଡିଶାରେ ଧନୀ ଲୋକ ନାହାନ୍ତି କିନ୍ତୁ ଜ୍ଞାନୀ ଲୋକଙ୍କ ଅଭାନ ନାହିଁ। ଆଗାମୀ ଦିନରେ ଜ୍ଞାନ ଆଧାରିତ ବିକଶିତ ଭାରତର ମୂଳ କେନ୍ଦ୍ର ହେବେ ଶିକ୍ଷକସମାଜ।

### ଟିଟିଏସ୍...

ପାର୍କ ହେବ। ହେଲେ ଏ ସବୁ ମେସିନ୍ କଣ ହେବ ? ବାସ୍ତବରେ ଏହି ଟିଟିଏସ୍ ଅଧିକାରୀଙ୍କ ପାଇଁ ଦୁଧିଆଳୀ ଗାଈ ସଦୃଶ ହୋଇଛି। ଯେତେବେଳେ ମନ ହେଉଛି ଅଧିକାରୀମାନେ ଏହାକୁ ଦୁହିଁ ପକାଉଛନ୍ତି।ବିଏମ୍‌ସି ଏନ୍‌ଜିଟିରେ ଦାଖଲ କରିଥିବା ସତ୍ୟପାଠ ମୁତାବକ, ଭୁବନେଶ୍ୱରରୁ ଦୈନିକ ୮୦୦ ଟନ୍ ଆବର୍ଜନା ବାହାରୁଛି। ବିଏମ୍‌ସି ପାଖରେ ୫୧୦ ଟନ୍ ଆବର୍ଜନା ପରିଚାଳନା କ୍ଷମତା ରହିଛି। ଅର୍ଥାତ୍ ଦିନକୁ ୨୯୦ ଟନ୍ ଆବର୍ଜନା ପରିଚାଳନା ନ ହୋଇ ଟିଟିଏସ୍‌ରେ ଗଦା ହୋଇ ରହୁଛି। ଦୀର୍ଘ ଦିନ ହେବ ଏଭଳି ପ୍ରକ୍ରିୟା ଜାରି ରହିବାରୁ ଟିଟିଏସ୍‌ରେ ପାହାଡ଼ ଭଳି ଜମା ହୋଇଥିଲା ଆବର୍ଜନା। ଏହା 'ମିକ୍ସଡ୍' ବା ଓଦା ଶୁଖିଲା ସବୁ ମିଶି ରହିଥିବାରୁ ପରିଚାଳନା କଷ୍ଟକର ବୋଲି ବିଏମ୍‌ସି କହିଥିଲା। ଏତେ ପରିମାଣରେ ଥିଲା ଯେ, ଏହାକୁ ପୃଥକ୍ କରି ଖତ ପ୍ରସ୍ତୁତ କରିବା ମଧ୍ୟ ସମ୍ଭବ ନଥିଲା। ଏଣୁ ୱିଣ୍ଡ୍ରୋସ୍ ପଦ୍ଧତିରେ ଏହାକୁ ପରିଚାଳନା କରିବାକୁ ଯୋଜନା କଲା। ଏଥିପାଇଁ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଠିକା ଦେଇଥିଲେ ମଧ୍ୟ ବିଏମ୍‌ସି ଆବର୍ଜନା ଖେଳାଇ ମେସିନ୍ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ କୋଟି କୋଟି ଟଙ୍କାର ଗାଡ଼ି କିଣିଲା। ସେଠାରେ ଏବେ ବି ବିଏମ୍‌ସି ଜେସିବି ଲାକି କାମ କରୁଛି। ଏଣେ ଠିକା ସଂସ୍ଥା ବି ଚୁକ୍ତି ମୁତାବକ ପଇସା ନେଉଛି। ଯଦିଓ ଠିକା ସଂସ୍ଥାର ଚୁକ୍ତି ଅବଧି ଶେଷ ହୋଇଯାଇଛି। ଏବେ ପୁଣି ଥରେ ସମ୍ପୃକ୍ତ ସଂସ୍ଥା ସହର ଚୁକ୍ତି ଅବଧି ବଢ଼ାଇବା ପାର୍‌ଇ ଯୋଜନା କରୁଛି। ମେସିନ୍ କିଣା ଓ ଠିକା ସଂସ୍ଥା ସହ ଚୁକ୍ତି ବାବଦରେ ଅଧିକାରୀମାନେ ମୋଟା ଅଙ୍କର କିକ୍‌ବ୍ୟାକ୍ ହାତେଇଥିବା ଅଭିଯୋଗ ରହିଛି।

ଏହା ପାଖକୁ ଲାଗି ରହିଥିବା ୧୦.୫ ଏକର ଜାଗା ବିଏମ୍‌ସିକୁ ମିଳିଛି। ଏଠାରେ ୱିଣ୍ଡ୍ରୋଜ୍ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ଏଥିରେ ମଧ୍ୟ ବିଏମ୍‌ସି କୋଟି କୋଟି ଟଙ୍କା ଖର୍ଚ୍ଚ କରିଛି। ଏ ସବୁ ଭିତ୍ତିଭୂମି ପ୍ରସ୍ତୁତ ପରେ ବି ବିଏମ୍‌ସି ଡାଲ୍‌ମିଆ ସିମେଣ୍ଟ କମ୍ପାନି ସହ ଚୁକ୍ତି କରିଛି। ଟିଟିଏସ୍‌ରୁ ବାହାରୁଥିବା 'ଆର୍‌ଡିଏଫ୍' ଆବର୍ଜନାର 'କୋ-ପ୍ରୋସେସ୍' ନାମରେ ଡାଲ୍‌ମିଆଁ ସିମେଣ୍ଟକୁ ବିଏମ୍‌ସି ୬କୋଟି ୫୦ ଲକ୍ଷ ଟଙ୍କା ଦେଉଛି। ୯ ମାସ ମଧ୍ୟରେ ୭୦ ହଜାର ଟନ୍ ଆର୍‌ଡିଏଫ୍ ପରିଚାଳନା ପାଇଁ ସିମେଣ୍ଟ କମ୍ପାନିକୁ ଏହି ମୋଟା ଅଙ୍କର ଅର୍ଥ ଦେବ ବିଏମ୍‌ସି। ସେଥିରେ ପୁଣି, ନିଜ ପାଣ୍ଠିରୁ ଖର୍ଚ୍ଚ କରି ବିମ୍‌ସି ଟିଟିଏସ୍‌ରୁ ଏହି ଆର୍‌ଡିଏଫ୍ ନେଇ ସିମେଣ୍ଟ କମ୍ପାନିରେ ପହଞ୍ଚାଇବ। ଏଥିରେ ମଧ୍ୟ ଅଧିକାରୀମାନେ ମୋଟା ଅଙ୍କର ପିସି ନେଇଥିବା ଅଭିଯୋଗ ରହିଛି। ଆବର୍ଜନା ପରିଚାଳନା ନାମରେ ଏଭଳି ଅର୍ଥ ରୋଜଗାରର ବାଟ ଖୋଲା ଯାଇଥିବା ଜଣେ ପୂର୍ବତନ ବରିଷ୍ଠ ଅଧିକାରୀ କହିଛନ୍ତି।

ଏବେ ଏଥିରୁ ଉଡୁଥିବା ଧୂଳି ଓ ଗନ୍ଧ ରୋକିବା ପାଇଁ ବିଏମ୍‌ସି ପୁଣି ଥରେ ଏବେ ମେସିନ୍ କିଣିବାକୁ ଯାଉଛି। ଏଥିରେ ମଧ୍ୟ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ। କେବଳ କିଣାକିଣିରେ ମାତିଛନ୍ତି ଅଧିକାରୀ। ଅନେକ ନିଷ୍ପତ୍ତି କର୍ପୋରେସନର ବିନା ସ୍ୱୀକୃତିରେ କରି ଅଧିକାରୀମାନେ କର୍ପୋରେସନର ପୋଷ୍ଟ ଆପ୍ରୁଭାଲ୍ ନେଉଛନ୍ତି। ଆଉ କେତେବେଳେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷମାନଙ୍କୁ ଧରି ଅଧିକାରୀମାନେ ନିଜର ମନୋବାଞ୍ଛା ପୂର୍ଣ୍ଣ କରୁଛନ୍ତି। ଏ ସବୁର ତଦନ୍ତ ହେଲେ ଟିଟିଏସ୍‌କୁ ଦୁଧିଆଳୀ ଗାଈ ଭାବିଥିବା ଅଧିକାରୀମାନେ ଧରାପଡ଼ିବେ ବୋଲି କୁହାଯାଉଛି।

ଆବର୍ଜନା ପରିଚାଳନା ପାଇଁ ବିଏମ୍‌ସି ସବୁଜ ବର୍ଜ୍ୟରୁ ଜାଳେଣି ଓ ମନ୍ଦିର ବର୍ଜ୍ୟରୁ ଧୂପକାଠି ପ୍ରସ୍ତୁତ କରିବା ପାଇଁ ପ୍ଲାଣ୍ଟ ବସାଇବାକୁ ଯାଉଛି। ଏଥିପାଇଁ ଟେଣ୍ଡର ଡାକିଛି। ଏଥିରେ ମଧ୍ୟ ମୋଟା ଅଙ୍କର ଅର୍ଥ କାରବାର ହେବ ବୋଲି ଅଭିଯୋଗ ହୋଇଛି। ଗୋଟିଏ ପଟେ ବିଏମଖ୍‌ସିରେ ଅର୍ଥ ନଥିବା କମିସନର ରାଜେଶ ପ୍ରଭାକର ପାଟିଲ କହୁଥିବା ବେଳେ ଏ ସବୁ ଅଯଥା ଖର୍ଚ୍ଚ ପାଇଁ ଅର୍ଥ କେଉଁଠୁ ଆସୁଛି ?

### ଫେଲ୍ ପିଲା ...

କରିଥିଲା ? ଆଉ କେତେଦିନ କ୍ଷମତାରେ ଥିଲେ ହରିଣ ଶିକାର କରିବାକୁ ସୁଯୋଗ ପାଇଥାନ୍ତା ? ସରକାରର ଅନ୍ତିମ ପର୍ଯ୍ୟାୟରେ ଭୋଟ ହାତେଇବାପାଇଁ ଶିକ୍ଷକ ନିଯୁକ୍ତି ସକାଶେ ଯେଉଁ ଉଦ୍ୟମ କରିଥିଲେ ସେଥିରେ ସଫଳ ହେଲେ ନାହିଁ । ବାସ୍ତବରେ ଶିକ୍ଷକ ନିଯୁକ୍ତି କରିବା ବିଜେଡିର ଲକ୍ଷ୍ୟନଥିଲା। ନିଯୁକ୍ତି ପ୍ରଚାର କରି ଭୋଟ ପାଇଁ ସେମାନେ ଉଦ୍ୟମ କରିଥିଲେ ବୋଲି ଅଭିଭାବକମାନେ ଖୋଲାଖୋଲି କହୁଛନ୍ତି।

ଅନ୍ୟ ପକ୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ନେବାକୁ ମଧ୍ୟ ବିଜେଡି ଏହି ଘଟଣାରେ ପଛାଇ ନାହିଁ । ରାଜ୍ୟ ସରକାର କାହିଁକି କେନ୍ଦ୍ରମନ୍ତ୍ରୀଙ୍କ ଡାକି ବାହାଦୂରୀ ନେବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ କରିଛି । ତେବେ ଶିକ୍ଷକ ନିଯକ୍ତି ରାଜ୍ୟର ବିଷୟ ହୋଇଥିବାବେଳେ କେନ୍ଦ୍ରମନ୍ତ୍ରୀଙ୍କୁ ଏହା ଭିତରକୁ ଟାଣି ବିଜେଡି ତାହାର ଭୟର ପରିଚୟ ଦେବାରେ ଲାଗିଛି । ବିଜେଡି ଭଲଭାବେ ଜାଣିଛି କେନ୍ଦ୍ର ସରକାରରେ ଧର୍ମେନ୍ଦ୍ରଙ୍କ ଦବ୍‌ଦବା ଥିବାବେଳେ ତାଙ୍କର ଓଡିଶା ଗସ୍ତ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଏବଂ ରାଜ୍ୟ ରାଜନୀତି ମଧ୍ୟ ହଲଚଲ୍ ହେଇଥାଏ । ତେଣୁ ବିଜେଡିନେତାମାନେ ନିଜର ଭୟକୁ ଭିତରେ ଚାପିରଖି ଧର୍ମେନ୍ଦ୍ରକୁ ଏହା ଭିତରକୁ ଟାଣିଥିବା କୁହାଯାଉଛି। ବିଜେଡିର ଦୁଇ ସାଂସଦ ବିଜେପିକୁ ଯିବାପରେ ବିଜେଡିର ଭୟ ବହୁଗୁଣରେ ବଢିଯାଇଛି।

ସେହିଭଳି ବିଜେଡି ଆଜି ଶିକ୍ଷକ ନିଯୁକ୍ତି ନେଇ ଯେଉଁ ଢଙ୍ଗରେ ନୂଆ ସରକାରଙ୍କୁ ସମାଲୋଚନା କରିଛି ତାହାକୁ ସବୁ ସ୍ତରରେ ନାପସନ୍ଦ କରାଯିବା ସହିତ ୨୫ବର୍ଷ ଧରି ମୁଖ୍ୟମନ୍ତ୍ରୀ ଥିବା ବିରୋଧିଦଳ ନେତା ନୀବନ ପଟ୍ଟନାୟକ ଏବେ ବି ନିଜକୁ ମୁଖ୍ୟମନ୍ତ୍ରୀ ଭାବୁଥିବା କହିଛନ୍ତି । କାରଣ ନବୀନ ଚାରିପାଖେ ଥିବା ଅଫିସରଗୋଷ୍ଠି ତାଙ୍କୁ ମୁଖ୍ୟମନ୍ତ୍ରୀର ପ୍ରହେଳିକା ଭିତରେ ରଖିଛନ୍ତି । ସେତେବେଳେ ଯେମିତି ବାଜା ବାଜୁଥିଲା, ନାଚ ହେଉଥିଲା, ହୁଳୁହୁଳି ପଡୁଥିଲା, ଫଟୋ ଉଠୁଥିଲା, ଭିଡିଓ ସୁଟିଂ ହେଉଥିଲା ଓ ସୁରକ୍ଷା ଅଧିକାରୀମାନେ ଠେଲାପେଲା କରୁଥିଲେ ଏବେ ବି ସେଭଳି ଆୟୋଜନ ହେଉଛି । ଏହାରି ଭିତରେ ରହିଥିବା ନବୀନଙ୍କ ନିର୍ଦ୍ଦେଶ କିମ୍ବା ଅନ୍ୟ କାହା ନିର୍ଦ୍ଦେଶରେ ଆଜି ଯେଭଳି ବିଜେଡି ଫେଲ ଛାତ୍ର ସାଜି ସବୁତକ ଦୋଷ ଶିକ୍ଷକ ମୋହନ ମୁଣ୍ଡରେ ଲଦିଛି ତାହା ଚର୍ଚ୍ଚାର ବିଷୟ ପାଲଟିଛି।

### ଆଇଆଇସିଙ୍କ ...

ଯାଇଥିଲେ ସିନା, କିନ୍ତୁ ଏ ଭୋଜି ପଛରେ ଜଣଙ୍କର ଥିଲା ମନ୍ଦ ଉଦ୍ଦେଶ୍ୟ। ଅଫିସରଙ୍କୁ ମଦ ମାଂସ ଦେଇ ସେଦିନ ନିଜେ ସାଦା ଖାଇଥିଲେ ତତ୍କାଳୀନ ଡିସିପିଙ୍କ ଯୋଗାଡ଼ିଆ ବୋଲାଉଥିବା ଏହି ଆଇଆଇଆସି ଜଣଙ୍କ। ସେତବେଳେ ଏ କଥା ଉଠାଇବାକୁ ଅଫିସର ଡରୁଥିଲେ। କାରଣ ସେ କୁଆଡେ ଆଇପିଏସ ଙ୍କ ଭାରି ପ୍ରିୟ। ହୁଅନ୍ତେନି ବା କେମିତି ? ଭୁବନେଶ୍ୱରରେ ଆଇନ ଶୃଙ୍ଖଳା ରକ୍ଷା କମ୍ କିନ୍ତୁ କଲେକ୍ସନ କରିବାରେ ମାହୀର ଥିଲେ ଏ ଇନ୍ସପେକ୍ଟର। ଏବେ ତାଙ୍କ ଗଡ଼ଫାଦର ନାହାନ୍ତି । ତେଣୁ ତାଙ୍କ ସହ ପଟୁନଥିବା ଅଫିସର ଏବେ ତାଙ୍କ ଗୁମର ଖୋଲିବା ଆରମ୍ଭ କରିଛନ୍ତି। ବିରଳ ବନ୍ୟଜନ୍ତୁ ମାଂସ ଖାଇବା ନେଇ କଥା ଜୋର ଧରିବା ପରେ ଡିଜିପିଙ୍କ କାନ କୁ ଏକଥା ନିଆଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ।

### ଡିଏମ୍‌ଏଫ୍ ସ୍କାମ୍‌ର...

ନିୟମରେ ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ବିଜଦ ଶାସନ କାଳରେ ନିମ୍ନମାନର କାର୍ଯ୍ୟ ବ୍ୟତୀତ ଅଣ ପ୍ରାଥମିକତା କ୍ଷେତ୍ରରେ ବହୁ ଅଂଶ ବ୍ୟବହୃତ ହୋଇଥିବା ଅଭିଯୋଗ ହୋଇଥିଲା।

### ଡିଜି ହେବ ...

ଯାଇ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ପୋଲିସ କନଷ୍ଟେବଲଙ୍କୁ ଏସସିବି ମେଡିକାଲରେ ଭେଟିବା ସହ ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ବିଭୁତି ନାୟକଙ୍କ ସହ ଉନ୍ନତମାନର ଚିକିତ୍ସା ପାଇଁ ଆଲୋଚନା କରିଛନ୍ତି ନିଜେ ଡିଜିପି।

# ପିଏମ୍ କିଷାନ ସମ୍ମାନନିଧି କିସ୍ତି ହସ୍ତାନ୍ତର

**ବ୍ରହ୍ମପୁର, ୫।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ଜିଲ୍ଲା ସ୍ତରୀୟ ପ୍ରଧାନ ମନ୍ତ୍ରୀ କିଶାନ ସମ୍ମାନନିଧି ଯୋଜନାର ୧୮ତମ କିସ୍ତିର ହସ୍ତାନ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ସମବେତ ଜିଲ୍ଲାର କୃଷକ ମାନଙ୍କ ସକାଶେ ଏକ ସମାବେଶ ହୋଇଥିଲା । ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପି ଏମ୍. କିଷାନନିଧି ଯୋଜନାର ୧୮ ତମ କିସ୍ତିର ହସ୍ତାନ୍ତର ହୋଇଛି। ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧିନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ହାରାହାରି ୧,୫୭,୬୧୧ କୃଷି ପରିବାରକୁ ୧୮ ତମ ସମ୍ମାନନିଧି ପ୍ରଦାନ ହୋଇଛି । ମହାରାଷ୍ଟ୍ର ରାଜ୍ୟର ୱାସିମ୍ ଠାରେ ଆୟୋଜିତ ଏକ ବିରାଟ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଭାସୀ ମାଧ୍ୟମରେ ଯୋଡିହୋଇ ଜଣାଇଥିଲେ ଯେ, କୃଷକ ମାନଙ୍କ ଆର୍ଥିକ ବିକାଶ କରି ସେମାନଙ୍କୁ ସଶକ୍ତ କରା ଯାଉଛି । ଏବେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। କୃଷକ ମାନଙ୍କ ବିକାଶ ନିମନ୍ତେ ସରକାର ସଂକଳ୍ପ ବଦ୍ଧ । କୃଷକଗଣ ବିକଶିତ ଭାରତର ଆଧାର । ଏହି ପର୍ଯ୍ୟାୟରେ ୯.୪୦ କୋଟି ଚାଷୀଙ୍କୁ ମିଳିବ ହାରାହାରି ୨୦ ହଜାର କୋଟି ଟଙ୍କାର ଆର୍ଥିକ ସହାୟତା । ଏହି ଅବସରରେ ଜିଲ୍ଲା ସ୍ତରୀୟ ଉତ୍ସବରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ନିଜ ବକ୍ତବ୍ୟରେ ଜଣାଇଥିଲେଯେ, ପି.ଏମ୍. କିଷାନ ସମ୍ମାନ ନିଧି ଯୋଜନା ଅନ୍ତର୍ଗତ ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାର ହାରାହାରି ୧,୫୭,୬୧୧ କୃଷି ପରିବାର ୧୮ତମ ସମ୍ମାନ ନିଧି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଯୋଜନା ଗତ ୦୨.୦୨.୨୦୧୯ ମସିହା ଠାରୁ ଚାଲୁ ରହିଛି । ଏଥିରେ କୃଷି ଓ କୃଷକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆର୍ଥିକ ସହାୟତା ଦିଆ ଯାଉଛି। ଏହି ଯୋଜନାରେ ଡିବିଟି ମାଧ୍ୟମରେ ସିଧା ସଳଖ ଚାଷୀର ବ୍ୟାଙ୍କ ଖାତାରେ ଦିଆ ଯାଉଛି। ନୂଆଖାଇ ଦିନ ଠାରୁ ସାଚୁରେଶନ୍ ଡ୍ରାଇଭ୍ ଚାଲିଛି । ଯେଉଁଠି ବାଦ୍ ପଡିଥିବା ଚାଷୀଙ୍କୁ ଆବଶ୍ୟକୀୟ କାର୍ଯ୍ୟକଳାପ ସଂପାଦନ କରାଇ ପି.ଏମ୍ କିଷାନ ରେ ଅନ୍ତର୍ଭୁକ୍ତ କରାଯାଉଛି । ଏହି ଯୋଜନାରେ କେବଳ କ୍ଷୁଦ୍ର ନାମମାତ୍ର ଚାଷୀ ନୁହଁ, ମଧ୍ୟମ ଏବଂ ବୃହତ୍ ଚାଷୀ ମଧ୍ୟ ଲାଭ ନେଇ ପାରିବେ । ତେଣୁ ଆମେ ଏହି ଯୋଜନା ସମ୍ପର୍କରେ ନିଜେ ଜାଣିବା ଓ ଜଣାଇବାକୁ ଚେଷ୍ଟା କରିବା । ଏହା ଦ୍ୱାରା ଆମେ ସଶକ୍ତ ଏବଂ ସମୃଦ୍ଧ ହୋଇ ପାରିବା । ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମଧୁମିତା ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ଯ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ତଥା ବରିଷ୍ଠ ବିଜ୍ଞାନୀ ଡଃ ସୁଜିତ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍ୟାନ କୃଷି ନିର୍ଦ୍ଦେଶକ ଡଃ କନ୍ଦ ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଏବଂ ଲିଡ୍ ବ୍ୟାଙ୍କ ପରିଚାଳକ ହିମାଞ୍ଚଳ ସାହୁ ମଞ୍ଚାସୀନ ଥିବା ବେଳେ କୃଷି ବିଭାଗୀୟ ଅଧିକାରୀ, ଜିଲ୍ଲାର କୃଷକଗଣ ଉପସ୍ଥିତ ଥିଲେ ।

### ମାଣ୍ଡିଆ ଯୋଗାଇବା ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଜନ ପ୍ରତିନିଧି

# ମାଣ୍ଡିଆ ପାଇଁ ସିଙ୍ଗାରାପଲ୍ଲୀରେ ଉଠିଲା ଠେଙ୍ଗା

**ନୟାଗଡ଼, ୫।୧୦ (ସଂଚାର ବ୍ୟୁରୋ):** ମାଣ୍ଡିଆ ବଣ୍ଟନକୁ ନେଇ ଉଠିଲାଣି ଠେଙ୍ଗା । ନାହିଁ ନଥିବା ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି କର୍ମଚାରୀ ଓ ସ୍ଥାନୀୟ ନେତା । ଅଳପ ଧନକୁ ବିକଳ ମନ ସଦୃଶ । କାହାକୁ ଦେବେ କାହାକୁ ନଦେବେ ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନବାଚୀ ।



ରାଜ୍ୟ ସରକାର ହିତାଧିକାରୀ ମାନଙ୍କୁ ଦୁଇ ମାସର ମାଣ୍ଡିଆ ଦେବା ପାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ହୋଇଛି । ତେବେ ରାଜ୍ୟ ଯୋଗାଣ ବିଭାଗ ମାଣ୍ଡିଆ କମ୍ ଥିବାରୁ ନୟାଗଡ଼ ଜିଲ୍ଲାର ନୟାଗଡ଼, ନୂଆଗାଁ ବ୍ଲକର ପ୍ରତ୍ୟେକ ପଞ୍ଚାୟତ ଗୁଡିକୁ ୬୪% ମାଣ୍ଡିଆ ଯୋଗାଇ ଦେଇଥିବା ବେଳେ ଆହୁରି ୩୬% ବକେୟା ରଖିଛନ୍ତି । ସେପଟେ ଅକ୍ଟୋବର ୧୦ ତାରିଖ ଭିତରେ ଶତ ପ୍ରତିଶତ ମଣ୍ଡିଆ ହିତାଧିକାରୀ ମାନଙ୍କୁ ଯୋଗାଇ ଦେବାକୁ ନିର୍ଦ୍ଦେଶ ହେଇଛି । କିନ୍ତୁ ମାଣ୍ଡିଆ ଯୋଗାଣ କମ ଥିବାରୁ ପଞ୍ଚାୟତ କର୍ମଚାରୀ ଓ ସ୍ଥାନୀୟ ସରପଞ୍ଚ ସମିତି ସଭ୍ୟାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି ଶୁକ୍ରବାର ଦିନ ନୂଆଗାଁ ବ୍ଲକ ଅନ୍ତର୍ଗତ ସିଙ୍ଗାରପଲ୍ଲୀ ପଞ୍ଚାୟତ ମାଣ୍ଡିଆ ବଣ୍ଟନ ହେଉଥିବା ହିତାଧିକାରୀମାନେ ମୁଁ ଆଗ ନେବି, ପଛକୁ ରହିଲେ ମୁଁ ପାଇବି ନାହିଁ କହି ହିତାଧିକାରୀ ମାନଙ୍କ ମଧ୍ୟରେ କଥା କଟା କାଟି ହୋଇଥିଲେ। ହିତାଧିକାରୀ ମାନଙ୍କ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ଯାହାକୁ ନେଇ ଠେଙ୍ଗା ଉଠିଥିଲା । ଯାହାଫଳରେ ପଞ୍ଚାୟତ କର୍ମଚାରୀ ଗଣ୍ଡଗୋଳକୁ ଏଡାଇବା ପାଇଁ ମାଣ୍ଡିଆ ବଣ୍ଟନ ବନ୍ଦ କରିଥିଲେ । ତେଣୁ ଶତ ପ୍ରତିଶତ ମାଣ୍ଡିଆ ମିଳିବା ପରେ ବଣ୍ଟନ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି । ସେହିପରି ଭାବେ ନୟାଗଡ଼ ବ୍ଲକର ସମସ୍ତ ଜିଲ୍ଲା ପରିଷଦ, ସରପଞ୍ଚ ଓ ସମିତି ସଭ୍ୟ ମାନେ ଆଜି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଭେଟି ମାଣ୍ଡିଆ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି।

ନୟାଗଡ଼ ବ୍ଲକର ସମସ୍ତ ପଞ୍ଚାୟତକୁ ୬୪% ମାଣ୍ଡିଆ ଯୋଗାଇ ଦିଆଯାଇଛି । ଏହା ଦ୍ୱାରା ସମସ୍ତ କାର୍ଡ ଧାରୀଙ୍କୁ ବଣ୍ଟନ କରିବା ପାଇଁ ଅସୁବିଧା ଦେଖାଯାଇଛି । ୬୪% ମାଣ୍ଡିଆ ପ୍ରଦାନ କରାଗଲେ ଲୋକ ମାନଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହେବ । ଏଥି ନିମନ୍ତେ ଜନ ପ୍ରତିନିଧି ମାନେ ଜିଲ୍ଲାପାଳଙ୍କୁ ଭେଟି ଆଉ ୩୬% ମାଣ୍ଡିଆ ପ୍ରଦାନ କରାଗଲେ ସମସ୍ତ କାର୍ଡ ଧାରୀ ସୁଚାରୁ ରୁପେ ପାଇ ପାରିବେ । ଆଜି ଏ ସମ୍ବନ୍ଧରେ ଜିଲ୍ଲାପାଳଙ୍କୁ ଭେଟିଛନ୍ତି ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସୁବାଷ ଚନ୍ଦ୍ର କଅଁର, ସରୋଜ କୁମାର ରଣସିଂ, ସରପଞ୍ଚ ନିରଞ୍ଜନ ବିଧାର, ମନୋଜ କୁମାର ନାୟକ, ଲକ୍ଷ୍ମୀଧର ମହାପାତ୍ର, ସଦାଶିବ ନାୟକ, ପ୍ରଶାନ୍ତ କୁମାର ପ୍ରଧାନ ଓ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ।

# ସ୍ୱଚ୍ଛ ଭାରତ ମିଶନ ଅଧିକାରୀଙ୍କ ଚେୟାର ଫାଙ୍କା

**ପାଟଣାଗଡ, ୫।୧୦ (ସଂଚାର ବ୍ୟୁରୋ):** ସରକାର ଯୋଗ୍ୟ ହିତାଧିକାରୀ ମାନଙ୍କ ପାଇଁ ଶୌଚାଳୟ ତିଆରି କରିବାକୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଅନୁଦାନ ରାଶି ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ହିତାଧିକାରୀମାନେ ଆବେଦନ କରି ବର୍ଷ ବର୍ଷ ଧରି ଅପେଖ୍ୟା କରିବାକୁ ପଡୁଛି । ସ୍ୱଚ୍ଛ ଭାରତ ମିଶନ ବିଭାଗର ଅଧିକାରୀମାନେ ତାଙ୍କ କାର୍ଯ୍ୟାଳୟରେ ବସୁନଥିବାରୁ ହିତାଧିକାରୀମାନେ ବୁଝିବାକୁ ଗଲେ ନିରାଶ ହୋଇ ଫେରି ଯାଉଛନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ଥିବା ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀଙ୍କ କ୍ଷେତ୍ରରେ । ମହାଶୟ ତାଙ୍କ କାର୍ଯ୍ୟାଳୟରେ କେତେବେଳେ ବସୁଛନ୍ତି ହିତାଧିକାରୀମାନେ ଜାଣି ପାରୁନାହାନ୍ତି । କାର୍ଯ୍ୟାଳୟ ସମୟରେ ଭେଟିବାକୁ ଗଲେ ମହାଶୟଙ୍କୁ ଭେଟିବା କାଠିକାର ପାଠ । ଫୋନ ମାଧ୍ୟମରେ ଯୋଗାଯୋଗ କଲେ ଉତ୍ତର ମିଳେ ଫିଲଡ଼ କାର୍ଯ୍ୟରେ ଅଛି । ପ୍ରତ୍ୟେକ ଦିନ ତାଙ୍କ ବାହାରେ କାର୍ଯ୍ୟ। ଏଠି ପ୍ରଶ୍ନ ଉଠୁଛି ଖପ୍ରାଖୋଲରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟାଳୟ ଖୋଲା ଯାଇଛି କାହା ପାଇଁ? ଜିଲ୍ଲା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଅଙ୍ଗନୱାଡିରେ ଅବ୍ୟବସ୍ଥା ନେଇ ଉତ୍ତେଜନା

### ଶିକ୍ଷୟିତ୍ରୀଙ୍କ ବହିଷ୍କାର ଦାବି

**ବୈଶିଙ୍ଗା, ୫।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଅଙ୍ଗନୱାଡି ଯୋଜନାରେ ପ୍ରତି ଗ୍ରାମରେ ୫ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ପାଠ ପଢାଇବା, ସୁଷମ ଖାଦ୍ୟ ଦେବା, ଗର୍ଭବତୀ ମହିଳାଙ୍କୁ ଗର୍ଭ ଧାରଣ ଠାରୁ ୫ବର୍ଷ ପର୍ଯ୍ୟନ୍ତ ପୁଷ୍ଟିସାର ଖାଦ୍ୟ ଦେବା ଏବଂ ଶିଶୁ ଜନ୍ମ ପରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆଦି ବିଭିନ୍ନ କାର୍ଯ୍ୟ କରାଯାଇଥାଏ। ମାତ୍ର ବହୁତ ଅଙ୍ଗନବାଡ଼ି କେନ୍ଦ୍ରରେ ଏହାର ବିଲକ୍ଷଣ ହେଉଥିବାର ବାରମ୍ବାର ଅଭିଯୋଗ ଆସୁଛି। ଆଜି ଏଭଳି ଏକ ଘଟଣା ଘଟିଛି ବୈଶିଙ୍ଗା ଥାନା ଅଧିନ ନତପୁର ପଞ୍ଚାୟତର ଟିକର ଗଡିଆ ଅଙ୍ଗନବାଡ଼ି କେନ୍ଦ୍ରରେ ।



ଏହି କେନ୍ଦ୍ରର ଶିକ୍ଷୟିତ୍ରୀ ଶ୍ରାବଣୀ ମୁର୍ମୁ ପ୍ରତି ମାସରେ ପିଲା ସଂଖ୍ୟା ଅନୁସାରେ କମ୍ ଅଣ୍ଡା ଏବଂ ଅଳ୍ପ ଚାଉଳରେ ଭାତ ରାନ୍ଧି ଖାଇବାକୁ ଦିଅନ୍ତି। ପେଟ ନପୁରିଲେ ଘରେ ଯାଇ ପିଲା ଖାଆନ୍ତି। ପିଲାଙ୍କ ପାଇଁ ଡ୍ରେସ ଆସିଲେ ଦିଅନ୍ତି ନାହିଁ ବୋଲି ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଗତବର୍ଷ ଏହି ଘଟଣାକୁ ନେଇ ସିଡିପିଓ, ସରପଞ୍ଚ, ସୁପରଭାଇଜର ଏବଂ ଗ୍ରାମବାସୀଙ୍କୁ ନେଇ ଏକ ସମାଧାନର ବୈଠକ ବସିଥିଲା। ପରବର୍ତ୍ତୀ ସମୟରେ ଖିଲାପି ହେଲେ ନିଜେ ଚାକିରିରୁ ଇସ୍ତଫା ଦେଇ ଦେବେ ବୋଲି ଶ୍ରାବଣୀ ମୁର୍ମୁ ଲେଖି ଦେଇଥିଲେ। ପୁଣି ଠିକ୍ ବର୍ଷେ ପରେ କିଛି ନ ଜଣାଇ ୨୫ ଦିନ ଧରି କେନ୍ଦ୍ର ବନ୍ଦ ରଖିବା ପ୍ରତିବାଦରେ ଆଜି ସକାଳେ ଗ୍ରାମବାସୀମାନେ କେନ୍ଦ୍ରରେ ତାଲା ପକାଇ ସିଡିପିଓଙ୍କୁ ଖବର ଦେଇଥିଲେ। ଖବର ପାଇ ସୁପରଭାଇଜର ସୁଭଦ୍ରା ଦଳେଇ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଶିକ୍ଷୟିତ୍ରୀଙ୍କ ବହିଷ୍କାର ପାଇଁ ଗ୍ରାମବାସୀମାନେ ଅଡି ବସିଥିଲେ। ସରପଞ୍ଚ ଜୟନ୍ତ ସିଂଙ୍କୁ ଯୋଗାଯୋଗ କରିବା ପରେ ସେ ଅଡିଟ୍ ପାଇଁ ବ୍ୟସ୍ତ ଅଛନ୍ତି ପରେ ଯାଇ ସମାଧାନ କରିଦେବାର ପ୍ରତିଶୃତି ଦେଇଥିଲେ। ସିଡିପିଓ ପାନବତୀ ମୁର୍ମୁଙ୍କୁ ଯୋଗାଯୋଗ କରାଯିବାରେ ସେ କହିଲେ ସୁପରଭାଇଜର ଫେରିଲେ ମୁଁ ଘଟଣାର ଅବଗତ ହେବା ପରେ ପ୍ରକୃତ ନ୍ୟାୟ ଦେବା ସହିତ ସମାଧାନର ବ୍ୟବସ୍ଥା କରିବି।

# ନବରଙ୍ଗପୁର ଏସ୍‌ପି ଭାବେ ଦାୟିତ୍ୱ ନେଲେ ମିହିର କୁମାର ପଣ୍ଡା



**ନବରଙ୍ଗପୁର, ୫।୧୦ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲାର ନୂତନ ଏସ୍‌ପି ଭାବେ ମିହିର କୁମାର ପଣ୍ଡା ଯୋଗଦାନ କରିଛନ୍ତି। ଡିପିଓର ସମ୍ମିଳନୀ କକ୍ଷରେ ଗଣମାଧ୍ୟମ ସହ ଆଲୋଚନା ଅବସରରେ ଜିଲ୍ଲାକୁ ଅପରାଧ ମୁକ୍ତ କରିବା ପାଇଁ ପ୍ରାଥମିକତା ଦେବେ ବୋଲି କହିଥିଲେ। ଜିଲ୍ଲାରେ ମହିଳା, ଶିଶୁମାନଙ୍କ ସମେତ ପ୍ରତ୍ୟେକ ନାଗରିକ ମାନଙ୍କ ସୁରକ୍ଷା ପାଇଁ ପୋଲିସ କାର୍ଯ୍ୟ କରିବ ବୋଲି ସେ କହିଥିଲେ। ସାଧାରଣ ଲୋକ ଓ ପୋଲିସ ମଧ୍ୟରେ ଯେଉଁ ଦୂରତା ରଖିବା ପରିବର୍ତ୍ତେ ନିକଟତର ହେବ ପୋଲିସ। ଜିଲ୍ଲାରେ ଘଟୁଥିବା ଯେ କୌଣସି ଅପରାଧ ଘଟଣାକୁ ଏସ୍‌ପିଙ୍କ ନଜରକୁ ଆଣିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସହରରେ ଅଧିକାଂଶ ସିସି କ୍ୟାମେରା ଅଚଳ ସମସ୍ୟା, ଜୁଆ ଖେଳ, କୁକୁଡ଼ା ଗାଲି ଖେଳ, ବେଆଇନ ଗଞ୍ଜେଇ ଚାଲାଣ ଆଦି ସମସ୍ୟା ସଂପର୍କରେ ଗଣମାଧ୍ୟମ ସହ ଆଲୋଚନା କରି ଏ ସମସ୍ୟା ପ୍ରତି ଦୃଷ୍ଟି ଦେବେ ବୋଲି ଏସ୍‌ପି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଡିସନାଲ ଏସପି ବଚ୍ଚ କୃଷ୍ଣ ମିଶ୍ର, ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ ବେହେରା, ଜିଲ୍ଲାସ୍ତରୀୟ ପ୍ରିଣ୍ଟ ଓ ଇଲୋକ୍ଟ୍ରୋନିକ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ।

# ମା' କୁଞ୍ଜେଶ୍ୱରୀ ୭ ଦିନଧରି କାଠି ଦିଅଁରୁପେ ପୂଜା ପାଆନ୍ତି

**କଣାସ,୫।୧୦ (ସଂଚାର ବ୍ୟୁରୋ):** କଣାସ ବ୍ଲକର କଣାସ ଗ୍ରାମରେ ପ୍ରତିଷ୍ଠିତ ମା କୁଞ୍ଜେଶ୍ୱରୀ ଷୋଳପୂଜାରେ ସାତ ଦିନ ଧରି କାଠି ଦିଅଁରୁପେ ପୂଜା ପାଇବା ସହିତ ଗାଁ କୁ ଗାଁ ବୁଲି ଦ୍ୱାର ଭୋଗ ଖାଇଥାନ୍ତି। ଖବର ନେବାରେ ଜଣାପଡ଼ିଛି ଦ୍ୱିତୀୟା ଦିନ ବାଲିପାଟଣା ଗ୍ରାମରୁ ଜଣେ ନିର୍ଦ୍ଦିଷ୍ଟ ପରିବାରରୁ ଉକ୍ତ ବାଉଁଶକୁ ମା'ଙ୍କ ପୂଜକମାନେ ମନ୍ଦିରରୁ ଆଜ୍ଞାମାଳ ନେଇ ଘଣ୍ଟଧ୍ୱନି ମଧ୍ୟରେ ଉକ୍ତ ପରିବାର ନିକଟରେ ପହଁଚି ବାଉଁଶୁ ପ୍ରଥମେ ସ୍ନାନ କରାଇ ଫୁଲ ଚନ୍ଦନ ଦେବା ସହିତ ଆଜ୍ଞାମାଳ ପିନ୍ଧେଇ ବାଉଁଶଟିକୁ ମନ୍ଦିରକୁ ନେଇ ଆସିଥାନ୍ତି। ମନ୍ଦିରରେ ମାପ ଅନୁଯାୟୀ ବାଉଁଟିକୁ କଟାଯାଇଥାଏ। ମାଁଙ୍କ ସମସ୍ତ ବସ୍ତ୍ର ବାଉଁଶଟିରେ ପିନ୍ଧେଇଇ ଦିଆଯାଇ କଳସଟିକୁ ମୁଣ୍ଡରେ ଲଗାଇ ଦିଆଯାଇଥାଏ। ଦ୍ୱିତୀୟା, ତୃତୀୟା ଓଚତିର୍ଥୀ ତିନିଦିନ ଧରି କାଠି ଦିଅଁକୁ ମନ୍ଦିର ଚାରିପଟେ ପରିକ୍ରମା କରାଯାଇଥିବା ପରେ ପଞ୍ଚମୀ, ଷଷ୍ଠୀ, ସପ୍ତମୀ ଏବଂ ଅଷ୍ଟମୀ ଚାରି ଦିନ ଧରି ସେବାୟତମାନେ ୧୮ଖଣ୍ଡ ଗ୍ରାମ ବାଦ୍ୟ ଓ ଘଣ୍ଟ ଧ୍ୱନି ମଧ୍ୟରେ ବୁଲାଇ ଦୁଆରୀ ଭୋଗ ଖୁଆଇ ମନ୍ଦିରକୁ ଫେରି ଆସିଥାନ୍ତି। ମା ବର୍ଷକ ବାର ମାସ ମଧ୍ୟରୁ ସାତ ଦିନ କାଠି ଦିଅଁ ଭାବେ ପୂଜା ପାଇବା ପରମ୍ପରା ରହିଛି।



### ଉପାନ୍ତର ପ୍ରତିଭାକୁ ମହକାଉଛି ସୁରଭି

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ

**ନୂଆପଡ଼ା, ୫।୧୦ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ସମସ୍ତ ୧୬ଗୋଟି କ୍ଲଷ୍ଟରର ଛାତ୍ରଛାତ୍ରୀଙ୍କୁ ନେଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଏଥିରେ ସୀମାବର୍ତ୍ତୀ ନଙ୍ଗଲବୋଡ଼, ଘାଟମାଲ, କୁସୁମଯୋର, ପଡିଆଲପଡ଼ା, ଗୋର୍ଲା, ଭରୁଆମୁଣ୍ଡା ସହ ଅନ୍ୟ ସବୁ କ୍ଲଷ୍ଟରରୁ ଶତାଧିକ ଶିଶୁ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଅତିଥିମାନେ ଯୋଗଦେଇ ଉପାନ୍ତର ପ୍ରତିଭାକୁ ବିକଶିତ କରିବାରେ ସୁରଭି ଏକ ଶ୍ରେଷ୍ଠ ମାଧ୍ୟମ ସାଜିଥିବା ମତବ୍ୟକ୍ତ କରିଥିଲେ।




ଏବିଇଓ ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ବିଡ଼ିଓ ଅବିନାଶ ଲାକ୍ରା ଓ ସମ୍ମାନିତ ଅତିଥି ରୂପେ ବିଇଓ ଯତୀନ୍ଦ୍ର କୁମାର ସେଠ, ସମିତି ସଭ୍ୟ ମନିଷ ପଟେଲ ଓ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝୀ ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ମହେଶ୍ୱର ଗୁଆଲ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ପରେଶନାଥ ପାଣିଗ୍ରାହୀ ମଂଚ ପରିଚାଳନା କରିଥିଲେ । ଲଳିତ କୁମାର ସୁନାରୀ ସ୍ୱାଗତ ବକ୍ତବ୍ୟ ଦେଇଥିବା ବେଳେ ଲୋଚନ ମେହେର ଧନ୍ୟବାଦ ଦେଇଥିଲେ । ସେହିଭଳି ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବରେ ସାହିତ୍ୟିକ ଲଳିତ କୁମାର ସୁନାରୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟା ଯାଜ୍ଞସେନୀ କଟା, ପୁଷ୍ପାଞ୍ଜଳି ଗୁଆଲ, ଏବିଇଓ ପ୍ରଦୀପ କୁମାର ପଣ୍ଡା, ଡବ୍ଲୁଓଡିସି ସଦସ୍ୟା ମନ୍ଦାକିନୀ ବଘେଲ ଓ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝୀ ଉପସ୍ଥିତ ଥିଲେ । ଉଦଯାପନୀ ସଭାରେ ବୈଷ୍ଣବ ମେହେର ଅତିଥିଙ୍କୁ ମଂଚକୁ ଆମଂତ୍ରଣ କରିବା ସହ ପରିଚୟ ପ୍ରଦାନ କରିଥିବା ବେଳେ ମହେଶ୍ୱର ଗୁଆଲ ମଂଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ଥିଲା । ଶେଷରେ ସିଆରସିସି ଖଗେଶ୍ୱର ନିଆଲ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ସମସ୍ତ ସିଆରସିସି, ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ, ବିଇଓ ଅଫିସ୍ କର୍ମଚାରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ଶାରଳା ମନ୍ଦିରରେ ଘିଅର ନମୁନା ନେଲେ ଫୁଡ୍ ଇନ୍ସପେକ୍ଟର

**ଜଗତସିଂହପୁର, ୫।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ପୀଠରେ ଆରମ୍ଭ ହୋଇଛି ପାର୍ବଣ ପୂଜା। ଦୈନନ୍ଦିନ ଏଠାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ତେବେ ମା'ଙ୍କ ନିକଟରେ ହେଉଥିବା ନୀତିକାନ୍ତିକୁ ନେଇ ବଡ଼ ବୟାନ ରଖିଛନ୍ତି ମନ୍ଦିରର ବଡ଼ପଣ୍ଡାମାନେ। ମା'ଙ୍କର ବାଟିବାଟି ସମ୍ପତ୍ତି ଥିବା ବେଳେ କିଣା ଚାଉଳରେ ରୋଷେଇ ହେଉଛି । ମା'ଙ୍କ ନୀତିକାନ୍ତି ପାଇଁ ବ୍ୟବହୃତ ହେଉଥିବା ଘିଅ ଅତି ନିମ୍ନମାନର ବୋଲି ସେ ଅଭିଯୋଗ କରିଛନ୍ତି । ମନ୍ଦିର କର୍ତ୍ତୃପକ୍ଷ ଏହି ଘିଅ ଓମଫେଡରୁ ଆଣୁଥିବା କଥା ବଡପଣ୍ଡାଙ୍କୁ କହିଥିବା ବେଳେ ତାହାର କ୍ୱାଲିଟି ଠିକ ନୁହେଁ ଓ ଅତି ନିମ୍ନମାନର ବୋଲି ଅଭିଯୋଗ କରିଥିଲେ ବଡ଼ପଣ୍ଡା ରଞ୍ଜନ ପଣ୍ଡା। ଏ ବାବଦରେରେ ଖବର ପ୍ରସାରଣ କିଛି ସମୟରେ ପରେ ଜଗତସିଂହପୁର ଫୁଡ଼ ଇନ୍ସପେକ୍ଟର ସମିତା ଦାଶ ମନ୍ଦିରରେ ପହଞ୍ଚି ତଦନ୍ତ କରିବା ସହ ମାନ ପରୀକ୍ଷା ନିମନ୍ତେ ଘିଅର ସାମ୍ପୁଲ ସଂଗ୍ରହ କରି ନେଇଛନ୍ତି ।



ଶାରଳା ମନ୍ଦିରରେ ରୋଷେଇ ତଥା ବିଭିନ୍ନ ପିଠା ପ୍ରସ୍ତୁତିରେ ବ୍ୟବହାର ହେଉଥିବା ଘିଅରୁ ଦୁର୍ଗନ୍ଧ ବାହାରୁ ଥିବା ସହ ଏହା ନିମ୍ନ ମାନର ବୋଲି ଶ୍ରଦ୍ଧାଳୁ ମାନେ ଅଭିଯୋଗ କରିଥିଲେ । ଏ ବାବଦରେ ଖୋଦ ମନ୍ଦିରର ଭଣ୍ଡାର ଦାୟିତ୍ୱରେ ଥିବା ଭଣ୍ଡାର ସେବକ ମୁରଲୀଧର ପଣ୍ଡା ଓ ମନ୍ଦିରର ନିର୍ବାହୀ ଅଧିକାରୀ ପ୍ରତାପ ଜେନା ମଧ୍ୟ ଘିଅକୁ ନେଇ ଆପତ୍ତି ଉଠାଇଛନ୍ତି। ପାର୍ବଣ ସମୟରେ ସ୍ୱତନ୍ତ୍ର ମଣ୍ଡା ପିଠା ଭୋଗ ପାଇଁ ବହୁ ଦୁରାନ୍ତରରୁ ଶ୍ରଦ୍ଧାଳୁମାନେ ଆସୁଥିବା ବେଳେ ଏହି ଦୁର୍ଗନ୍ଧ ଘିଅରେ ଭୋଗ ଲାଗି ହେଲେ ଶ୍ରଦ୍ଧାଳୁଙ୍କ ଭିତରେ ଅସନ୍ତୋଷ ବଢିବ । ଆଜି ମହାଷ୍ଟମୀ ମଣ୍ଡା ଭୋଗ ପାଇଁ ଲମ୍ବା ଧାଡ଼ିରେ ଶ୍ରଦ୍ଧାଳୁମାନେ ଗୋଟିଏ ମଣ୍ଡାକୁ ୧୦୦ ଟଙ୍କା ଦେଇ ଟିକେଟ କାଟୁଥିବା ଦେଖାଯାଇଛି । ଜିଲ୍ଲା ପ୍ରଶାସନ ଏଥି ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ଅଭିଯୋଗ କରିଛନ୍ତି ଶ୍ରଦ୍ଧାଳୁ ।

ଏ ବାବଦରେ ଅଭିଯୋଗ ପାଇବା ପରେ ଜଗତସିଂହପୁର ଫୁଡ଼ ଇନ୍ସପେକ୍ଟର ସମିତା ଦାଶ, ତିର୍ତୋଲ ତହସିଲଦାର ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଦନ୍ତରେ ସାମିଲ ରହି ମନ୍ଦିରରେ ପହଞ୍ଚି ଭଣ୍ଡାର ଘର ଯାଞ୍ଚ କରିବା ସହ ଘିଅ ମାନ ପରୀକ୍ଷା ନିମନ୍ତେ ସାମ୍ପୁଲ ସଂଗ୍ରହ କରି ନେଇଛନ୍ତି। ମନ୍ଦିର କର୍ତ୍ତୃପକ୍ଷ କହିବା ଅନୁସାରେ ତିର୍ତୋଲ ବ୍ଲକର ନୂଆପଡା ଠାରେ ଥିବା ଓମଫେଡ ଠାରୁ ପ୍ରତିଥର ଭଳି ମନ୍ଦିର ପାଇଁ ଘିଅ ଆସିଥାଏ। ଗତ ସେପ୍ଟେମ୍ବର ୯ ତାରିଖରେ ମା'ଙ୍କ ଶାରଦୀୟ ଦୁର୍ଗାପୂଜା ପାଇଁ ନୂଆପଡା ଓମଫେଡରୁ ଏକା ସଙ୍ଗରେ ୧୫ ଲିଟର ବିଶିଷ୍ଟ ୨୮ ଟିଣ ଘିଅ କିଣାଯାଇଛି । ପ୍ରତ୍ୟେକ ଘିଅ ଟିଣର ଦାମ ୮୩୬୬.୯୨ ଟଙ୍କା ହିସାବରେ ମୋଟ ୨୮ଟିଣ ପାଇଁ ମୋଟ ୨ଲକ୍ଷ ୬୨ ହଜାର ୩୮୬.୬୧ଟଙ୍କା ଓମଫେଡକୁ ଶାରଳା ମନ୍ଦିର ପକ୍ଷରୁ ପ୍ରଦାନ କରାଯାଇଛି । ତେବେ ଫୁଡ଼ ଇନ୍ସପେକ୍ଟର ସମିତା ଦାସ କହିଛନ୍ତି ଏହି ସାମ୍ପୁଲ ଲ୍ୟାବ୍‌କୁ ପଠାଯିବ। ଲ୍ୟାବରୁ ୧୫ଦିନ ପରେ ରିପୋର୍ଟ ଆସିବା ପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେବା ସହ ଘିଅ ର ମାନ ଯାଞ୍ଚ ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି ।

# କ୍ରିକେଟ ତାରକାଙ୍କୁ ସମ୍ବର୍ଦ୍ଧିତ କଲା ଡାଲମିଆ ସିମେଣ୍ଟ

**ରାଜଗାଙ୍ଗପୁର, ୫।୧୦ (ସଂଚାର ବ୍ୟୁରୋ):** ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ୍) ଜଣେ ଯୁବ କ୍ରିକେଟ ତାରକା ତଥା ଡାଲମିଆ ସିମେଣ୍ଟର କର୍ମଚାରୀ ଅଭିଷେକ ଶୁକ୍ଲାଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଶାରୀରିକ ଭିନ୍ନକ୍ଷମଙ୍କ ନିମନ୍ତେ ରହିଥିବା ଓଡ଼ିଶା କ୍ରିକେଟ ଦଳରେ ଉଲ୍ଲେଖନୀୟ ସଫଳତା ହାସଲ ନିମନ୍ତେ ସମ୍ବର୍ଦ୍ଧିତ କରି ନିଜକୁ ଗୌରବାନ୍ୱିତ ମନେ କରୁଛି। ରାଜଗାଙ୍ଗପୁର ବାସିନ୍ଦା ଅଭିଷେକଙ୍କ ଜନ୍ମ ସମୟରେ ତାଙ୍କର ବାମ ହାତ ଖଣ୍ଡିତ ଥିଲା ଏବଂ ସେ କ୍ରୀଡା ପ୍ରତି ନିଜର ଗଭୀର ଏକାଗ୍ରତା ଏବଂ ଆଗ୍ରହ ଜରିଆରେ ଭିନ୍ନକ୍ଷମ ସ୍ଥିତିର ଉର୍ଦ୍ଧ୍ୱକୁ ଉଠିପାରିଛନ୍ତି । ବିଗତ ବର୍ଷଗୁଡିକରେ ସେ ଏକାଧିକ ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି, ଯେଉଁଥିରେ ଭାରତ ବନାମ ବାଂଲାଦେଶ ଭିନ୍ନକ୍ଷମ କ୍ରିକେଟ ସିରିଜ ଅନ୍ତର୍ଭୁକ୍ତ, ଯେଉଁ ସିରିଜରେ ସେ ଶ୍ରେଷ୍ଠ ବୋଲର ପୁରସ୍କାର ହାସଲ କରିଥିଲେ । ତାଙ୍କ ସଫଳତା ପାଇଁ ତାଙ୍କୁ ବିସିସିଆଇ ସମର୍ଥିତ ଭାରତର ଭିନ୍ନକ୍ଷମ କ୍ରିକେଟ ପରିଷଦ (ଡିସିସିଆଇ) ସମ୍ମାନିତ କରିଛି। ଅଭିଷେକ ଶୁକ୍ଲା ୧୫ ଅକ୍ଟୋବରରୁ ୨୬ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁରରେ ହେବାକୁ ଯାଉଥିବା ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି ।




ତାଙ୍କର ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି ଜଣାଇ ଶ୍ରୀ ଚେତନ ଶ୍ରୀବାସ୍ତବ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ ଏବଂ ୟୁନିଟ ହେଡ୍, ରାଜଗାଙ୍ଗପୁର, ଅଭିଷେକଙ୍କୁ ୩୫,୦୦୦ ଟଙ୍କାର ଏକ ଚେକ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ଡ.ନିଳାଦ୍ରୀ ଭୂଷଣ ପାଢୀ, ଡେପୁଟି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍, ୟୁନିଟ ଏଚଆର ହେଡ୍ ଏବଂ ଆର ଆଣ୍ଡ୍ ଆର ଟିମ୍ ଉପସ୍ଥିତ ରହିଥିଲେ ।ଅଭିଷେକଙ୍କର କ୍ରିକେଟ କ୍ୟାରିୟର ୧୬ ବର୍ଷ ତଳେ ରାଜଗାଙ୍ଗପୁରରେ କ୍ଲବ ମ୍ୟାଚ୍‌ଗୁଡିକ ସହିତ ଆରମ୍ଭ ହୋଇଥିଲା, ଯାହା କ୍ରମଶଃ ଓଡ଼ିଶାରେ ରାଜ୍ୟସ୍ତରୀୟ ମ୍ୟାଚଗୁଡିକୁ ଅଗ୍ରଗତି କରିଥିଲା । ଶାରୀରିକ ଭିନ୍ନକ୍ଷମ ବିଶ୍ୱ କ୍ରିକେଟ ସିରିଜରେ ଭାରତ ପାଇଁ ଖେଳିବା ସମେତ ତାଙ୍କର ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ସଫଳତା ଏହି କ୍ରୀଡା ପ୍ରତି ତାଙ୍କର ଅକୁଣ୍ଠ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରୁଛି ।

# ପ୍ରାଣନାଥ ପଟ୍ଟନାୟକଙ୍କର ଶ୍ରାଦ୍ଧ ଦିବସ ପାଳିତ

**ଖୋର୍ଦ୍ଧା, ୫।୧୦ (ସଂଚାର ବ୍ୟୁରୋ):** ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମୀ ଭାବରେ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ସଂଗ୍ରାମରେ ସାମିଲ ହୋଇଥିଲେ । ନିଜର କଲେଜ ଜୀବନ ସମୟରେ ସ୍ୱାଧୀନତା ସଂଗ୍ରାମରେ ସତ୍ୟାଗ୍ରହ ହେବା ପାଇଁ ଆହ୍ୱାନ ଆସିଥିଲା ଯାହାକୁ ସେ ହାତଛଡା କରିନଥିଲେ । ସେ ଥିଲେ ଖୋରଧାରେ ଗଢି ଉଠିଥିବା ପ୍ରାଣନାଥ ମହବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା । ତାଙ୍କ ଜୟନ୍ତୀ ଓ ପୂଣ୍ୟତିଥିରେ ତାଙ୍କ ମଣିଷ ଗଢା କାରଖାନାରେ ତାଙ୍କ କୀର୍ତ୍ତି ଓ ଅବଦାନକୁ ନେଇ ବର୍ଣ୍ଣାଢ୍ୟ ସମାରୋହ ଅନୁଷ୍ଠିତ ହୋଇଥାଏ ।

ସ୍ଥାନୀୟ କେନ୍ଦ୍ର ସମବାୟ ବ୍ୟାଙ୍କ ଛକରେ ଥିବା ତାଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପ୍ରାଣନାଥ ସ୍ମୃତି ସଂସଦର ସମ୍ପାଦକ ଉତର ଓଡିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଭାଇସ ଚାନ୍ସଲର କ୍ଷୀରୋଦ ପ୍ରସାଦ ମହାନ୍ତି, ପ୍ରାକ୍ତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ବେଗୁନିଆ ପ୍ରମୋଦ ଚନ୍ଦ୍ର ଦାସ, ପ୍ରାକ୍ତନ ପ୍ରାଧ୍ୟପକ ଗୋପାଳ କୃଷ୍ଣ ଦାସ, ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଦେବ ପ୍ରସାଦ ମଜୁମଦାର, ମିହିର ପଟ୍ଟନାୟକ, ବିମଳଚନ୍ଦ୍ର ଷଡଙ୍ଗୀ, ଉମାଶଙ୍କର ପ୍ରସାଦ, ଜବାହାରଲାଲ ସୁବୁଦ୍ଧି ପ୍ରମୁଖଙ୍କ ସମେତ ବହୁ ଏନ.ସି.ସି ଛାତ୍ରମାନେ ଏକତ୍ରିତ ହୋଇ ସେମାନଙ୍କର ଶ୍ରଦ୍ଧାସୁମନ ପ୍ରଦାନ କରିଥିଲେ ।



# ବାଜି ରାଉତଙ୍କ ବଳିଦାନ ଯୋଗୁ ଭାରତ ବଡ଼ ପ୍ରଜାତାନ୍ତ୍ରିକ ଦେଶ

**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ବାଜି ରାଉତ ଜଣେ ବ୍ୟକ୍ତି ନୁହେଁ ଏ ଦେଶର ବୃହତ୍ତମ ଅନୁଷ୍ଠାନ । ଦେଶ ମାତୃକା ପାଇଁ ବାଜି ରାଉତ ଭଳି ଅନେକ ମହାପୁରୁଷଙ୍କ ବଳିଦାନ କାରଣରୁ ଭାରତ ଆଜି ପୃଥିବୀର ବଡ ପ୍ରଜାତାନ୍ତ୍ରିକ ହୋଇଛି ବୋଲି ଶନିବାର ଭୁବନେଶ୍ୱର ଠାରେ ଦେଶର ସର୍ବକନିଷ୍ଠ "ଶହୀଦ ବାଜି ରାଉତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ" ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

'ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନ' ଏବଂ ଢେଙ୍କାନାଳ ସାଂସ୍କୃତିକ ଆସୋସିଏସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ବାଜି ରାଉତ ଆମ ସମାଜ ଓ ସଭ୍ୟତାର ତ୍ୟାଗ ଏବଂ ସଂଘର୍ଷର ପ୍ରତୀକ । ସ୍ୱାଧୀନତା ସଂଗ୍ରାମୀ ବୈଷ୍ଣବ ଚରଣ ପଟ୍ଟନାୟକ, 'ଗଡଜାତ ଗାନ୍ଧୀ' ସାରଙ୍ଗଧର ଦାସ, ମୂଷା ମଲିକଙ୍କ ପରି ନେତୃତ୍ୱଙ୍କ ବିଚାରରେ ଅନୁପ୍ରାଣିତ ହୋଇ ବାଜି ରାଉତ ବ୍ରିଟିଶଙ୍କ ଆଦେଶକୁ ଅମାନ୍ୟ କରି ଏ ଜାତି ପାଇଁ ଶହୀଦ ହୋଇଥିଲେ । ୧୨ ବର୍ଷର ହୋଇ ମଧ୍ୟ ତାଙ୍କର ମାନସିକ ସ୍ଥିତି କିପରି ଦୃଢ ଥିଲା, ତାହା ଆମକୁ ଜାଣିବାକୁ ହେବ । ସ୍ୱୟଂ ପାଇଁ ନୁହେଁ ସମୂହର କଥା ଭାବୁଥିବା ଛୋଟ ବଳିତା ଥିଲେ ବାଜି । ଧର୍ମଗୁରୁ ଗୋବିନ୍ଦ ସିଂହଜୀଙ୍କ ସୁପୁତ୍ର ସାହିବଜାଦା ବାବା ଜୋରାୱର ସିଂ ଜୀ ଏବଂ ବାବା ଫତେହ ସିଂଜୀ ମଧ୍ୟ ଅନ୍ୟ ଧର୍ମ ପଥେ ନ ଯାଇ ବଳିଦାନକୁ ବାଛିଥିଲେ ।

ମୁଁ ଇତିହାସକାର ନୁହେଁ ବରଂ ମୁଁ ଇତିହାସରେ ବିଶ୍ୱାସ କରେ । ଇତିହାସ ପ୍ରତି ମୋର ପ୍ରତିବଦ୍ଧତା ଅଛି । ଦାସତ୍ୱ ବାଖ୍ୟାନ କରୁଥିବା କେହି ବି ପ୍ରଭାବଶାଳୀ ବ୍ୟକ୍ତି ହୁଅନ୍ତୁ ନା କାହିଁକି କିନ୍ତୁ ଦେଶ ମାତୃକାକୁ ସ୍ୱତନ୍ତ୍ରତା ଓ ସ୍ୱରଜ୍ୟ ଦେବା ପାଇଁ ଲଢୁଥିବା ସଂଗ୍ରାମୀମାନେ ଭୁଲ ଥିଲା ଭଳି ଯୁକ୍ତି ନକରନ୍ତୁ । ଗୋପବନ୍ଧୁ ସମାଜ ପାଇଁ ବାହାରି ଥିଲେ । ସେ ଆମ ସଭ୍ୟତା ଓ ଜାତିର ଚିର ନମସ୍ୟ । ଆମେ ସେହି ସଂସ୍କାରର ଦାୟିଦ । ସମାଜ ସଦାବେଳେ ବିବର୍ତ୍ତନରେ ବିଶ୍ୱାସ କରେ । ଆଗକୁ ଯାଏ । ପ୍ରଭାବ ପକାଏ । ନୂଆ ରୂପ ନିଏ । ଆମେ ତତ୍ତ୍ୱ ଉପରେ ଯୋର ଦେବା ଦରକାର । କାରଣ ସୃଷ୍ଟିକର୍ତ୍ତା ଦେବ ଓ ଦାନବ ଉଭୟ କଳ୍ପନା କରିଛନ୍ତି । ଭୁଲ, ଠିକ୍ ,ସୁଖ, ଦୁଃଖକୁ କଳ୍ପନା କରିଛନ୍ତି । ଭଗବତ ସତ୍ତା ଉପରେ ବିଶ୍ୱାସ ରଖି ଭଲ ପାଇଁ ପ୍ରୟାସ କରିବା ସଭ୍ୟ ସମାଜର ଦାୟିତ୍ୱ । ଏହା ହିଁ ବାଜି ରାଉତର ମୂଳ ତତ୍ତ୍ୱ ।

ଆମକୁ ଭବିଷ୍ୟତର ମାର୍ଗ ପ୍ରସ୍ତୁତ କରିବା ପୂର୍ବରୁ ଇତିହାସକୁ ଅନୁଶୀଳନ କରିବା ଜରୁରୀ । ଇତିହାସ

**ଶହୀଦ ବାଜି ରାଉତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

**ସମୂହର କଥା ଭାବୁଥିବା ଛୋଟ ବଳିତା ଥିଲେ ବାଜି ରାଉତ**

ନାମକ ଆଇନାକୁ ନ ଦେଖିଲେ ଭବିଷ୍ୟତର ରାସ୍ତାରେ ବାଟମଣା ହେବାର ଅନେକ ସମ୍ଭାବନା ଅଛି । ଓଡ଼ିଶା ନିଜର ବର୍ତ୍ତମାନକୁ ସାମ୍ନାରେ ରଖି ଇତିହାସକୁ ସ୍ମରଣ କରି ଭବିଷ୍ୟତର ଲମ୍ବା ଯୋଜନା କଲେ ହିଁ ବିକଶିତ ହୋଇପାରିବ । ବାଜି ରାଉତଙ୍କ ବଳିଦାନ ସେବେ ସାର୍ଥକ ହେବେ ଯେବେ ଓଡ଼ିଶା ଓ ଭାରତ ବିକଶିତ ହେବ । ସେହିପରି ଓଡ଼ିଶାର ଅନେକ ମହାପୁରୁଷଙ୍କୁ ଯୋଗ୍ୟ ସମ୍ମାନ ଦେବା ଜଣେ ରାଜା କିମ୍ବା ସଫଳ ପ୍ରଶାସକର ଦାୟିତ୍ୱ। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର



ବରପୁତ୍ର ମାନଙ୍କର ଜୟନ୍ତୀ ଓ ପୁଣ୍ୟତିଥିକୁ ସରକାରୀ ସ୍ତରରେ ପାଳନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଧନ୍ୟବାଦ । ଇତିହାସର ମୂଳ ଆଧାରରେ ଭବିଷ୍ୟତର ରାସ୍ତା ନିର୍ମାଣ କରିବା । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିଗରେ ଅଗ୍ରସର ହେଉଥିବା ସମୟରେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ବିର୍ସା ମୁଣ୍ଡା, ପଣ୍ଡିତ ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ବାଜି ରାଉତଙ୍କ ପରି ମହାପୁରୁଷଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ଆମେ ଆଗଭର ହେବା ।

ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଭୁବନେଶ୍ୱର ସ୍ଥିତ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶହୀଦ ବାଜି ରାଉତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ବିଧାୟକମାନେ ଯୋଗଦେଇଥିଲେ ।

## ୭ ଓ ୧୪ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ଆସନ୍ତା ଦୁଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ଅକ୍ଟୋବର ୭ ତାରିଖ ଓ ୧୪ ତାରିଖରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।୭ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ କିଛି ଜରୁରୀ କାର୍ଯ୍ୟ ଥିବାରୁ ଶୁଣାଣି ବନ୍ଦ ରହିବ । ସେହିପରି ୧୪ ତାରିଖରେ ଦୁର୍ଗାପୂଜା ଭସାଣି ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି ।

## ଏଥର କଟକରେ ହେବନି ବାଣ ପ୍ରତିଯୋଗିତା

**କଟକ, ୫।୧୦ (ସଂଚାର ବ୍ୟୁରୋ):** କଟକରେ ଏଥର ରାବଣ ପୋଡ଼ିରେ ହେବ ନାହିଁ ବାଣ ପ୍ରତିଯୋଗିତା। ସୁରୁଖୁରୁରେ ରାବଣ ପୋଡ଼ି ଉପରେ ଗୁରୁତ୍ୱାରୋପ କରିଛନ୍ତି ହାଇକୋର୍ଟ। କେବଳ ପରିବେଶକୁ ସୁହାଇଲା ଭଳି ରଙ୍ଗୀନ ବାଣ ବ୍ୟବହାର ପାଇଁ ଆଡଭୋକେଟ୍ କମିଟି ପ୍ରସ୍ତାବ ଦେଇଛି। ରାବଣ ପୋଡ଼ି ପାଇଁ କଟକ ବାଲିଯାତ୍ରା ତଳ ପଡ଼ିଆରେ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯିବ। ୧୦ ତାରିଖ ଭିତରେ ଏଥିନିମନ୍ତେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ସାରିବାକୁ ସିଏମ୍‌ସି ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଉକ୍ତ ସମୟରେ ଟ୍ରାଫିକର ସୁପରିଚାଳନା ପାଇଁ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ଆଳୁ ମିଶନ୍ ସଫଳ ପାଇଁ ଆଉ ପାଦେ ଆଗେଇଲେ ସରକାର**

# ପଞ୍ଜାବ ଓ ୟୁପିରୁ ଆସିବ ଆଳୁ ବିହନ

**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ଆଳୁ ମିଶନ୍ ସଫଳ କରିବା ପାଇଁ ଆଉ ପାଦେ ଆଗେଇଲେ ରାଜ୍ୟ ସରକାର। ଆଳୁ ଚାଷକୁ ସଫଳ କରିବା ପାଇଁ କୋଲକାତା ଗଲା ଏକ ଟିମ୍। ଏହି ଟିମ୍ ପଶ୍ଚିମବଙ୍ଗରେ ଥିବା ଆଳୁ ଷ୍ଟୋରେଜ୍ ସିଷ୍ଟମ୍‌କୁ ଅନୁଧ୍ୟାନ କରିବ। ଏଥିସହ ଏଥର ପଞ୍ଜାବ ଓ ଉତ୍ତରପ୍ରଦେଶରୁ ଆସିବ ଆଳୁ ବିହନ। ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ।

**ଶୀତଳ ଭଣ୍ଡାର ସ୍ଥିତି ଅନୁଧ୍ୟାନ ପାଇଁ କୋଲକାତା ଗଲା ଟିମ୍**



ଶ୍ରୀ ସିଂହଦେଓ କହିଛନ୍ତି, ଗତ ସରକାର ଆଳୁ ମିଶନ୍ କରିଥିଲେ। ଯାହା ବିଫଳ ହୋଇଥିଲା। କାରଣ ସମୟ ସୀମା ଭିତରେ ଚାଷୀଙ୍କୁ ବିହନ ଦେଇ ନ ଥିଲେ। ଜାନୁଆରୀ ମାସରେ ଚାଷୀଙ୍କୁ ବିହନ ଦିଆଯାଇଥିଲା। ଅର୍ଥାତ ଆଳୁ ଅମଳ ସମୟରେ ଚାଷୀଙ୍କୁ ବିହନ ଦିଆଯାଇଥିଲା। ସେଥିପାଇଁ ଆଳୁ ମିଶନ ଫେଲ୍ ମାରିଥିଲା। କିନ୍ତୁ ବର୍ତ୍ତମାନର ସରକାର ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଚାଷୀଙ୍କୁ ଆଳୁ ବିହନ ଯୋଗାଇଦେବା ପାଇଁ ବ୍ୟବସ୍ଥା କରୁଛନ୍ତି। ଏଥର ଉତ୍ତର ପ୍ରଦେଶ ଓ ପଞ୍ଜାବରୁ ଆଳୁ ବିହନ ଆଣାଯାଇ ଚାଷୀଙ୍କୁ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଉଛି।

ଶୀତଳଭଣ୍ଡାର ନିର୍ମାଣ ନେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୫୭ଟି ସବ୍‌ଡିଭିଜନ୍‌ରେ ପିପିପି ମୋଡ୍‌ରେ ହାଇବ୍ରିଡ୍ ଶୀତଳଭଣ୍ଡାର କରିବା ପାଇଁ ଲୋକଙ୍କୁ ଇନ୍‌ଭାଇଟ୍ କରାଯାଇଥିଲା। ଏଥିପାଇଁ ବହୁ ଲୋକ ଆଗ୍ରହୀ ଥିବା ଜଣାଇଛନ୍ତି। ସେମାନେ ପିପିପି ମୋଡ୍‌ରେ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ରାଜିଥିବା କହିଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୀତଳଭଣ୍ଡାର ପାଇଁ ବିଧିବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି। ନୂଆ ଟେକ୍ନୋଲୋଜି ବ୍ୟବହାର କରି ଭିନ୍ନ ଭିନ୍ନ ତାପମାତ୍ରାରେ ବିଭିନ୍ନ ପରିବା କିଭଳି ରଖିହେବ, ସେନେଇ ବିଭାଗ ତର୍ଜମା କରୁଛି । ଶୀତଳ ଭଣ୍ଡାରର ଭଡା କେମିତି ଅଧିକ ନ ହେବ ସେ ନେଇ ବି ତର୍ଜମା ହେଉଛି । ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଗୋଟିଏ ଟିମ୍ କୋଲକାତା ଯାଇଛନ୍ତି । ଏହି ଟିମ୍ ପଶ୍ଚିମବଙ୍ଗ ଶୀତଳ ଭଣ୍ଡାରର ସ୍ଥିତି ଅନୁଧ୍ୟାନ କରିବେ ବୋଲି କହିଛନ୍ତି କୃଷିମନ୍ତ୍ରୀ।

# ନୀଳକଣ୍ଠେଶ୍ୱର ପୋଖରୀ ତଥ୍ୟ ବିଭାଗରେ ନଥିବା କହିଲେ ଜେଇ

**ପୋଖରୀ ନାମରେ ବ୍ୟାପକ ଅର୍ଥ ଲୁଟ୍ ଅଭିଯୋଗ କଲେ ସୂଚନା ଅଧିକାର କର୍ମୀ**

**କଟକ, ୫।୧୦(ସଂଚାର ବ୍ୟୁରୋ):** କଟକ ସହରରେ ଜଳାଶୟ ଓ ପୁରାତନ ପୋଖରୀର ପୁନଃଉଦ୍ଧାର, ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ 'ଆମପୋଖରୀ' ଯୋଜନାରେ ସହରର ଅନେକ ଜଳାଶୟ, ପୋଖରୀ ପୁନଃଉଦ୍ଧାର କରାଯାଇଥିଲା।ଏଥିପାଇଁ କଟକ ମହାନଗର ନିଗମ ରାଜ୍ୟ ସରକାରଙ୍କ ଠାରୁ ପୁରସ୍କୃତ ହୋଇଥିବା ସତ୍ତ୍ୱେ ସହରରେ ଥିବା ପୋଖରୀର ପୁନଃଉଦ୍ଧାର, ନବୀକରଣର ସେଭଳି କାର୍ଯ୍ୟ ହୋଇନଥିବା ଦେଖାଯାଇଥିଲା। କଟକ ୪୨ନଂ ୱାର୍ଡରେ 'ଆମପୋଖରୀ' ଯୋଜନାରେ ୩୦ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ୨୦୨୩ ଅଗଷ୍ଟ ୨୯ତାରିଖରେ ନୀଳକଣ୍ଠେଶ୍ୱର ପୋଖରୀ ପୁନଃନବୀକରଣ ହୋଇଥିବା ସୂଚନାଫଳକରୁ ଜଣାପଡ଼ିଥିଲା। ଏହି ପୋଖରୀ ପ୍ରକଳ୍ପ କାର୍ଯ୍ୟ କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅସମ୍ପୂର୍ଣ୍ଣ ହୋଇଥିବା ସତ୍ତ୍ୱେ ଏହାକୁ ତତ୍କାଳୀନ ମନ୍ତ୍ରୀ, ସିଏମସି କମିଶନର, ମେୟର ସୁବାସ ସିଂ, ବିଧାୟକ ସୌଭିକ ବିଶ୍ୱାଳ, ସାଂସଦ ଭର୍ତ୍ତୃହରି ମହତାବ ଏବଂ ସିଏମସି କର୍ପୋରେଟର ଉପସ୍ଥିତରେ ଉଦ୍‌ଘାଟନ ହୋଇଥିବା ସୂଚନାଫଳକରୁ ଜଣାପଡ଼ିଛି। ପୋଖରୀର ଚାରିପଟ ସୌନ୍ଦର୍ଯ୍ୟକରଣ, ପାହାଚ ଏବଂ ପୋଖରୀ ଗଭୀରତା ନେଇ ସେଭଳି ଅର୍ଥ ବ୍ୟୟ ହୋଇନଥିବା ସନ୍ଦେହ ସୃଷ୍ଟି ହୋଇଥିବା ଯୋଗୁଁ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ୨୦୨୪ଜୁନ୍ ୨୫ତାରିଖରେ ଏ ସଂପର୍କିତ ତଥ୍ୟ ସିଏମସି ଜନସୂଚନାଅଧିକାରୀଙ୍କୁ ଆରଟିଆଇରେ ମାଗିଥିଲେ। ଏହି ସୂଚନାର ତଥ୍ୟ କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ରଙ୍କ ବିଭାଗରେ ନଥିବା



ସିଏମସି ଜନସୂଚନା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଲିଖିତ ଜଣାଇଥିଲେ। ସୂଚନାର ତଥ୍ୟ ନପାଇବାରୁ ଜିତେନ୍ଦ୍ର ଅଗଷ୍ଟ ୩୧ତାରିଖରେ ସିଏମସି ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରଥମ ଅପିଲ କରିବା ପରେ ପ୍ରଥମ ଅପିଲ କର୍ତ୍ତୃପକ୍ଷ ସେପ୍ଟେମ୍ବର ୨୧ତାରିଖରେ ଅପିଲ ଶୁଣାଣୀ କରିଥିଲେ ଶୁଣାଣୀରେ କନିଷ୍ଠ ଯନ୍ତ୍ରୀ ମିଶ୍ର ଅନୁପସ୍ଥିତ ଥିଲେ।। ସିଏମସି ଚିଠି ନଂ-୬୮୨୪(ପିଡବ୍ଲୁ) ତା-୧୨.୦୯.୨୪ରେ ନୀଳକଣ୍ଠେଶ୍ୱର ପୋଖରୀ ସଂପର୍କିତ ତଥ୍ୟ ନଥିବା କନିଷ୍ଠ ଯନ୍ତ୍ରୀ ଜଣାଇବା ନେଇ ପ୍ରଥମ ଅପିଲ ଉପସ୍ଥାପନ କରିବା ପରେ ଜିତେନ୍ଦ୍ର ପୋଖରୀ ସଂପର୍କିତ ଫଟୋଚିତ୍ର ଏବଂ ସିଏମସି ଟ୍ୱିଟର ନକଲକପି ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କୁ ପ୍ରମାଣ ସ୍ୱରୂପ ଦେଇଥିଲେ। ଏହାପରେ ୧୫ଦିନ ମଧ୍ୟରେ ସଂପୂର୍ଣ୍ଣ ତଥ୍ୟ ନିଃଶୁଳ୍କ ଦେବାପାଇଁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ସିଏମସି ଚିଠି ନଂ-୧୪୪୬୬/ତା-୨୫.୦୯.୨୪ ରିଖରେ ଏକ ଅର୍ଡର କରିବାର ପରେ ମଧ୍ୟ ଏହାକୁ ବେଖାତିର କରି ଆଜି ପର୍ଯ୍ୟନ୍ତ ତଥ୍ୟ ମିଳିନଥିବା ଅଭିଯୋଗ କରିଛନ୍ତି ଜିତେନ୍ଦ୍ର।

## ବିସିଟିକୁ ସ୍ୱେଚ୍ଛାକୃତ ରକ୍ତଦାତା ସମ୍ମାନ




**କଟକ,୫।୧୦(ସଂଚାର ବ୍ୟୁରୋ):** ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ, ଓଡ଼ିଶା (ବିସିଟି)କୁ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ନେଇ ରାଷ୍ଟ୍ରୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସରେ ସମ୍ମାନିତ କରାଯାଇଛି । କଟକ କେନ୍ଦ୍ରୀୟ ରେଡ୍‌କ୍ରସ ନିର୍ଦ୍ଦେଶକ ଡାକ୍ତର ଚନ୍ଦ୍ରିକା ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ, ଡ଼କ୍ଟର କନକ ଲତା ଦେଇ, ସମ୍ବାଦ ଆମ ଓଡ଼ିଶାର ସଂପାଦକ ଅରବିନ୍ଦ ଦାସ, ରେଡକ୍ରସ୍ ଆୱାରନେସ କମିଟି ସଭାପତି ରଂଜନ ବିଶ୍ୱାଳ, ନଗର ବିଜେପି ସଭାପତି ଲଲାଟେନ୍ଦୁ ବଡ୍ଡ, ତହସିଲଦାର ସୁଜୟ କୁମାର, ରକ୍ତଭଣ୍ଡାର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିସିଟି ପକ୍ଷରୁ ସହ ସମ୍ପାଦକ ଇଂ.ସୁରଜ୍ ବେହେରା ସମ୍ମାନ ଫଳକ, ପ୍ରଶସ୍ତି ପତ୍ର ଓ ଅଙ୍ଗବସ୍ତ୍ର ଗ୍ରହଣ କରିଥିଲେ। ଏହି ମହା ସଫଳତା ନେଇ ଟ୍ରଷ୍ଟ ପରିବାରକୁ ଅଧ୍ୟକ୍ଷ ଇଂ.ବିମଳ ଚଂଦ୍ର, ସମ୍ପାଦକ ପ୍ରିନ୍ସ ନନ୍ଦ, ସଂଯୋଜକ ଇଂ.ସେବକ ଶ୍ରୀକାନ୍ତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

**କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜିପି**

# ସତରେ କ'ଣ ମାରିଦେଇଛି ପୋଲିସ ?

**ଭୁବନେଶ୍ୱର, ୫ ।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଡାଙ୍ଗଶାମୁ ଘାଟିରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା । ଘଟଣାର ୮ ଦିନ ପରେ ବି ସୁଧୁରୁନି ସ୍ଥିତି। ପୋଲିସର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନରେ ପରିବାର ଲୋକେ ସନ୍ତୁଷ୍ଟ ନ ଥିବାରୁ ଏବେ ଏହାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଛି। ଏହି ମାମଲାର ତଦନ୍ତ କରିବେ ଡିଏସପି ରଜତ କୁମାର ରାୟ । ପୂର୍ବରୁ ଏହି ଘଟଣାର ତଦନ୍ତ କରି ୫ ପୋଲିସ୍‌ଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ମାମଲାରେ ଗୋଛାପଡ଼ା ଥାନାର ଏସଆଇ ଓ ହାବିଲଦାର ନିଲମ୍ବିତ ହୋଇଥିବା ବେଳେ ଅବହେଳା ପାଇଁ ୩ ହୋମଗାର୍ଡଙ୍କୁ ମଧ୍ୟ କାର୍ଯ୍ୟରୁ ଅନ୍ତର କରାଯାଇଛି। ଏହାପରେ ବି ପରିବାର ଲୋକ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ଥମୁନି। ଗତ ୨୮ ତାରିଖରେ ଘାଟି ତଳୁ ଜ୍ୟୋଷ୍ଟ ବଣ୍ଡକି ନାମକ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପୋଲିସ୍ ପ୍ରଥମେ ଗାଡ଼ି ଧକ୍କା ଦେବା ପରେ ପିଟିପିଟି ମାରି ଘାଟି ତଳକୁ ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ମୃତକଙ୍କ ଭାଇ ଏବଂ ସାଲାଗୁଡ଼ା ସରପଞ୍ଚ କରିଥିବା ଅଭିଯୋଗ ଅନୁଯାୟୀ, ଗତ ୨୬ ତାରିଖରେ ଜ୍ୟୋଷ୍ଟ ବଣ୍ଡକି ଏବଂ ଦାସିରି ଦିଗାଲ ଗୋଟିଏ ବାଇକ୍‌ରେ କଣ୍ଟାମାଳ ଅଭିମୁଖେ ଯାଉଥିଲେ। ସେମାନେ ଗଞ୍ଜେଇ ନେଇ ଯାଉଥିବା ସନ୍ଦେହରେ ପୁଲିସ ପାଟ୍ରୋଲିଂ ଭ୍ୟାନ୍ ସେମାନଙ୍କ ପିଛା କରି ଡାଙ୍ଗଶାମୁ ଘାଟିରେ ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ପରେ ଦାସିରି ଦିଗାଲ ଘଟଣାସ୍ଥଳରୁ ଖସି ପଳାଇଥିଲେ। ମାତ୍ର ଜ୍ୟୋଷ୍ଟ ତଳେ ପଡ଼ି ଯାଇଥିବା ବେଳେ ଉପସ୍ଥିତ ପୋଲିସ୍ କର୍ମୀ ତାଙ୍କୁ ନିର୍ଦ୍ଧୁମ ପିଟିଥିଲେ।

## ଗ୍ୟାସ୍ ଲିକ୍: ପଟିଆ-ଇନ୍‌ଫୋସିଟି ରାସ୍ତା ବନ୍ଦ



**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ଛନକା। ଅନ୍ୟତମ ବ୍ୟସ୍ତ ବହୁଳ ଚନ୍ଦକା ଶିଳ୍ପାଞ୍ଚଳରେ ଥିବା ଏକ କେମିକାଲ ଫ୍ୟାକ୍ଟ୍ରିରୁ ଗ୍ୟାସ୍ ଲିକ ହୋଇଛି। ଶିଭମ୍ କେମିକାଲ୍ସ ନାମକ ଫ୍ୟାକ୍ଟ୍ରିରେ ସୋଡିୟମ୍ ହାଇପୋକ୍ଲୋରାଇଟ୍ ଗ୍ୟାସ୍ ଲିକ୍ ହେବାରୁ ଆତଙ୍କ ଖେଳିଯାଇଛି। ଗ୍ୟାସ ଆୟତ୍ତ କରିବାକୁ ଅଗ୍ନିଶମ ବାହିନୀର ୫ ଟିମ୍ ଉଦ୍ୟମ କରୁଛନ୍ତି। ୨ଟି ସିଲିଣ୍ଡରକୁ ଜନବସତିରୁ ଦୂରକୁ ନେଇଯାଇଛନ୍ତି ଅଗ୍ନିଶମ କର୍ମଚାରୀ। ସଂପୃକ୍ତ ଅଞ୍ଚଳରେ ରାସ୍ତାଘାଟ ବନ୍ଦ କରିଛି କମିଶନରେଟ୍ ପୁଲିସ। ପଟିଆରୁ ଇନ୍‌ଫୋସିଟି ରାସ୍ତାକୁ ବନ୍ଦ କରାଯାଇଛି। ଘଟଣା ଉପରେ ନଜର ରଖାଯାଇଥିବା କହିଛନ୍ତି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ।

# ସହମତିରେ ସେକ୍ସ...ତାପରେ ବଳାତ୍କାର

**ଆଇନ୍ ଛାଟରେ ତଦନ୍ତ ବାଟବଣା**

**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ସୋସିଆଲ୍ ମିଡିଅ ହେଉ କି ଚିହ୍ନାପରିଚୟ, ଉଭୟ ପରସ୍ପରକୁ ଜାଣୁଛନ୍ତି। କିଛି ଦିନ କଥାବାର୍ତ୍ତା ପରେ ଆରମ୍ଭ ହୁଏ ପ୍ରେମ ଆଉ ତା'ପରେ ସେକ୍ସ। ଏହାପରେ ଆରମ୍ଭ ହୁଏ ବ୍ଲାକ୍‌ମେଲିଂ। ଭୟରେ ବ୍ଲାକ୍‌ମେଲିଂ ଶିକାର ହେଲା, ବାଧ୍ୟହୋଇ ତା'ନାରେ ଥାନାରେ ବଳାତ୍କାର ଅଭିଯୋଗ କଲେ। ପୁଲିସ୍ ମାମଲା ରୁଜୁ କରି କିଛି ତଦନ୍ତ ନ କରି ସିଧା ବଳାତ୍କାର ଅଭିଯୋଗରେ ଜେଲ୍ ପଠାଇ ଦେଲା। ଗତ ୮ ମାସ ଭିତରେ ଭୁବନେଶ୍ୱର ପୁଲିସ୍ ଜିଲ୍ଲାରେ ୨୦ରୁ ଅଧିକ ଘଟଣା ଘଟିଛି। କିଏ ଜେଲରେ ସଢୁଛି ତ' ପୁଣି କିଏ ଭୟରେ ଫେରାର ହୋଇଯାଇଛି।

ସୂଚନା ଅନୁଯାୟୀ, ଲକ୍ଷ୍ମୀସାଗର ଥାନା ଝାରପଡାର ଏକ ଆପାର୍ଟମେଣ୍ଟରେ ରହୁଥିବା ଜଣେ ମହିଳା ଅଭିଯୋଗ ଆଣିଥିଲେ, ପଡୋଶୀ ତାଙ୍କୁ ବଳାତ୍କାର କରିଛନ୍ତି। ଏମିତି ଯାହାର ପ୍ରମାଣ ଯୁବତୀଙ୍କ ପାଖରେ ରହିଛି। ପୁଲିସ୍ ମାମଲା ରୁଜୁ କରି ଆରମ୍ଭ କରିଥିଲା ତନାଘନା। ତଦନ୍ତ ସମୟରେ ଜାଣିବାକୁ ପାଇଥିଲା, ଯୁବତୀ ଉକ୍ତ ଆପାର୍ଟମେଣ୍ଟର ଜଣେ ବିହାହିତ ଲୋକ (ବ୍ୟବସାୟୀ)ଙ୍କୁ ତାଙ୍କ ପ୍ରେମ ଜାଲରେ ଫସାଥିଲେ। ସହମତିରେ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ଏହି ଅନ୍ତରଙ୍ଗ ସମୟର ଭିଡିଓ ରେକର୍ଡିଂ କରି ରଖିଥିଲେ ଯୁବତୀ। ପରେ ସ୍ଥାନୀୟ କିଛି ବ୍ୟକ୍ତିଙ୍କ ସହ ମିଶି ସେ ବ୍ୟବସାୟୀଙ୍କୁ ୩୫ ଲକ୍ଷ ଟଙ୍କା ମାଗିଥିଲେ। ୧୦ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇଥିଲେ ବ୍ୟବସାୟୀ। ଟଙ୍କା ନ ଦେଲେ ବରବାଦ କରିଦେବେ ବୋଲି ଧମକ ଦେଇଥିଲେ। ଏ ସବୁ ପ୍ରମାଣ ମିଳିବା ପରେ ପୁଲିସ୍ ଅଭିଯୁକ୍ତକୁ ଅନୁକମ୍ପା ଦେଖାଇଥିଲା। ହେଲେ ମହିଳା କମିଶର ଓ ଡିଜିଙ୍କ ପାଖକୁ ଯିବେ ବୋଲି ଧମକ ଦେଇଥିଲେ।

ସେହିଭଳି ଖଣ୍ଡଗିରି ଥାନାରେ ଅଞ୍ଚଳରେ ମଧ୍ୟ ସମନା ଘଟଣା ଘଟିଛି। ୬୮ ବର୍ଷର ଜଣେ ବରିଷ୍ଠ ନାଗରିକଙ୍କ ପରିବାର ଲୋକ ବାହାରେ ରହୁଛନ୍ତି। ସେ ଏଠାରେ ଏକା ରହୁଛନ୍ତି। ୨୫ ବର୍ଷର ଜଣେ ଯୁବତୀ ତାଙ୍କ ସହ ତାଙ୍କ ମଧୁସୂଦନ ପାର୍କରେ ଦେଖା ହୋଇଥିଲା। ପରେ ଉଭୟ ଫୋନ୍ ନମ୍ବର ଦିଆନିଆ ହୋଇଥିଲେ। ଯୁବତୀ ଯେତେବେଳେ ଜାଣିଲେ ତାଙ୍କ ପାଖରେ କେହି ନାହାନ୍ତି, ପ୍ରେମ ଜାଲରେ ଫସାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ। ସ୍ଥିତି ଏମିତି ହେଲା ଯେ, ଉଭୟଙ୍କ ମଧ୍ୟରେ ସହମତିରେ ଶାରିରୀକ ସମ୍ପର୍କ ରହିଥିଲା। ଯେତେ ଥର ବୃଦ୍ଧ ସମ୍ପର୍କ ରଖନ୍ତି ତା' ବଦଳରେ ବିଭିନ୍ନ ଦାମୀ ଉପହାର ଦିଅନ୍ତି। ଏମିତି ଏକ ସ୍କୁଟି ମଧ୍ୟ ଦେଇଛନ୍ତି। ଯୁବତୀ ଦିନେ ୫ ଲକ୍ଷ ଟଙ୍କା ମାଗିଥିଲେ, ହେଲେ ବୃଦ୍ଧ ମନା କରିଦେଇଥିଲେ। ଏମିତି ଫୋନ୍‌ରେ କଥା ହେବା ବନ୍ଦ କରିଦେଇଥିଲେ। ଯୁବତୀ ବିଭିନ୍ନ ଫଟୋ ଓ ଭିଡିଓ ନେଇ ଖଣ୍ଡଗିରି ଥାନରେ ଏତଲା ଦେଇଥିଲେ। ପୁଲିସ୍ ବଳାତ୍କାର ମାମଲା ରୁଜୁ କରିଛି। ସବୁ ଥାନାରେ ଏମିତି ଘଟଣା ଘଟିଛି। ପୁଲିସ୍ ମାମଲା ରୁଜୁ କରି ତଦନ୍ତ କରୁଛି।



**● ତଦନ୍ତ କଲେ ପୁଲିସ୍ ବଦନାମ !**

ଯଦି କୌଣସ ମହିଳା କି ଯୁବତୀ ବଳାତ୍କାର ଅଭିଯୋଗ ଆଣୁଛନ୍ତି, ପୁଲିସ୍ ତୁରନ୍ତ ମାମଲା ରୁଜୁ କରି ଆରମ୍ଭ କରୁଛି ତନାଘନା। ବିଭିନ୍ନ ପ୍ରତିଶ୍ରୁତି ଦେଇ ଯଦି କୌଣସି ବ୍ୟକ୍ତି ସହମତିରେ ଶାରିରୀର ସମ୍ପର୍କ ରଖିଛି ତା'ହେଲେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରୁଛି। କିଛି ଘଟଣାରେ ସହମତିରେ ଶାରିରୀର ସମ୍ପର୍କ ରଖି ସ୍ୱାର୍ଥ ହାସଲ୍ ନ ହେଲେ ମହିଳା ଓ ଯୁବତୀ ବଳାତ୍କାର ଅଭିଯୋଗ କରୁଛନ୍ତି। ପୁଲିସ୍ ତଦନ୍ତ ବେଳେ ଜାଣିବାକୁ ପାଏ ଏହା ବଳାତ୍କାର ନୁହଁ। ଯଦି ଅଭିଯୁକ୍ତ ସକ୍ଷରେ ପୁଲିସ୍ କିଛି କୁହେ କି ଗିରଫ କରେନି ତା'ହେଲେ ବିଭିନ୍ନ ସମାଲୋଚନାର ଶିକାର ହୁଏ। ଏମିତି କି ପୁଲିସ୍ ବିରୋଧରେ ଟଙ୍କା କାରବାର କଥା ଉଠେ। ଏହି ବଦନାମ ଭୟରେ ପୁଲିସ୍ ସଠିକ୍ ତଦନ୍ତ ନ କରି ଅଭିଯୋଗ ପାଇବା ମାତ୍ରେ ଗିରଫ କରି କୋର୍ଟ ଚାଲାଣ କରେ। ପରେ ସାକ୍ଷ୍ୟପ୍ରମାଣ ଅଭାବରୁ ଅଭିଯୁକ୍ତ କୋର୍ଟରୁ ଅଭିଯୁକ୍ତ ନିର୍ଦ୍ଦୋଶେରେ ଖଲାସ ହୁଏ।

**● ବଳାତ୍କାର କାହାକୁ କୁହାଯିବ**

କୌଣସି ନାରୀର ଅନିଚ୍ଛା ସତ୍ତ୍ୱେ ଯୋର ଜବରଦସ୍ତ ଶାରିରୀକ ସମ୍ପର୍କ ରଖିବା ହେଉଛି ବଳାତ୍କାର। ତା'ଛଡା ନାବାଳିକା, ମାନସିକ ଓ ଶାରିରୀକ ବିକଳାଙ୍ଗ ମହିଳାଙ୍କ ସହ ଯଦି କୌଣସି ପୁରୁଷ ତାଙ୍କ ସହମତିରେ ଶାରିରୀକ ସମ୍ପର୍କ ରଖେ ତ'ହେଲେ ଏହା ବଳାତ୍କାର। ସେପଟେ ଶିକ୍ଷତି ଓ ସାବାଳିକା ହୋଇଥିବା ନାରୀ ତାର ସହମତିରେ ଯଦି କାହା ସହ ସମ୍ପର୍କ ରଖେ ତାହା ବଳାତ୍କାର ନୁହେଁ ବୋଲି ଆଇନ୍ କହୁଛି। ହେଲେ ପୁଲିସ୍ ଆଇନ୍ କାନୁନ କିଛି ଦେଖିପାରେନି। ଅଭିଯୋଗ ପାଇଲେ ମାମଲା ରୁଜୁ କରେ। କାରଣ ଯଦି ଆଇନ୍ କହୁଛି ଯଦି କୌଣସି ମହିଳା ଲିଖିତ ଅଭିଯୋଗ କରୁଛି ତା'ହେଲେ ତୁରନ୍ତ ମାମଲା ରୁଜୁ କର। ତାର ଲିଖିତ ଏତଲା ହିଁ ପ୍ରମାଣ। ବଳାତ୍କାର ସବୁବେଳେ ଲୁକାୟିତ ସ୍ଥାନରେ ହୁଏ। ଲୁକାୟିତ ସ୍ଥାନରେ ପ୍ରମାଣ କେଉଁଠୁ ଆସିବ।

**ଭରତପୁର ଥାନା ମାମଲା**

# ୨୧ ଦିନ ଯାଏଁ ସତ୍ୟପାଠ ଗ୍ରହଣ

**ଭୁବନେଶ୍ୱର, ୫।୧୦ (ସଂଚାର ବ୍ୟୁରୋ):** ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦିଆଯାଇଥିବା ନିର୍ଯାତନା ମାମଲାର ବିଚାର ବିଭାଗୀୟ ତଦନ୍ତ ନିମନ୍ତେ ଆୟୋଗଙ୍କ ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଚାର ବିଭାଗୀୟ ତଦନ୍ତ ଆୟୋଗ ଅଧ୍ୟକ୍ଷ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସ ଏହି ମାମଲାର ତଦନ୍ତ କରୁଛନ୍ତି। ଯେକୌଣସି ବ୍ୟକ୍ତି, ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧି, ଯିଏ ବି ଏହି ମାମଲା ସମ୍ପର୍କରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଅବଗତ ଅଛନ୍ତି, ସେମାନେ ସତ୍ୟପାଠ ଦାଖଲ କରିପାରିବେ। ସେହିପରି ସଚେତନ ନାଗରିକ, ପୂର୍ବତନ ପୁଲିସ ଅଧିକାରୀ, ଆଇନଜୀବୀ ପ୍ରମୁଖ କିଭଳି ଏଭଳି ଘଟଣାର ଆଗକୁ ପୁନରାବୃତ୍ତି ନ ହେବ ଏବଂ ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିହେବ, ସେନେଇ ସତ୍ୟପାଠ ଜରିଆରେ ମତାମତ ଦେଇପାରିବେ।

ଆଜିଠୁ ୨୧ ଦିନ ପର୍ଯ୍ୟନ୍ତ ସତ୍ୟପାଠ ଗ୍ରହଣ କରାଯିବ। ବିବୃତ୍ତି ଓ ମତାମତ ଗ୍ରହଣ ପାଇଁ ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଆୟୋଗଙ୍କ କାର୍ଯ୍ୟାଳୟ ଫୋନ୍ ନମ୍ବରରେ ଯୋଗାଯୋଗ କରିହେବ। ସେହିପରି ସତ୍ୟପାଠ ଦ୍ୱାରା ବିବୃତ୍ତି ଓ ମତାମତ ଗ୍ରହଣ ପାଇଁ ଅଫିସ କାର୍ଯ୍ୟ ଦିବସ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି

ସୂଚନାଯୋଗ୍ୟ, ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନ ମାମଲାରେ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହି ଘଟଣାରେ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସମେତ ୫ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଏହି ଘଟଣା କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର